ବର୍ଷ-୫୨ : ସଂଖ୍ୟା-୪ ଏପ୍ରିଲ, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଏପ୍ରିଲ, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ସଙ୍ଗୀତ ଓ ସୌନ୍ଦର୍ଯ୍ୟବୋଧ ସମ୍ପର୍କରେ | ... | ଶ୍ରୀମା | ... | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ଷଷ୍ଠ ଅଧ୍ୟାୟ) | | | | |
| କର୍ମ, ଭକ୍ତି ଓ ଜ୍ଞାନ | ... | ଶେଖ ଅବଦୁଲ କାଶମ | ... | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୫) | ... | ... | ... | ୧୩ |
| ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? | ... | ରାମକୃଷ୍ଣ ଦାସ | ... | ୧୭ |
| କର୍ମ (କବିତା) | ... | ସନ୍ତୋଷ ରଥ | ... | ୨୦ |
| ଦୁଇ ଗାୟକ | ... | ମନୋଜ ଦାସ | ... | ୨୧ |
| ନୂତନ ଯୁଗ ପ୍ରବର୍ତ୍ତନ | ... | ପ୍ରପତ୍ତି | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୦) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୬ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୭୮) | ... | ସାହାନା ଦେବୀ | ... | ୨୯ |
| ଗ୍ରହଣଶୀଳତା ସମ୍ପର୍କରେ | ... | କୁମାର ଚନ୍ଦ୍ର ମିଶ୍ର | ... | ୩୦ |
| କବି ନିଶିକାନ୍ତ (୯) | ... | ... | ... | ୩୬ |
| ସୁକ୍ଷ୍ମତାର ପରମ ଗୋପନୀୟତା (୧୦) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୦ |
| ତୋର ଦରଶନେ (କବିତା) | ... | କୁଳମଣି ରାଉତ | ... | ୪୨ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୧) | ... | ଗୟାଧର ଦାଶ | ... | ୪୩ |
| କରୁଣା (କବିତା) | ... | କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ | ... | ୪୬ |
| ଆମ ଶରୀର (୩୩) | ... | ଭୋଳେଶ୍ୱର ଭୂୟାଁ | ... | ୪୭ |
| ଦିବାସ୍ୱପ୍ନ (୪) | ... | ଗିଜୁଭାଇ ବଧେକା | ... | ୫୦ |
| ସୁନ୍ଦରପକ୍ଷ | ... | ମଧୁସୂଦନ ମହାପାତ୍ର | ... | ୫୫ |
| ତଥ୍ୟ ଦୃଷ୍ଟିରୁ ଅଜ୍ଞାତପ୍ରାୟ | | | | |
| ଆମ ସାହିତ୍ୟ ପ୍ରବାହର ପ୍ରଣମ୍ୟ ଭଗୀରଥବୃନ୍ଦ | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ତୁମେ ହିଁ ଏ ପୃଥିବୀର ପ୍ରଭୁ; ତୁମରି ବିଧାନ ହିଁ ଆମ ଆଗରେ ଯଥାଯଥ ଭାବେ ହୁଏ ଉନ୍ମୋଚିତ, ଏବଂ ପ୍ୟାରିସ ତ୍ୟାଗ ପୂର୍ବରୁ ମୁଁ ଯେପରି ଭାବିଥିଲି, ବରଂ ତୁମେ ମୋତେ ଯେପରି ଭାବରେ ବୁଝିବାକୁ ଦେଇଥିଲ, ପୃଥିବୀରେ ତୁମ କାର୍ଯ୍ୟର ସହାୟତା ନିମନ୍ତେ ଯାହା ସବୁଠାରୁ ଉତ୍ତମ, ତାହା ହିଁ ଘଟିଛି ।

ଅନ୍ଧକାର ଓ ଭ୍ରାନ୍ତିକୁ ନିୟନ୍ତ୍ରଣରେ ରଖିଥିବା ତୁମ ଶକ୍ତି ସହ ମୁଁ ସାନନ୍ଦ ଯୋଗାଯୋଗ କଲି – ଯେଉଁ ଶକ୍ତି ପଙ୍କିଳ କପଟୀ ବଳ ଏବଂ ତା'ର ଆପାତ-ଦୃଶ୍ୟ ସାଫଲ୍ୟର ଊର୍ଦ୍ଧ୍ୱରେ ଅପୂର୍ବ ସୁନ୍ଦର ତଥା ଶାଶ୍ୱତ ଉଷା ରୂପେ ଭାସ୍ୱର । ସବୁକିଛି ଆଲୋକ ଭିତରକୁ ଆନୀତ, ଆନ୍ତରିକତାର ପୂର୍ଣ୍ଣ ଆଲୋକ ଅଭିମୁଖେ ଆମେ ନେଇଛୁ ଆଉ ଏକ ପଦକ୍ଷେପ, ଏବଂ ଏହି ପୂର୍ଣ୍ଣ ଆଲୋକ ହିଁ ହେବ ପୃଥିବୀପୃଷ୍ଠରେ ତୁମ ରାଜତ୍ୱର ପ୍ରଥମ ପର୍ଯ୍ୟାୟ ।

ହେ ଅଚିନ୍ତନୀୟ ଐଶ୍ୱର୍ଯ୍ୟ ଦୀପ୍ତି, ସମସ୍ତ ଅଜ୍ଞାନର ଦମନକାରୀ, ସମସ୍ତ ଅହଂ ଉପରେ ବିଜେତା, ତୁମେ ଯିଏକି ସମସ୍ତ ହୃଦୟକୁ କର ଜ୍ୟୋତିର୍ମୟ ଏବଂ ସମସ୍ତ ମନକୁ କର ଆଲୋକିତ, ତୁମେ ଯିଏକି ଜ୍ଞାନ ଏବଂ ପ୍ରେମ ଏବଂ ପରମସତ୍ତା, ମୋତେ ନିୟତ ତୁମରି ଏକତାର ଚେତନାରେ ରହିବାକୁ ଦିଅ । ମୋତେ ନିୟତ ତୁମରି ସଂକଳ୍ପ ସହ ସଂହତ ରହିବାକୁ ଦିଅ ।

ହେ ବିଶ୍ୱର ସାର୍ବଭୌମ ପ୍ରଭୁ, ତୁମ ଆଗରେ ମୁଁ ସଶ୍ରଦ୍ଧ ଓ ସଭକ୍ତି ପ୍ରଣତ ।

ଏପ୍ରିଲ ୨୮, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

The Mother guides, helps each according to his nature and need, and, where necessary, herself intervenes with her Power enabling the sadhak to withstand the rigours and demands of the Path.

She has placed herself – with all the Love, Peace, Knowledge and Consciousness that she is – at the disposal of every aspiring soul that looks for help.

(Letters on the Mother, p. 332) – Sri Aurobindo

ପ୍ରତ୍ୟେକକୁ ତା'ର ପ୍ରକୃତି ଓ ପ୍ରୟୋଜନ ଅନୁସାରେ ଶ୍ରୀମା ଦିଗ୍‌ଦର୍ଶନ ଦିଅନ୍ତି, ସାହାଯ୍ୟ କରନ୍ତି ଏବଂ ଆବଶ୍ୟକ ସ୍ଥଳେ ସାଧକ ଯେପରି ସାଧନାପଥର କଠୋରତା ଓ ଦାବି ସହ୍ୟ କରିପାରିବାରେ ସକ୍ଷମ ହେବ, ସେଥିପାଇଁ ନିଜ ଶକ୍ତି ଯୋଗେ ହସ୍ତକ୍ଷେପ କରନ୍ତି ।

ସେ ସ୍ୱୟଂ ଯେଉଁ ପୂର୍ଣ୍ଣ ପ୍ରେମ, ଶାନ୍ତି, ଜ୍ଞାନ ଏବଂ ଚେତନା – ତାହା ଯୋଗେ ସହାୟତାକାମୀ ପ୍ରତ୍ୟେକ ଅଭୀପ୍ସୁର ସହାୟତା ନିମନ୍ତେ ସେ ଆପଣାକୁ ସୁଲଭ୍ୟ କରି ରଖିଛନ୍ତି ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୦୪)

## ଶ୍ରୀଅରବିନ୍ଦ

Inviting to their high and exquisite sphere,
To their secure and fine extremities
This creature who hugs his limits to feel safe,
These heights declined a greater
adventure's call.

ସେହି ଶିଖରସକଳ ଆପଣାର ସମୁଚ୍ଚ ଓ ଅପରୂପ ରାଜ୍ୟକୁ, ସେସବୁର ସୂକ୍ଷ୍ମ ଚରମ ସୀମାନ୍ତକୁ ଆସିବା ପାଇଁ ଆମନ୍ତ୍ରଣ ଜଣାଉଥିଲେ ଏହି ଜୀବଟିକୁ, ଯିଏ ନିଜର ସୀମାଗୁଡ଼ିକୁ ଜାବୁଡ଼ି ଧରିଥାଏ ସୁରକ୍ଷିତ ଅନୁଭବ କରିବା ସକାଶେ, ଅଥଚ ଏକ ବୃହତ୍ତର ଦୁଃସାହସିକ ଅଭିଯାନର ଆହ୍ୱାନକୁ ଏହିସବୁ ଶିଖର ପ୍ରତ୍ୟାଖ୍ୟାନ କରି ଦେଉଥିଲେ ।

A glory and sweetness of satisfied desire
Tied up the spirit to golden posts of bliss.

ସଂତୃପ୍ତ ବାସନାର ଏକ ମହିମା ଓ ମାଧୁର୍ଯ୍ୟ ଆହ୍ଲାଦର ସୁବର୍ଣ୍ଣ ଯୂପକାଠରେ ଆତ୍ମାକୁ ବାନ୍ଧି ରଖିଥିଲା ।

It could not house the wideness of a soul
Which needed all infinity for its home.

ଯେଉଁ ଅନ୍ତରାତ୍ମା ଆପଣାର ବାସଗୃହ ପାଇଁ ସମଗ୍ର ଅନନ୍ତତାକୁ ଲୋଡ଼ୁଥିଲା, ସେହି ଅନ୍ତରାତ୍ମାର ପ୍ରସାରକୁ ଏହା ଆଶ୍ରୟ ଦେଇପାରୁ ନ ଥିଲା ।

A memory soft as grass and faint as sleep,
The beauty and call receding sank behind
Like a sweet song heard fading far away
Upon the long high road to Timelessness.

ତୃଣ ପରି ସୁକୋମଳ ଏବଂ ତନ୍ଦ୍ରା ପରି ଅସ୍ଫୁଟ ଏକ ସ୍ମୃତି ସ୍ୱରୂପ ସୁଷମା ଓ ଆବାହନ ଅପସରି ଯାଇ ପଶ୍ଚାତ୍ ଭାଗରେ ବୁଡ଼ିଗଲେ, କାଳାତୀତଙ୍କ ଆଡ଼କୁ ପ୍ରସରି ଯାଇଥିବା ସୁଦୀର୍ଘ ସମୁଚ୍ଚ ସରଣୀରେ ଶ୍ରୁତ ଏକ ମଧୁର ସଙ୍ଗୀତ ଯେପରି କ୍ରମଶଃ କ୍ଷୀଣ ହୋଇ ଭାସି ଯାଉଥିଲା ଦୂରକୁ ଦୂରକୁ ।

Above was an ardent white tranquillity.

ଊର୍ଦ୍ଧ୍ୱ ଦେଶରେ ବିରାଜମାନ କରୁଥିଲା ଏକ ଜ୍ୱଳନ୍ତ ଶୁଭ୍ର ପ୍ରଶାନ୍ତି ।

A musing spirit looked out on the worlds
And like a brilliant clambering of skies
Passing through clarity to an unseen Light
Large lucent realms of Mind
from stillness shone.

ଏକ ଧ୍ୟାନମଗ୍ନ ଚିନ୍ମୟପୁରୁଷ ଲୋକସକଳ ଉପରେ ଦୃଷ୍ଟିପାତ କରୁଥିଲେ ଏବଂ ଆକାଶ ପରେ ଆକାଶର ସମୁଜ୍ଜ୍ୱଳ ଆରୋହଣ ସଦୃଶ ସ୍ୱଚ୍ଛତାର ମୂଳକ ପାର ହୋଇ ଏକ ଅଦୃଷ୍ଟ ଆଲୋକ ଅଭିମୁଖେ ଉଠି ଚାଲିଥିବା ମନର ବିଶାଳ ଜ୍ୟୋତିର୍ମୟ ରାଜ୍ୟମାନ ସ୍ତବ୍ଧତା ଭିତରୁ ଉଦ୍ଭାସିତ ହେଉଥିଲେ ।

But first he met a silver-grey expanse
Where Day and Night had wedded
and were one:
It was a tract of dim and shifting rays
Parting Life's sentient flow from Thought's
self-poise.

ପରନ୍ତୁ ପ୍ରଥମତଃ ସେ ଏକ ରଜତ-ଧୂସର ପ୍ରସାରର ସାକ୍ଷାତ୍ ଲାଭ କଲେ, ଯେଉଁଠି ଦିବସ ଓ ରଜନୀ ସମ୍ମିଳିତ ତଥା ଏକାକାର ହୋଇ ଯାଇଥିଲେ : ଏହା ଥିଲା ଏକ ନିଷ୍ପ୍ରଭ ଓ

*(ଅବଶିଷ୍ଟାଂଶ ୧୨ ପୃଷ୍ଠାରେ ଦେଖନ୍ତୁ)*

# ସଙ୍ଗୀତ ଓ ସୌନ୍ଦର୍ଯ୍ୟବୋଧ ସମ୍ପର୍କରେ

## ଶ୍ରୀମା

### ସଙ୍ଗୀତ ଶ୍ରବଣ

*ପ୍ରଶ୍ନ : ମା ! ଯଦି ଜଣେ ସଂଗୀତ ଶୁଣିବାକୁ ଚାହେଁ ତେବେ ସେ ଯଥାର୍ଥରେ କିପରି ଭାବରେ ସଂଗୀତ ଶୁଣିବା ଉଚିତ ?*

**ଶ୍ରୀମା** : ସଂଗୀତ ଶୁଣିବାକୁ ହେଲେ – ପ୍ରଥମେ ଜଣେ ଯଦି ନିଜକୁ ସଂପୂର୍ଣ୍ଣ ଭାବେ ନୀରବ କରିଦେଇ ପାରେ, ତୁମେ ଦେଖ ଜଣେ ନୀରବ ଓ ଏକାଗ୍ର ହୋଇଯାଏ, ନିଜକୁ ଏପରି ଭାବେ ଯେ ଯେପରିକି ସେ ଗୋଟିଏ ଯନ୍ତ୍ର, ଯାହାକି ସଂଗୀତଟିକୁ ରେକର୍ଡ଼ କରିବ । ତୁମ ଭିତରେ ଆଦୌ କୌଣସି ବିଚଳନ ରହିବ ନାହିଁ । ନିଜକୁ ଭାବିବ କେବଳ ଏକ ଶ୍ରବଣଯନ୍ତ୍ର ଭଳି । ଯଦି ତୁମେ ସଂପୂର୍ଣ୍ଣ ଭାବେ ନୀରବ ରହିବ, ପୂରାପୂରି ନିଶ୍ଚଳ ରହିବ, ଏମିତି ରହିପାରିଲେ ତୁମ ଭିତରେ (ସଂଗୀତର ସାରବତ୍ତା) ଏହା ପ୍ରବେଶ କରିବ ।...

କିନ୍ତୁ ସର୍ବୋତ୍ତମ ଉପାୟଟି ଏହିପରି । ତୁମେ ନିଜକୁ ଏକ ନିଶ୍ଚଳ ଦର୍ପଣଟିଏ ପରି କରିଦିଅ, ଖୁବ୍ ଏକାଗ୍ର ଏବଂ ଖୁବ୍ ନୀରବ ରୁହ । ପ୍ରକୃତରେ, ଆମେ ଏପରି ଲୋକଙ୍କୁ ଜାଣୁ, ଯେଉଁମାନେ ସତକୁ ସତ ସଙ୍ଗୀତକୁ ଭଲପା'ନ୍ତି ।... ଗଭୀର ଆଗ୍ରହ ନେଇ ସଂଗୀତ ଶୁଣୁଥିବାର ଅନେକ ସଂଗୀତଜ୍ଞଙ୍କୁ ମୁଁ ଦେଖିଛି; କଣ୍ଠଶିଳ୍ପୀ, ସଂଗୀତର ରଚୟିତା ଓ ସୁରକାର ଏପରି ଅନେକଙ୍କୁ ଦେଖିଛି ଯେଉଁମାନେ ସଂଗୀତ ଶୁଣିବାକୁ ପ୍ରକୃତରେ ଖୁବ୍ ଭଲ ପାଆନ୍ତି । ମୁଁ ଦେଖିଛି – ସେମାନେ ମନୋଯୋଗ ଦେଇ ସଂଗୀତ ଶୁଣୁଥା'ନ୍ତି ।... ସେମାନେ ଧୀର ସ୍ଥିର ଭାବେ ବସି ରହନ୍ତି, ତୁମେ ଜାଣ, ସେମାନେ ସେହିପରି ସ୍ୱଭାବର, ସେମାନଙ୍କ ଭିତରେ, ବାହାରେ କୌଣସି ବିଚଳନ ନ ଥାଏ । ସବୁକଥା, ସବୁକଥା ସେମିତି । ଯଦି ତୁମେ ତୁମର ମନରୁ ଚିନ୍ତା-ଭାବନାସବୁ ଦୂର କରିଦେବ, ତା'ହେଲେ ଖୁବ୍ ଭଲ ହେବ । ତା'ହେଲେ ତୁମର ସଂଗୀତ ଶୁଣିବାରୁ ପୂରା ଲାଭ ପାଇପାରିବ ।... ଏହା ହେଉଛି ତୁମ ଅନ୍ତରର ଦ୍ୱାର ଖୋଲିଯିବା ପାଇଁ ଏକ ଉପାୟ ମଧ୍ୟ ଏବଂ ଏକ ଖୁବ୍ ଶକ୍ତିଶାଳୀ ଉପାୟ ।

### ସୌନ୍ଦର୍ଯ୍ୟବୋଧ

ଏହି ଯୋଗ (ପୂର୍ଣ୍ଣାଙ୍ଗ ଯୋଗ) କରିବାକୁ ହେଲେ ଜଣକର ଅନ୍ତତଃ ସାମାନ୍ୟ ସୌନ୍ଦର୍ଯ୍ୟବୋଧ ରହିବା ଉଚିତ । ଯଦି ସୌନ୍ଦର୍ଯ୍ୟବୋଧ ନ ଥାଏ, ତେବେ ଜଣେ ଏହି ପ୍ରାକୃତିକ ବିଶ୍ୱର ଏକ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବିଭବକୁ ହରାଇ ବସିବ ।

ଏହି ସୌନ୍ଦର୍ଯ୍ୟ ରହିଛି, ଆତ୍ମାର ଏହି ମର୍ଯ୍ୟାଦା ରହିଛି – ଏହି ବିଷୟଟି ପ୍ରତି ମୋର ଖୁବ୍ ସମ୍ବେଦନଶୀଳତା ରହିଛି । ଏହା ଏପରି କିଛି ଯାହା ମୋତେ ସ୍ପନ୍ଦିତ କରେ ଏବଂ ମୋ ଭିତରେ ସବୁବେଳେ ଏକ ବିରାଟ ସମ୍ମାନବୋଧ ଜାଗ୍ରତ କରେ ।

ହଁ, ଆତ୍ମାର ଏହି ସୌନ୍ଦର୍ଯ୍ୟ ମଣିଷର ମୁହଁରେ ଦୃଶ୍ୟମାନ ହୋଇଥାଏ । ଜଣକର ମୁହଁରେ ଫୁଟିଉଠେ, ତା'ର ଆତ୍ମ-ମର୍ଯ୍ୟାଦା ଏବଂ ପୂର୍ଣ୍ଣାଙ୍ଗ ଉପଲବ୍ଧିର ସଂଗତି । ଆତ୍ମା ଯେତେବେଳେ ଦୈହିକ ସ୍ତରରେ ଦୃଶ୍ୟମାନ ହୁଅନ୍ତି, ସେତେବେଳେ ତାହା ବସ୍ତୁକୁ ଏହି ପ୍ରକାର ମର୍ଯ୍ୟାଦା, ଏହି ପ୍ରକାର ସୌନ୍ଦର୍ଯ୍ୟ, ଏହି ପ୍ରକାର ମହିମା ଦେଇଥାଏ – ଯେଉଁ ମହିମା କି ବ୍ୟକ୍ତିର ଅନ୍ତଃସତ୍ତାରୂପକ ମନ୍ଦିରରୁ ଆସିଥାଏ । ତା'ପରେ ଯେଉଁସବୁ ଜିନିଷର ନିଜସ୍ୱ ସୌନ୍ଦର୍ଯ୍ୟ ବୋଲି ସ୍ୱତନ୍ତ୍ରଭାବେ କିଛି ନ ଥାଏ, ସେଗୁଡ଼ିକ ଉପରେ ଶାଶ୍ୱତ ସୌନ୍ଦର୍ଯ୍ୟର ଏକ ସ୍ପର୍ଶ ମଧ୍ୟ ଆସିଯାଏ, ସେହି ଶାଶ୍ୱତ ସୌନ୍ଦର୍ଯ୍ୟର କିଛି ଆଭାସ ମଧ୍ୟ ସେସବୁରେ ପ୍ରତିଫଳିତ ହୋଇଯାଏ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ଷଷ୍ଠ ଅଧ୍ୟାୟ)

## କର୍ମ, ଭକ୍ତି ଓ ଜ୍ଞାନ

**ଶେଖ ଅବଦୁଲ କାଶମ**

ଗୀତା କର୍ମ, ଭକ୍ତି ଓ ଜ୍ଞାନ ମଧ୍ୟରେ କୌଣସି ପ୍ରକାର ମିଶ୍ରଣ କରିବା ପାଇଁ ଚେଷ୍ଟା କରି ନାହିଁ। ଏହା ସେଗୁଡ଼ିକ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି। ଏହି ସମନ୍ୱୟକୁ ସମ୍ଭବ କରିବାକୁ ହେଲେ ଆମକୁ ଭଗବାନଙ୍କ ବିଷୟରେ ସମଗ୍ର ସତ୍ୟ ଓ ପରିବ୍ୟାପ୍ତ ଜ୍ଞାନ ଲାଭ କରିବାକୁ ହେବ, ତାଙ୍କର ବିଭିନ୍ନ ବିଭାବ ଓ ସ୍ଥିତି ସମ୍ବନ୍ଧରେ ଜାଣିବାକୁ ହେବ। ପ୍ରଥମେ ଆମେ ଜାଣିବା ଯେ ଭଗବାନ୍ ହେଉଛନ୍ତି ବିଶ୍ୱାତୀତ ସନାତନ ସତ୍ତା ଯାହାଙ୍କୁ ପରବ୍ରହ୍ମ (supra-cosmic Divine Being) ବୋଲି କୁହାଯାଏ। ଏହି ସ୍ଥିତିରେ ସେ ଦେଶକାଳର ଅତୀତ ହୋଇ ରହିଛନ୍ତି, ଅଥଚ ସମଗ୍ର ସୃଷ୍ଟି ଓ ସମସ୍ତ ବିଶ୍ୱଲୀଳାକୁ ଦେଶ କାଳ ମଧ୍ୟରେ ଧାରଣ କରି ରହିଛନ୍ତି। ଭଗବାନଙ୍କ ଦ୍ୱିତୀୟ ସ୍ଥିତି ହେଉଛି ପରମାତ୍ମା ସ୍ଥିତି। ସେ ପରମାତ୍ମା ରୂପେ ଜଗତର ସକଳ ସତ୍ତା, ସକଳ ନାମ, ରୂପ ଓ ଗତିଧାରା ମଧ୍ୟରେ ବିରାଜମାନ କରୁଛନ୍ତି। ତୃତୀୟରେ ସେ ହେଉଛନ୍ତି ପୁରୁଷୋତ୍ତମ (The Supreme Being) ଯିଏ କି ବିଶ୍ୱ ସୃଷ୍ଟିର ପରିକଳ୍ପନା କରନ୍ତି, ଜଗତର ସମସ୍ତ ସତ୍ତା ଓ ସମ୍ଭୂତିକୁ ନିଜ ଆତ୍ମଶକ୍ତି ଦ୍ୱାରା ପରିଚାଳନା କରନ୍ତି। ସମଗ୍ର ବିଶ୍ୱଜଗତ୍ ହେଉଛି ତାଙ୍କର ଆତ୍ମ-ରୂପାୟନ। ଭଗବାନଙ୍କ ଚତୁର୍ଥ ସ୍ୱରୂପ ଓ ସ୍ଥିତିକୁ ପରମେଶ୍ୱର ବୋଲି କୁହାଯାଏ। ପରମେଶ୍ୱର ହେଉଛନ୍ତି ସମସ୍ତ ପ୍ରାଣୀଙ୍କର ପ୍ରଭୁ (Lord of existence)। ପ୍ରତ୍ୟେକ ବ୍ୟଷ୍ଟିସତ୍ତା ଓ ସମୂହ-ସତ୍ତା ତାଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ସେ ସ୍ୱୀୟ ଶକ୍ତିକୁ ପ୍ରକୃତି ମଧ୍ୟରେ ପ୍ରକାଶିତ କରିଛନ୍ତି। ଜଗତ୍-ଚକ୍ର ତାଙ୍କରି ଦ୍ୱାରା ପରିଚାଳିତ। ପରମେଶ୍ୱରଙ୍କ ମଧ୍ୟରୁ ହିଁ ଜୀବର ଉତ୍ପତ୍ତି ଘଟେ। ପ୍ରତ୍ୟେକ ଜୀବ (living individual) ତାଙ୍କରି ସତ୍ତାର ଏକ ପ୍ରକାଶ (emanation), ତାଙ୍କରି ଇଚ୍ଛା ଓ ଶକ୍ତି ଦ୍ୱାରା ସକଳ ଜୀବ ଅସ୍ତିତ୍ୱ ଧାରଣ କରନ୍ତି ତଥା କ୍ରମବିକାଶ ଲାଭ କରନ୍ତି।

ପ୍ରତ୍ୟେକ ଜୀବ ଆତ୍ମତତ୍ତ୍ୱ ଦୃଷ୍ଟିରୁ ଭଗବାନଙ୍କ ସହିତ ଏକ। ମାତ୍ର କାର୍ଯ୍ୟତଃ (practically) ସେ ଭଗବାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ, କାରଣ ସେ ପ୍ରକୃତିର ନିମ୍ନତର କ୍ରିୟା ଭିତରେ ଲିପ୍ତ ହୋଇ ରହିଛି, ଅଜ୍ଞାନ ଓ ଅହଙ୍କାର ଦ୍ୱାରା ବଶୀଭୂତ ହୋଇ ଏକ ପୃଥକ୍ ଚେତନା ମଧ୍ୟରେ ବାସ କରୁଛି। ଦିବ୍ୟ ପ୍ରକୃତିର କ୍ରିୟା ମଧ୍ୟରେ ସେ ଭଗବାନଙ୍କ ସହିତ ଏକ; ମାତ୍ର ବ୍ୟବହାରିକ କ୍ଷେତ୍ରରେ କ୍ଷୁଦ୍ର ଅହଂ ଦ୍ୱାରା ପରିଚାଳିତ ହୋଇ ସେ ସୁଖଦୁଃଖ ଭୋଗ କରୁଛି। ଅହଂମୟ ଅଜ୍ଞାନ ଚେତନାରେ ଥିବା ପର୍ଯ୍ୟନ୍ତ ସେ ଭଗବାନଙ୍କ ସହିତ ଏକତ୍ୱ ଅନୁଭବ କରିପାରେ ନାହିଁ। ସୁତରାଂ ପ୍ରତ୍ୟେକ ଜୀବ ବା ମନୁଷ୍ୟକୁ ଭଗବାନଙ୍କ ଦିବ୍ୟ ପ୍ରକୃତି ମଧ୍ୟକୁ ଉଠିଯିବାକୁ ହେବ। ତାହା ହିଁ ତା' ଲାଗି ମୁକ୍ତିର ପଥ। ମନୁଷ୍ୟ ତା'ର ସମସ୍ତ ଭାବନା, ଆବେଗ, ସମ୍ବେଦନ, ଇଚ୍ଛା ଓ କର୍ମକୁ ଭଗବତ୍‌ମୁଖୀ କରାଇ ନିଜର ସତ୍ତାଗତ ସର୍ବୋତ୍ତମ ସତ୍ୟ ମଧ୍ୟକୁ ଫେରି ଆସିବା ଆବଶ୍ୟକ। ତାକୁ ପରବ୍ରହ୍ମ ଓ ସର୍ବଭୂତସ୍ଥିତ ପରମାତ୍ମାଙ୍କ ଜ୍ଞାନ ଲାଭ କରିବାକୁ ହେବ। ସେ ପ୍ରେମ ଓ ଭକ୍ତି ଦ୍ୱାରା ପୁରୁଷୋତ୍ତମଙ୍କ ଆରାଧନା କରିବ ଏବଂ ତାଙ୍କ ପ୍ରତି ନିଜକୁ ସର୍ବଦା ଉନ୍ମୀଳିତ କରି ରଖିବ। ପୁନଶ୍ଚ ସେ ତା'ର ସକଳ ଇଚ୍ଛା ଓ କର୍ମକୁ ଜଗଦୀଶ୍ୱର ବା ପରମେଶ୍ୱରଙ୍କ ପାଖରେ ସମର୍ପିତ କରିଦେବ। ଏହି ତ୍ରିବିଧ ଆଧ୍ୟାତ୍ମିକ ପ୍ରୟାସ ଦ୍ୱାରା ସେ ନିମ୍ନ ପ୍ରକୃତିରୁ ଦିବ୍ୟ ପ୍ରକୃତି ମଧ୍ୟକୁ ଉନ୍ନୀତ ହୋଇଯାଇ ପାରିବ।

ମନୁଷ୍ୟ ନିମ୍ନ ପ୍ରକୃତିର ଖେଳା ମଧ୍ୟରୁ ନିଜକୁ ଅପସାରିତ କରିନେଇ ପାରିଲେ ଆତ୍ମାର ପ୍ରଶାନ୍ତି ଓ ଜ୍ୟୋତିକୁ ଉପଲବ୍ଧି କରେ। ସେ କ୍ରମଶଃ ଜାଣିପାରେ ଯେ ଭଗବାନ୍ ହିଁ ସବୁକିଛି (ବାସୁଦେବଃ ସର୍ବମିତି)। ଭଗବାନ୍ ହିଁ ବ୍ୟକ୍ତିର ଆତ୍ମା ରୂପେ, ଅକ୍ଷର ସତ୍ତା ରୂପେ ଏବଂ ସବୁକିଛିର ଆଧାର ରୂପେ ରହିଛନ୍ତି। ମନୁଷ୍ୟ ଭଗବାନଙ୍କୁ ନିଜ ହୃଦୟ ମଧ୍ୟରେ ଉପଲବ୍ଧି କରେ

ତଥା ଜଗତର ପ୍ରଭୁ ଓ ଈଶ୍ୱର ରୂପରେ ମଧ୍ୟ ତାଙ୍କୁ ଉପଲବ୍ଧି କରିପାରେ । ଅନ୍ତର୍ଯାମୀ ଭଗବାନଙ୍କୁ ଉପଲବ୍ଧି କରିବା ଦ୍ୱାରା ତାହାର ଇଚ୍ଛା ଓ କର୍ମ ଦିବ୍ୟଗୁଣ ପ୍ରାପ୍ତ ହୁଏ । ସେ ସର୍ବଭୂତରେ ତାଙ୍କୁ ଦର୍ଶନ କରି ତାଙ୍କରି ଆରାଧନା କରେ । ତାହାର ଆନ୍ତର ଜୀବନ ଅନନ୍ତ ଭାଗବତ ସତ୍ତାଙ୍କ ଦ୍ୱାରା ପରିଚାଳିତ ହୁଏ । ତାହାର ବାହ୍ୟ ଜୀବନରେ ଭଗବାନଙ୍କ ଇଚ୍ଛା ହିଁ କାର୍ଯ୍ୟକାରୀ ହୁଏ । ସେ ଆତ୍ମା ମଧ୍ୟ ଦେଇ ପରବ୍ରହ୍ମଙ୍କୁ ଦେଖିପାରେ, ସର୍ବଭୂତସ୍ଥିତ ଆତ୍ମସତ୍ତାଙ୍କ ମଧ୍ୟ ଦେଇ ପୁରୁଷୋତ୍ତମଙ୍କ ଆଡ଼କୁ ଉନ୍ମୁଖ ହୁଏ । ବିଶ୍ୱଗତ ପରମେଶ୍ୱରଙ୍କ ମଧ୍ୟ ଦେଇ ସେ ବିଶ୍ୱାତୀତ ପରମସତ୍ତାଙ୍କ ଆଡ଼କୁ ଦୃଷ୍ଟିପାତ କରେ । ଏହିପରି ଭାବରେ ତା'ର ଆନ୍ତର ଦୃଷ୍ଟି ଓ ଊର୍ଦ୍ଧ୍ୱମୁଖୀ ଦୃଷ୍ଟିର ଉତ୍ତରୋତ୍ତର ଉନ୍ମୋଚନ ଫଳରେ ସକଳ ସ୍ତରରେ ଓ ସମଗ୍ର ଭାବରେ ସେ ଭଗବାନଙ୍କୁ ଦର୍ଶନ କରିବା ନିମିତ୍ତ ପ୍ରସ୍ତୁତ ହୋଇଯାଏ । ନିରବଚ୍ଛିନ୍ନ ତୀବ୍ର ଅଭୀପ୍ସା ଫଳରେ ବ୍ୟକ୍ତି ଭିତରେ ଏହି ଆଧ୍ୟାତ୍ମିକ ବିକାଶଟି ସମ୍ଭବ ହୋଇଥାଏ ।

ଗୀତା ଅନୁସାରେ ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟ କରିବାକୁ ହେଲେ ଯେଉଁ ପ୍ରଥମ ମୌଳିକ ପଦକ୍ଷେପ ଆବଶ୍ୟକ ତାହା ହେଲା ବ୍ୟକ୍ତିକୁ ସମଗ୍ର ଭାବରେ ତା'ର ଶରୀର, ମନ, ପ୍ରାଣ, ହୃଦୟ ଓ ଆତ୍ମା ଦେଇ ଭଗବାନଙ୍କୁ ଲୋଡ଼ିବାକୁ ପଡ଼ିବ । ସେ ତା'ର ମନରେ ଜାଣି ରଖିବ ଯେ ଭଗବାନ୍ ତା'ର ଆତ୍ମା ମଧ୍ୟରେ, ସୃଷ୍ଟି ମଧ୍ୟରେ ତଥା ସୃଷ୍ଟିର ଊର୍ଦ୍ଧ୍ୱରେ ମଧ୍ୟ ରହିଛନ୍ତି । କିନ୍ତୁ ଜାଣିବାଟା ଯଥେଷ୍ଟ ନୁହେଁ । ଏହି ଜ୍ଞାନ ସହ ହୃଦୟ ଓ ଆତ୍ମାର ଭକ୍ତିକୁ ସଂଯୋଗ କରିବାକୁ ହେବ । ଏକମୁଖୀ ହୋଇ ନିଜ ସତ୍ତାର ସମସ୍ତ ପ୍ରେମ, ଆରାଧନା ଓ ଆସ୍ପୃହାକୁ ତାଙ୍କଠାରେ ଢାଳି ଦେବାକୁ ହେବ । ଜ୍ଞାନ ସହିତ ଆସ୍ପୃହା ଓ ଊର୍ଦ୍ଧ୍ୱମୁଖୀ ଗତିର ଉଦ୍ଦୀପନା ନ ଥିଲେ ବୁଦ୍ଧିଗତ ଦୃଷ୍ଟି ଓ ଜ୍ଞାନ ନୀରସ ଓ ଫଳହୀନ ହୋଇଯିବ । ପରାତ୍ପର ଈଶ୍ୱରଙ୍କ ପ୍ରତି ତଥା ନିଜ ଅନ୍ତରସ୍ଥ ଓ ସର୍ବଭୂତସ୍ଥିତ ଭଗବାନଙ୍କ ପ୍ରତି ଭକ୍ତି ଓ ଅନୁରାଗ ରହିବା ଆବଶ୍ୟକ । ଭଗବାନଙ୍କୁ ଲାଭ କରିବା ପାଇଁ ଅନୁସନ୍ଧାନର ତୀବ୍ର ଆବେଗ ରହିବା ଉଚିତ । ଯଦି ଜ୍ଞାନରେ ଆନ୍ତରିକତା, ସଂକଳ୍ପରେ ଅନୁପ୍ରେରଣା ଓ ଆତ୍ମାରେ ଏକ ନିଶ୍ଚିତ ଆହ୍ୱାନ ଥାଏ ତେବେ ଭଗବତ୍ ଉପଲବ୍ଧିର ପ୍ରୟାସ ସଫଳ ହୋଇଥାଏ ।

ଭଗବାନଙ୍କୁ କେବଳ ବୁଦ୍ଧିର ସ୍ତରରେ ଜାଣିବା ଯଥେଷ୍ଟ ନୁହେଁ । ଅବଶ୍ୟ ସାଧନାର ପ୍ରାରମ୍ଭିକ ପର୍ବରେ ଏପରି ବୁଦ୍ଧିଗତ ଜ୍ଞାନ ସାହାଯ୍ୟ କରିଥାଏ । ମାତ୍ର ଜ୍ଞାନରେ ନିଷ୍ଠା ଆବଶ୍ୟକ, ଆନ୍ତର ଉପଲବ୍ଧି ପାଇଁ ଏକ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ । ସର୍ବୋପରି ଆତ୍ମାର ଆକୂତି ଯେ ଅପରିହାର୍ଯ୍ୟ ଏହା କହିବା ନିଷ୍ପ୍ରୟୋଜନ । କାରଣ ଆନ୍ତର ସତ୍ତା ମାଧ୍ୟମରେ ହିଁ ପ୍ରକୃତ ଜ୍ଞାନ ଲାଭ ହୁଏ ।

ଯେତେବେଳେ ଆନ୍ତର ସତ୍ତା ଜ୍ଞାନାଲୋକ ଦ୍ୱାରା ଆଲୋକିତ ହୁଏ ତାହା ଭଗବାନଙ୍କ ସହିତ ଏକାତ୍ମତା ଲାଭ ପାଇଁ ବ୍ୟାକୁଳ ହୋଇଉଠେ । ସୁତରାଂ ଜ୍ଞାନ ହେଉଛି ଏକ ଜାଗୃତି ଯାହା ଭଗବତ୍ ଉପଲବ୍ଧି ପାଇଁ ଆନ୍ତରସତ୍ତାକୁ ପ୍ରବୃତ୍ତ କରେ । ପରମପୁରୁଷ ଭଗବାନ୍ ହେଉଛନ୍ତି ବିଶ୍ୱବ୍ୟାପୀ ଓ ବିଶ୍ୱନିବାସୀ – ଏହି ଜ୍ଞାନ ପ୍ରାପ୍ତ ହେଲେ ବ୍ୟକ୍ତି ଭିତରେ ତାଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ହୁଏ । ସେ ସମସ୍ତ ବସ୍ତୁ ଓ ସମସ୍ତ ପ୍ରାଣୀଙ୍କ ଭିତରେ ଭଗବାନଙ୍କୁ ଦର୍ଶନ କରି ତାଙ୍କୁ ଶୁଦ୍ଧ ରୂପରେ, ନିଃସ୍ୱାର୍ଥପର ଭାବରେ ପ୍ରେମ କରେ । ଏହାକୁ ହିଁ ଆରାଧନା (Adoration) ବୋଲି କୁହାଯାଏ । ଏହି ଆରାଧନା କେବଳ ହୃଦୟର ଏକ ଅନୁରାଗ ବା ଆକୂତି ନୁହେଁ, ଏହା ସମଗ୍ର ସତ୍ତାର ସମର୍ପଣ ଅଟେ । ବ୍ୟକ୍ତି ନିଜର ସମସ୍ତ ଜୀବନକୁ, ତା'ର ବାହ୍ୟ ଓ ଆନ୍ତରସତ୍ତାର ସମସ୍ତ ଗତିବୃତ୍ତିକୁ ତଥା ସକଳ କର୍ମକୁ ଭଗବାନଙ୍କ ପାଖରେ ସମର୍ପଣ କରିଦିଏ । ଭକ୍ତି ଓ ସମର୍ପଣରୁ ଆସିଥାଏ ଏକ ନିବିଡ଼ ଆନନ୍ଦାନୁଭୂତି । ଏହିପରି ଭାବରେ ମନୁଷ୍ୟର ମନ, ହୃଦୟ ଓ ଇଚ୍ଛାଶକ୍ତି ତା'ର ଆତ୍ମା ଭିତରେ ସମନ୍ୱୟ ଲାଭ କରେ । ଅର୍ଥାତ୍ ଦିବ୍ୟ ଉପଲବ୍ଧି ନିମିତ୍ତ ଉଦ୍ଦିଷ୍ଟ ଯୋଗସାଧନାରେ ଜ୍ଞାନ, ଭକ୍ତି ଓ କର୍ମର ସମନ୍ୱୟ ଘଟେ । ଏହି ସମନ୍ୱୟ ମାଧ୍ୟମରେ ବ୍ୟକ୍ତି ଦିବ୍ୟ ପରମସତ୍ତାଙ୍କୁ ନିଜ ଭିତରେ, ନିଜର ଚତୁର୍ଦ୍ଦିଗରେ ତଥା ନିଜର ଊର୍ଦ୍ଧ୍ୱରେ, ଏହିପରି ଚେତନାର ତିନୋଟି ସ୍ତରରେ ଉପଲବ୍ଧି କରିପାରେ ।

ମନୁଷ୍ୟ ଭଗବାନଙ୍କୁ ଭଲ ପାଇଲେ ତାଙ୍କର ଏକ ବାହ୍ୟ ରୂପ ବା ମୂର୍ତ୍ତିକୁ ପୂଜା କରେ । ଏହି ବାହ୍ୟ ପୂଜା ନିଷ୍ଠାପୂର୍ବକ ଅନୁଷ୍ଠିତ ହେଲେ କ୍ରମେ ତାହା ଆନ୍ତର ପୂଜାରେ ପରିଣତ ହୁଏ । ଆନ୍ତର ପୂଜାରେ ନିବିଡ଼ତା ଆସିଲେ ତାହା ଆରାଧନା (Adoration)ରେ ପରିଣତ ହୁଏ । ଶ୍ରୀଯୁକ୍ତ ମାଧବ ପଣ୍ଡିତ ଏହି ଆରାଧନା ସମ୍ପର୍କରେ କହନ୍ତି –

"Adoration is the celebration of the Master; whenever you see anything, whenever you touch anything, you always feel him, the

Divine, the Master. Everything reminds you of him, everything links you with him. That is adoration, seeing him, feeling him and registering him in every movement of life. This adoration which is a continuous and enlarging movement develops into love. Love is essentially self-giving. It is a logical culmination of the movement of adoration; you give yourself."

(Thoughts on the Gita, P. 201)

ଅର୍ଥାତ୍, ''ଆରାଧନା ହେଉଛି ପରମପ୍ରଭୁଙ୍କର ଏକ ସ୍ତୁତି (ପରମପ୍ରଭୁଙ୍କ ସାନ୍ନିଧ୍ୟକୁ ଜୀବନର ଏକ ମହୋତ୍ସବରେ ପରିଣତ କରିବା ହେଉଛି ଆରାଧନା) । ଯେତେବେଳେ ଯାହାକିଛି ତୁମେ ଦେଖ ବା ସ୍ପର୍ଶ କର ତୁମେ ସେହି ପରମପୁରୁଷ ବା ପରମପ୍ରଭୁଙ୍କୁ ହିଁ ସର୍ବଦା ଅନୁଭବ କର । ସବୁକିଛି ତୁମକୁ ତାଙ୍କରି ବିଷୟରେ ସ୍ମରଣ କରାଇ ଦିଏ । ପ୍ରତ୍ୟେକ ବସ୍ତୁ ତୁମକୁ ତାଙ୍କରି ସହିତ ସଂଯୁକ୍ତ କରିଦିଏ । ତାହା ହେଉଛି ଉପାସନା ବା ଆରାଧନା – ତାଙ୍କୁ ଦର୍ଶନ କରିବା, ଅନୁଭବ କରିବା, ଜୀବନର ପ୍ରତ୍ୟେକ ଗତିବୃତ୍ତିରେ ତାଙ୍କର ଉପସ୍ଥିତି ବିଷୟରେ ସଚେତନ ହେବା । ଏହି ଆରାଧନା ହେଉଛି ଏକ ନିରବଚ୍ଛିନ୍ନ ଓ ବିସ୍ତାରଶୀଳ ଗତିବୃତ୍ତି ଯାହା ପ୍ରେମ ରୂପେ ବିକଶିତ ହୁଏ । ପ୍ରେମ ମୂଳତଃ ଆତ୍ମଦାନ ଅଟେ । ଆରାଧନାର ଏକ ଯୁକ୍ତିସିଦ୍ଧ ଚରମ ପରିଣତି ହେଉଛି ଆତ୍ମଦାନ । ଆତ୍ମଦାନ ଅର୍ଥ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରିଦେବା ।''

ଇତି ପୂର୍ବରୁ ଯେଉଁ ସମନ୍ୱୟଧର୍ମୀ ଯୋଗ ସାଧନା ବିଷୟରେ ଆଲୋଚନା କରାଯାଉଥିଲା ତାହା କାର୍ଯ୍ୟତଃ ଏତେ ସହଜସାଧ୍ୟ ନୁହେଁ । କାରଣ ମନୁଷ୍ୟର ମନ ଅଜ୍ଞାନରେ ପୂର୍ଣ୍ଣ, ତା'ର ଦୃଷ୍ଟି ଅତି ସୀମିତ । ସେ ନିଜ ଭିତରେ, ଅନ୍ୟମାନଙ୍କ ଭିତରେ ତଥା ବାହ୍ୟ ଜଗତରେ ଭଗବାନଙ୍କ ଉପସ୍ଥିତିକୁ ଜାଣିପାରେ ନାହିଁ । ନିଜର ମନ, ପ୍ରାଣ, ଇନ୍ଦ୍ରିୟାବଳି ଓ ଶରୀରର କ୍ଷୁଧା ବା ବାସନାଗୁଡ଼ିକୁ ଚରିତାର୍ଥ କରିବାରେ ସେ ସର୍ବଦା ଲିପ୍ତ ହୋଇ ରହିଥାଏ । ନିମ୍ନ ପ୍ରକୃତି ବା ଆସୁରିକ ପ୍ରବୃତ୍ତିର ଦାସ ହୋଇ ସେ ଏକ ନିଷ୍ଫଳ ଘୂର୍ଣ୍ଣିଚକ୍ର ଭିତରେ ଘୂରି ବୁଲୁଥାଏ । ଯଦି ଜଣେ ନିଜକୁ ସଂଯତ ନ କରେ ତେବେ ତା'ର ପ୍ରାଣିକ ଅହଂ, ଉଦ୍ଧତ ଆତ୍ମମ୍ଭରିତା, ସ୍ୱାଭିମାନୀ ଚିନ୍ତା, ସ୍ୱାର୍ଥାନ୍ଧ କର୍ମ ଓ ବୁଦ୍ଧିଗତ ଲାଳସା ତାକୁ ଘୋର ପତନ ଓ ଧ୍ୱଂସ ଆଡ଼କୁ ନେଇ ଯାଇଥାଏ ।

ଅନ୍ୟ ପକ୍ଷରେ ଯେଉଁମାନେ ଦିବ୍ୟ ପ୍ରକୃତି ଲାଭ କରିବାକୁ ଆସ୍ପୃହା କରିଥା'ନ୍ତି ସେମାନେ ଆସୁରିକ ମାୟାକୁ ଚିହ୍ନି ପାରି ସେଥିରୁ ମୁକ୍ତ ହେବାକୁ ପ୍ରୟାସ କରିଥା'ନ୍ତି । ସେମାନେ ଅନ୍ତର୍ମୁଖୀ ହୋଇ ନିଜ ଭିତରେ ଭଗବାନଙ୍କର ସାକ୍ଷାତ୍ ଲାଭ କରନ୍ତି ଏବଂ ଯଥାର୍ଥ ଦୃଷ୍ଟିର ଅଧିକାରୀ ହୋଇ ବାହ୍ୟ ଜଗତରେ ମଧ୍ୟ ଭଗବାନଙ୍କୁ ଦର୍ଶନ କରିଥା'ନ୍ତି । ଫଳରେ ସେମାନଙ୍କ ସମଗ୍ର ଜୀବନ ଭଗବାନଙ୍କ ଦିଗରେ ଏକ ଅଭୀପ୍ସା ଓ ଉତ୍ସର୍ଗରେ ପରିଣତ ହୁଏ । ସେମାନେ ଭଗବାନଙ୍କ ପ୍ରତି ପ୍ରଗାଢ଼ ପ୍ରେମ ଓ ଭକ୍ତି ନିବେଦନ କରି ତାଙ୍କ ସହିତ ନିରନ୍ତର ସାଯୁଜ୍ୟ ଅନୁଭବ କରନ୍ତି । ଏକମାତ୍ର ସେହି ସର୍ବାନନ୍ଦମୟ ପରମପୁରୁଷଙ୍କ ମଧ୍ୟରେ ହିଁ ସେମାନେ ପରମ ତୃପ୍ତି, ଆନନ୍ଦ ଓ ଶାନ୍ତି ଲାଭ କରନ୍ତି । ଯେଉଁ ଅନନ୍ତ ପରମାତ୍ମା କରୁଣାବଶ ହୋଇ ମାନବାତ୍ମା ମଧ୍ୟରେ ନିଜକୁ ପ୍ରକାଶିତ କରିଛନ୍ତି ତାଙ୍କର ଗୁଣକୀର୍ତ୍ତନ କରିବା, ତାଙ୍କୁ ଭକ୍ତି ସହକାରେ ଉପାସନା କରିବା ସେମାନଙ୍କ ଏକମାତ୍ର କର୍ମ ଓ ଲକ୍ଷ୍ୟ ହୋଇଉଠେ । ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି –

''ସତତଂ କୀର୍ତ୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢ଼ବ୍ରତାଃ ।
ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ॥''

(୯/୧୪)

ଅର୍ଥାତ୍, ''ମୋ'ଠାରେ ନିତ୍ୟ-ନିରନ୍ତର ସଂଯୁକ୍ତ ମନୁଷ୍ୟ ଦୃଢ଼ବ୍ରତୀ ହୋଇ ଯତ୍ନ ସହକାରେ ସାଧନାରତ ରହି ଏବଂ ପ୍ରେମପୂର୍ବକ କୀର୍ତ୍ତନ କରି ତଥା ମୋତେ ନମସ୍କାର କରି ନିରନ୍ତର ମୋର ଉପାସନା କରନ୍ତି ।''

ଜ୍ଞାନଯୋଗୀମାନେ ବିଚାର ପ୍ରକ୍ରିୟାକୁ ଭଗବଦ୍‌ମୁଖୀ କରି ଭଗବାନଙ୍କର ଅନୁସନ୍ଧାନ କରନ୍ତି । ସେମାନେ ପରମ ଅନନ୍ତସତ୍ତାଙ୍କ ସମ୍ବନ୍ଧରେ ଜ୍ଞାନଲାଭ କରି ସେହି ଜ୍ଞାନକୁ ତାଙ୍କରି ଉଦ୍ଦେଶ୍ୟରେ ଉତ୍ସର୍ଗ କରନ୍ତି । ଏହି ଜ୍ଞାନଯଜ୍ଞ ଦ୍ୱାରା ସେମାନେ ପ୍ରାପ୍ତ ହୁଅନ୍ତି ଅନିର୍ବଚନୀୟ ଆନନ୍ଦ । ସେମାନଙ୍କ ବ୍ୟାପକ ଜ୍ଞାନ ଆଣିଦିଏ ଅପାର ନିବିଡ଼ ଭକ୍ତି । ସେମାନେ ଅଦ୍ୱିତୀୟ ଭଗବାନଙ୍କୁ ତାଙ୍କର ଅସଂଖ୍ୟ ରୂପ ଓ ତତ୍ତ୍ୱ ମଧ୍ୟରେ ଦର୍ଶନ କରନ୍ତି । ଭଗବାନଙ୍କୁ ଏକ ଓ ଅଭିନ୍ନ ରୂପରେ ପ୍ରତ୍ୟକ୍ଷ କରାଯାଇପାରେ ଏବଂ ଚତୁର୍ଦ୍ଦିଗକୁ ମୁଖ ଥିବା ତାଙ୍କର କୋଟି କୋଟି ବିଶ୍ୱ ରୂପକୁ ମଧ୍ୟ ପୃଥକ୍ ପୃଥକ୍ ରୂପେ ଦର୍ଶନ କରାଯାଇପାରେ –

''ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ।'' ଯେଉଁ ଭଗବାନ୍ କାଳାତୀତ ହୋଇ ମଧ୍ୟ କାଳ ମଧ୍ୟରେ ନିଜକୁ ପ୍ରକାଶିତ କରିଛନ୍ତି, ଜଗତର ସକଳ ବସ୍ତୁ ଓ ପ୍ରାଣୀଙ୍କ ମଧ୍ୟରେ ଯିଏ ବିଦ୍ୟମାନ, ତାଙ୍କୁ ଜ୍ଞାନ ନେତ୍ରରେ ସନ୍ଦର୍ଶନ କରିବା ଦ୍ୱାରା ଜ୍ଞାନଯୋଗୀର ହୃଦୟ ପ୍ରେମ ଓ ଭକ୍ତିରେ ଉଚ୍ଛୁଳି ଉଠେ । ଜ୍ଞାନର ଏହି ଅଦ୍ଭୁତ ପରିଣତିକୁ ବର୍ଣ୍ଣନା କରି ଶ୍ରୀଅରବିନ୍ଦ କହନ୍ତି –

"This knowledge becomes easily an adoration, a large devotion, a vast self-giving, an integral self-offering because it is the knowledge of a Spirit, the contact of a Being, the embrace of a supreme and universal Soul which claims all that we are even as it lavishes on us when we approach it all the treasures of its endless delight of existence."

(Essays on the Gita, P. 328)

ଅର୍ଥାତ୍, ''ଏହି ଜ୍ଞାନ ସହଜରେ ହିଁ ପରିଣତ ହୁଏ ଏକ ଉପାସନାରେ, ଏକ ଉଦାର ଭକ୍ତି, ଏକ ଅସୀମ ଆତ୍ମୋତ୍ସର୍ଗ ଓ ଏକ ପୂର୍ଣ୍ଣ ଆତ୍ମସମର୍ପଣରେ; କାରଣ ଏହା ହିଁ ଏପରି ଏକ ଆତ୍ମାର ଜ୍ଞାନ, ସତ୍ତାର ସ୍ପର୍ଶ, ଏପରି ଏକ ପରମ ଏବଂ ବିଶ୍ୱପୁରୁଷଙ୍କର ଆଲିଙ୍ଗନ ଯିଏ ଆମର ସବୁକିଛି ଉପରେ ହିଁ ଦାବି ରଖନ୍ତି ଏବଂ ଆମେ ଯେତେବେଳେ ତାଙ୍କର ସମୀପବର୍ତ୍ତୀ ହେଉ ସେ ତାଙ୍କର ଅନନ୍ତ ଆନନ୍ଦ ଲୀଳାର ସମସ୍ତ ଐଶ୍ୱର୍ଯ୍ୟ ଆମ ଉପରେ ଢାଳି ଦେଇଥା'ନ୍ତି ।''

(ଗୀତା-ନିବନ୍ଧମାଳା, ପୃ. ୪୦୪)

କର୍ମଯୋଗୀ ତା'ର ସକଳ କର୍ମକୁ ତଥା କାମନାକୁ ପୁରୁଷୋତ୍ତମଙ୍କ ନିକଟରେ ଯଜ୍ଞ ରୂପେ ଉତ୍ସର୍ଗ କରିଥାଏ । କର୍ମର ବ୍ରହ୍ମାର୍ପଣର ଏହି ଆନ୍ତରିକ ସାଧନା ମଧ୍ୟ ଏକ ଆରାଧନା ଓ ଭକ୍ତିରେ ପରିଣତ ହୁଏ । ଅନ୍ୟ ପକ୍ଷରେ ଭକ୍ତି ଓ ଆରାଧନା ଫଳରେ କର୍ମ ପରିପୂର୍ଣ୍ଣ ଓ ଫଳପ୍ରଦ ହୋଇଥାଏ । ବେଦବର୍ଣ୍ଣିତ ଯଜ୍ଞ ଘୃତାହୁତିର ଏକ ବାହ୍ୟକ୍ରିୟା ମାତ୍ର ନୁହେଁ । ଏହା ଏକ ଆନ୍ତର ପ୍ରକ୍ରିୟାର ପ୍ରତୀକ ଅଟେ । ଅନ୍ତରରେ ସଂଘଟିତ ଏହି ଯଜ୍ଞରେ ଭଗବାନ୍ ନିଜେ ହିଁ ଅଗ୍ନିଶିଖା ଓ ନିଜେ ହିଁ ହବ୍ୟ । ଅର୍ଥାତ୍ ଭଗବତ୍‌ମୁଖୀ ଇଚ୍ଛାଶକ୍ତି ହେଉଛି ଅଗ୍ନିଶିଖା ଏବଂ ସେଇ ଇଚ୍ଛା ଶକ୍ତିଟି ଭଗବାନଙ୍କ ଛଡ଼ା ଆଉ କିଛି ନୁହେଁ । ଭକ୍ତି ଓ ନିଷ୍ଠା ସହ ବ୍ରହ୍ମଙ୍କଠାରେ ସମର୍ପିତ ସକଳ କର୍ମ ସ୍ୱୟଂ ବ୍ରହ୍ମରେ ପରିଣତ ହୋଇଥାଏ । ଏହି ଆନ୍ତର ଯଜ୍ଞରେ ବ୍ୟକ୍ତିର ପ୍ରକୃତି ମଧ୍ୟରେ ଭଗବତ୍ ଉପାଦାନ ଓ ଶକ୍ତି-ସାମର୍ଥ୍ୟ ଅର୍ପିତ ବସ୍ତୁ (ହବ୍ୟ) ରୂପେ ବ୍ୟବହୃତ ହୁଏ । ଭଗବାନ୍ ନିଜେ ହିଁ ହୋଇଥା'ନ୍ତି ମନ୍ତ୍ର, ନିଜେ ହିଁ ହୋଇଥା'ନ୍ତି ହୋତା । ଭଗବାନଙ୍କ ଜ୍ୟୋତି ବ୍ୟକ୍ତି ଭିତରେ ଭଗବତ୍‌ମୁଖୀ ଚିନ୍ତା ରୂପେ ବ୍ୟକ୍ତ ହୁଏ । ସେହି ଦିବ୍ୟଜ୍ୟୋତି ପୁଣି ନିଗୂଢ଼ ତତ୍ତ୍ୱକୁ ବହନ କରୁଥିବା ଉଜ୍ଜ୍ୱଳ ଶ୍ରୁତବାଣୀ ରୂପେ ପ୍ରକାଶିତ ହୋଇ ଦିବ୍ୟ କାର୍ଯ୍ୟ ସମ୍ପାଦନ କରେ । ଏହି ରୂପେ ଭଗବାନ୍ ସ୍ୱୟଂ ଆନ୍ତର ଯଜ୍ଞର ସମଗ୍ର ପ୍ରକ୍ରିୟାରେ ପରିଣତ ହୁଅନ୍ତି । ଗୀତାରେ ଏହି ତତ୍ତ୍ୱଟିକୁ ନିମ୍ନ ଶ୍ଳୋକରେ ବର୍ଣ୍ଣନା କରାଯାଇଛି –

''ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।
ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂ ହୁତମ୍ ।।''
(୯/୧୬)

ଅର୍ଥାତ୍,

''ମୁଁ କ୍ରତୁ ଅଟେ, ମୁଁ ଯଜ୍ଞ ଅଟେ, ମୁଁ ସ୍ୱଧା ଓ ଔଷଧ ଅଟେ ।
ମୁଁ ମନ୍ତ୍ର, ମୁଁ ଘୃତ, ମୁଁ ଅଗ୍ନି ଏବଂ ମୁଁ ଆହୁତି ମଧ୍ୟ ଅଟେ ।''

ଶ୍ରୀଅରବିନ୍ଦ କହନ୍ତି ଯେ ବେଦର ମନ୍ତ୍ର ମନୁଷ୍ୟ ଓ ଭଗବାନଙ୍କ ମଧ୍ୟରେ ଏକାତ୍ମତା ସୃଷ୍ଟି କରିଥାଏ । ମନ୍ତ୍ରରେ ଏପରି ଶକ୍ତି ଅଛି ଯେ ତାହା ମନୁଷ୍ୟଜୀବନରେ ଭଗବାନଙ୍କ ଛନ୍ଦକୁ ବାରଂବାର କାର୍ଯ୍ୟକାରୀ କରିଥାଏ । ଭଗବାନ୍ ସ୍ୱୟଂ ବେଦ ଅଟନ୍ତି । ବେଦରେ ଉପଲବ୍ଧ ଜ୍ଞାନ ଭଗବାନଙ୍କର ହିଁ ଏକ ରୂପ । ସେ ଉଭୟ ଜ୍ଞାନ ଓ ଜ୍ଞେୟ । ବେଦର ମନ୍ତ୍ର ପୁଣି ବିଭିନ୍ନ ପ୍ରକାରର । ଋଗ୍‌ବେଦର ମନ୍ତ୍ର ମନକୁ ଜ୍ଞାନ ଦ୍ୱାରା ଉଦ୍ଭାସିତ କରେ ('ଋକ୍' ଶବ୍ଦର ଆକ୍ଷରିକ ଅର୍ଥ ହେଉଛି 'ଆଲୋକ ପ୍ରଦାନକାରୀ') । ତାହା ବ୍ୟକ୍ତିକୁ ସତ୍ୟ ଦୃଷ୍ଟିର ଜ୍ୟୋତି ପ୍ରଦାନ କରେ । ଯଜୁର୍ବେଦର ମନ୍ତ୍ର ବ୍ୟକ୍ତି ଭିତରେ ସଂକଳ୍ପ ଶକ୍ତି ବା କାର୍ଯ୍ୟକାରୀ ଇଚ୍ଛାଶକ୍ତି (will of effectuation) ସୃଷ୍ଟି କରେ । ତାହା ଯଥାର୍ଥ ରୂପେ କାର୍ଯ୍ୟ ସମ୍ପାଦନର ସାମର୍ଥ୍ୟ ପ୍ରଦାନ କରେ । ଆଉ ସାମବେଦର ମନ୍ତ୍ର ବ୍ୟକ୍ତି ଭିତରେ ଭରି ଦିଏ ଦିବ୍ୟ ପ୍ରଶାନ୍ତି ଓ ଆଧ୍ୟାତ୍ମିକ ଆନନ୍ଦ । ହୃଦୟ ଓ ଆତ୍ମାକୁ ତାହା ଆଣି ଦିଏ ସଙ୍ଗତିମୟ ଦିବ୍ୟ ଆସ୍ପୃହା । ଅନ୍ୟ ଭାଷାରେ କହିଲେ ଜ୍ଞାନ, କର୍ମ ଓ ଭକ୍ତିର ସମନ୍ୱୟ ଦ୍ୱାରା ବ୍ୟକ୍ତି ସକଳ ସିଦ୍ଧି ଓ ପରିପୂର୍ଣ୍ଣତା ଲାଭ କରିପାରିବ ।

ବୈଦିକ ଯଜ୍ଞରେ ବ୍ୟବହୃତ ମହାନ୍ ମନ୍ତ୍ର 'ଓଁ'କୁ ଆନ୍ତର ଯଜ୍ଞରେ ମଧ୍ୟ ସଫଳତାର ସହିତ ପ୍ରୟୋଗ କରାଯାଇ ପାରିବ ।

'ଓଁ' ହେଉଛି ସନାତନ ବୀଜମନ୍ତ୍ର । ତାହା ସମସ୍ତ ବସ୍ତୁ ଓ ଭାବର, ସମସ୍ତ ନାମ ରୂପର ପରମ ଉତ୍ସ ଅଟେ । ସମସ୍ତ ବାକ୍ୟ ଓ ସମସ୍ତ ଚିନ୍ତା 'ଓଁ'ରୁ ପରିସ୍ଫୁରିତ ହୋଇଥାଏ । 'ଓଁ' ମଧ୍ୟରେ ରହିଛି ମୂଳଭୂତ ଏକତ୍ୱ ଓ କାଳାତୀତ ରହସ୍ୟ । 'ଓଁ' (ଅ+ଉ+ମ୍)ର ପ୍ରଥମ ଧ୍ୱନି 'ଅ' ସ୍ଥୂଳ ଓ ବାହ୍ୟ ଜଗତର ପ୍ରତିନିଧିତ୍ୱ କରେ । ଏହା 'ବିରାଟ'ର ପ୍ରତୀକ । 'ଉ' ଧ୍ୱନି ସୂକ୍ଷ୍ମ ଓ ଆନ୍ତର ଜଗତକୁ ନିର୍ଦ୍ଦେଶିତ କରେ । ଏହାକୁ 'ତୈଜସ୍' ବୋଲି କୁହାଯାଏ । 'ମ୍' ଧ୍ୱନି ହେଉଛି ସୁଷୁପ୍ତି ବା ସମାଧି ଅବସ୍ଥାର ସୂଚକ, ଯେଉଁଠି ବସ୍ତୁ ସକଳ ବୀଜାକାରରେ ପ୍ରସ୍ତୁତ ହୋଇ ରହିଥାଏ ଏବଂ ପରେ କ୍ରମାନ୍ୱୟରେ ସୂକ୍ଷ୍ମ ଜଗତକୁ ତଥା ବାହ୍ୟ ଜଗତକୁ ପ୍ରକଟିତ ହୋଇ ଆସେ । ଏହାକୁ 'ପ୍ରଜ୍ଞା' ବୋଲି କୁହାଯାଏ । ଏହି ତିନୋଟିର ଊର୍ଦ୍ଧ୍ୱରେ ରହିଛି ସର୍ବାତୀତ ପରମ ସଦ୍‌ବସ୍ତୁ ଯାହାକୁ 'ତୁରୀୟ' ବୋଲି କୁହାଯାଇଛି । ଯିଏ ଆନ୍ତର ଚେତନା ଭିତରେ ଯଜ୍ଞ କରିଥାଏ ସେ ପରମସତ୍ୟକୁ ଉପରୋକ୍ତ ତିନୋଟି ସ୍ତରରେ ଉପଲବ୍ଧି କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ପରମ ଉତ୍ସ ସ୍ୱୟଂଭୂ ବିଶ୍ୱାତୀତ ସତ୍ତାଙ୍କୁ ମଧ୍ୟ ଉପଲବ୍ଧି କରିଥାଏ ।

ଯିଏ ଏକାଧାରରେ ଜ୍ଞାନୀ, କର୍ମଯୋଗୀ ଓ ଭକ୍ତ ସେ ଜାଣେ ଓ ଅନୁଭବ କରେ ଯେ ଭଗବାନ୍ ହିଁ ସବୁକିଛି । ତା' ପକ୍ଷରେ ଭଗବାନ୍ ହେଉଛନ୍ତି ପିତା, ମାତା, ବନ୍ଧୁ, ପ୍ରେମିକ, ସ୍ରଷ୍ଟା, ପ୍ରଭୁ, ଈଶ୍ୱର ଓ ଭର୍ତ୍ତା । ଭଗବାନଙ୍କଠାରେ ନିଜର ସମଗ୍ର ସତ୍ତାକୁ ସମର୍ପଣ କରିଥିବା ବ୍ୟକ୍ତି କୌଣସି ପ୍ରତିକୂଳ ପରିସ୍ଥିତି ଦ୍ୱାରା ଆତଙ୍କିତ ହୁଏ ନାହିଁ । ଦୁଃଖ ଓ ଅଶୁଭ କୌଣସି ପ୍ରକାରେ ତାକୁ ବିମୂଢ଼ କରିପାରେ ନାହିଁ । ସେ ଉପଲବ୍ଧି କରିଥାଏ ଯେ ଜଗତସକଳର ସୃଷ୍ଟି, ସ୍ଥିତି ଓ ଲୟ ଏକ ଅଦ୍ୱିତୀୟ ପରମସତ୍ତାଙ୍କର ହିଁ ଲୀଳା । ଭଗବାନ୍ ହିଁ ସବୁକିଛିର ଏକମାତ୍ର ଅବିନାଶୀ ବୀଜ, ସବୁକିଛିର ମୂଳ ଉତ୍ସ ସିଏ । ମନୁଷ୍ୟ ଓ ପ୍ରାଣୀମାନଙ୍କର ଏକମାତ୍ର ଆଶ୍ରୟଦାତା ହେଉଛନ୍ତି ଭଗବାନ୍ । ତାଙ୍କ ଭିତରେ ସମସ୍ତ ପ୍ରାଣୀ ନିବାସ କରନ୍ତି । ଏ ସମସ୍ତ ବିଷୟ ଗୀତାର ନିମ୍ନଶ୍ଳୋକରେ ପ୍ରକଟିତ ହୋଇଛି ।

''ଗତିର୍ଭର୍ତ୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।
ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ॥''
(୯/୧୮)

ଜ୍ଞାନ, ଭକ୍ତି, ଆତ୍ମୋତ୍ସର୍ଗ ଓ ଆତ୍ମସମର୍ପଣ – ଏହା ହିଁ ପରମେଶ୍ୱରଙ୍କ ସାନ୍ନିଧ୍ୟ ପ୍ରାପ୍ତିର ଯଥାର୍ଥ ମାର୍ଗ । ଅହଂଗତ ବାସନାର ପରିତୃପ୍ତି, ପାର୍ଥିବ ସୁଖ ବା ସ୍ୱର୍ଗସୁଖ ଜୀବନର ସମଗ୍ର ଲକ୍ଷ୍ୟ ନୁହେଁ । ବରଂ ଜ୍ଞାନ, କର୍ମ, ପ୍ରେମ ଓ ଭକ୍ତି ଦ୍ୱାରା ଭଗବାନଙ୍କୁ ଉପଲବ୍ଧି କରିବା ଜୀବନର ଅସଲ ଲକ୍ଷ୍ୟ । ଭଗବାନଙ୍କ ବ୍ୟତୀତ ଆଉ କିଛି ନ ଚାହିଁ ନିରନ୍ତର ତାଙ୍କ ସହିତ ଯୁକ୍ତ ହୋଇ ରହିବା, ସମସ୍ତ ପ୍ରାଣୀଙ୍କ ଭିତରେ ତାଙ୍କୁ ହିଁ ଭଲ ପାଇବା ଏବଂ ସବୁକିଛି ମଧ୍ୟରେ ତାଙ୍କରି ଆନନ୍ଦ ଲାଭ କରିବା, ଏଥିରେ ଜୀବନର ସାର୍ଥକତା ନିହିତ, ଏହା ହିଁ ଅଧ୍ୟାତ୍ମ ଜୀବନର ସମଗ୍ର ସ୍ୱରୂପ । ଏପରି ଏକ ଆଧ୍ୟାତ୍ମିକତା ଆବଶ୍ୟକ ଯାହା ମନୁଷ୍ୟକୁ ଜୀବନରୁ ବିଚ୍ଛିନ୍ନ କରୁ ନ ଥିବ, ପୂର୍ଣ୍ଣତା ପ୍ରାପ୍ତିରୁ ବଞ୍ଚିତ କରୁ ନ ଥିବ । ଭଗବାନ୍ ପରମ କରୁଣାମୟ, ସେ ଭକ୍ତର ସକଳ ପ୍ରକାର କଲ୍ୟାଣ ସାଧନ କରନ୍ତି, ତାକୁ ଉଭୟ ଆନ୍ତର ଓ ବାହ୍ୟ ଯୋଗକ୍ଷେମ ଆଣି ଦିଅନ୍ତି – ''ଯୋଗକ୍ଷେମଂ ବହାମ୍ୟହମ୍'' । ଅପ୍ରାପ୍ତ ବସ୍ତୁର ପ୍ରାପ୍ତି ଓ ପ୍ରାପ୍ତ ବସ୍ତୁର ସୁରକ୍ଷା ଏହି ମହାନ୍ ଦାୟିତ୍ୱ କେବଳ ଭଗବାନ୍ ବହନ କରିପାରନ୍ତି ।

ବାହ୍ୟିକ ଧର୍ମାନୁଷ୍ଠାନ, ଦେବତାମାନଙ୍କ ଉଦ୍ଦେଶ୍ୟରେ ସମ୍ପାଦିତ ଯଜ୍ଞ ଏବଂ ନିମ୍ନସ୍ତରୀୟ ପୂଜା, ଉପାସନା ଦ୍ୱାରା ଯେଉଁ ଫଳ ଲାଭ ହୁଏ ତାହା ସୀମିତ, ଆଂଶିକ ଓ କ୍ଷଣସ୍ଥାୟୀ । ଏହା ଦ୍ୱାରା ଜଣେ ଭଗବାନଙ୍କୁ ସମଗ୍ର ରୂପେ ବା ସମସ୍ତ ତତ୍ତ୍ୱ ସହିତ ଜାଣିପାରେ ନାହିଁ (ନ ମାମ୍ ଅଭିଜାନନ୍ତି ତତ୍ତ୍ୱେନ) । ଅହଂଭାବଯୁକ୍ତ ହୋଇ ଓ ଆଂଶିକ ସମର୍ପଣ ଦ୍ୱାରା ଯେଉଁ ଯଜ୍ଞ ଓ ଉପାସନା କରାଯାଏ ତାହାର ଫଳ ଆଂଶିକ, ତାହା ମନୁଷ୍ୟକୁ ବିଭ୍ରାନ୍ତ କରିପାରେ । ସମଗ୍ର ଭାବରେ ଭଗବତ୍ ଦର୍ଶନ ପାଇଁ ଏକ ସମଗ୍ର ସଚେତନ ଆତ୍ମସମର୍ପଣ ଆବଶ୍ୟକ । କ୍ଷୁଦ୍ର ଲକ୍ଷ୍ୟର ସନ୍ଧାନ ନ କରି ଏକ ମହତ୍ତର ସାଧନା ଦ୍ୱାରା ବ୍ୟାପକ ଭଗବତ୍ ଅଭିଜ୍ଞତା ହାସଲ କରିବା ଏବଂ ନିଜର ଚେତନାକୁ ଉତ୍ତରୋତ୍ତର ପ୍ରସାରିତ କରିବା, ଏହା ଦିନେ ଭଗବାନଙ୍କର ସମଗ୍ର ସତ୍ୟ ପାଖରେ ପହଞ୍ଚାଇ ଦେବ । ଭଗବାନ୍ ହେଉଛନ୍ତି ମନୁଷ୍ୟର ସକଳ ଯଜ୍ଞ ଓ ତପସ୍ୟାର ପ୍ରଭୁ । ମନୁଷ୍ୟର ସମସ୍ତ ସାଧନା ଓ ଅଭୀପ୍ସାର ସେ ଅନନ୍ୟ ଓ ଅନନ୍ତ ଭୋକ୍ତା । ତେବେ ମନୁଷ୍ୟର ଆତ୍ମଦାନ ଓ ବିଶ୍ୱାସ ଅନୁସାରେ ଭଗବାନ୍ ତାକୁ ଆଂଶିକ ବା ପୂର୍ଣ୍ଣ ରୂପେ ପ୍ରାପ୍ତ ହୋଇଥା'ନ୍ତି ।

ଭଗବାନଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ସଦାଚାରୀ ବ୍ରାହ୍ମଣଠାରୁ ଆରମ୍ଭ କରି ପାପୀ ଦୁରାଚାରୀ ପର୍ଯ୍ୟନ୍ତ ସମସ୍ତେ ଭଗବାନଙ୍କ କୃପା ଲାଭ କରିପାରନ୍ତି । ଭଗବାନ୍ କାହାକୁ ପରିତ୍ୟାଗ କରନ୍ତି ନାହିଁ, ତାଙ୍କ ପ୍ରେମରେ ପକ୍ଷପାତିତା ନାହିଁ ।

ଜଣେ ଦୁରାଚାରୀ ବ୍ୟକ୍ତି ମଧ୍ୟ ଯଦି ଅନନ୍ୟ ପ୍ରେମ ନେଇ ଭଗବାନଙ୍କ ଭଜନ କରେ ସେ ସାଧୁ ବୋଲି ଅଭିହିତ ହେବ । ତା'ର ସାଧନାରେ ନିଷ୍ଠା ଦ୍ୱାରା ସେ ଶୀଘ୍ର ଧର୍ମାତ୍ମା ହୋଇ ଉଠିବ । ଆତ୍ମୋତ୍ସର୍ଗର ସଂକଳ୍ପରେ ଏପରି ଶକ୍ତି ଥାଏ ଯେ ତାହା ସମସ୍ତ ଆବରଣ, ଭ୍ରାନ୍ତି ଓ ବାଧାକୁ ଧ୍ୱଂସ କରି ବ୍ୟକ୍ତିକୁ ଭଗବାନଙ୍କ ସାନ୍ନିଧ୍ୟକୁ ସତ୍ୱର ନେଇ ଆସିପାରେ । ନାନା ଆସକ୍ତି ଯୋଗୁଁ ପାର୍ଥିବ ଜଗତରେ ମନୁଷ୍ୟ ଦୁଃଖ, ଯନ୍ତ୍ରଣା ଓ ସଂଗ୍ରାମ ମଧ୍ୟ ଦେଇ ଯାତ୍ରା କରୁଥାଏ । ଏସବୁଥିରୁ ମୁକ୍ତ ହେବାକୁ ହେଲେ ତାକୁ ବହିର୍ମୁଖୀ ନ ହୋଇ ଅନ୍ତର୍ମୁଖୀ ହେବାକୁ ପଡ଼ିବ । ମନର ସଂକୀର୍ଣ୍ଣତା ଓ ପ୍ରାଣର ବାସନାସବୁକୁ ପରିହାର କରି ଦିବ୍ୟ ଚେତନା ଆଡ଼କୁ ଉନ୍ମୁଖ ହେବାକୁ ପଡ଼ିବ । ପାର୍ଥିବ ଜୀବନ ମଧ୍ୟରୁ ଦିବ୍ୟ ଜୀବନ ମଧ୍ୟକୁ ବିକଶିତ ହୋଇ ଉଠିବା ଲାଗି ଜ୍ଞାନ, ଅଭୀପ୍ସା, ପ୍ରେମ, ଭକ୍ତି, ଆତ୍ମସମର୍ପଣ ଓ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ମର ଯଜ୍ଞ ଏସବୁ ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ସ୍ଥାପନ କରିବାକୁ ହେବ । ବ୍ୟକ୍ତି ଭିତରେ ସତ୍ ସଂକଳ୍ପ ଓ ଆନ୍ତରିକତା ରହିଥିଲେ ଦିବ୍ୟ ଆଲୋକ ଅବତରଣ କରି ତା'ର ସାଧନା-ଭୂମିରେ ସକଳ ଭେଦ-ବୈଷମ୍ୟ ଦୂର କରିଦେବ । ଶ୍ରୀଅରବିନ୍ଦଙ୍କ ମତରେ ଦିବ୍ୟ ପ୍ରେମ ଓ ଭକ୍ତି ମଧ୍ୟରେ ଜ୍ଞାନ, କର୍ମ ଓ ହୃଦୟର ଆକାଙ୍‌କ୍ଷା ପରମ ସାମଞ୍ଜସ୍ୟ ଲାଭ କରେ ।

(କ୍ରମଶଃ) ❑

---

(*ପୃଷ୍ଠା ୫ର ଅବଶିଷ୍ଟାଂଶ*)

ଚଳଚଞ୍ଚଳ ଆଲୋକରଶ୍ମିର ରାଜ୍ୟ, ଯାହା ଜୀବନର ସଂବେଦନ-ସ୍ରୋତକୁ ବୁଦ୍ଧିର ଆତ୍ମ-ସ୍ଥିତିଠାରୁ ବିବିକ୍ତ କରି ରଖିଥିଲା ।

A coalition of uncertainties
There exercised uneasy government
On a ground reserved for doubt
and reasoned guess,
A rendezvous of Knowledge with Ignorance.

ନାନା ଅନିଶ୍ଚିତତାର ଏକ ମୈତ୍ରୀ ସେଠାରେ ସଂଶୟ ଓ ବିଚାରଗତ ଅନୁମାନ ନିମନ୍ତେ ସଂରକ୍ଷିତ ଭୂମିରେ ଅସ୍ୱସ୍ତିକର ଶାସନ ଚଳାଇ ଥିଲା, ସେଇଟି ଥିଲା ଜ୍ଞାନ ଓ ଅଜ୍ଞାନର ଅଭିସାର ସ୍ଥଳୀ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

## ବିଶେଷ ସୂଚନା

ଭାରତୀୟ ଡାକ ବିଭାଗର ସୂଚନା ଓ ନିର୍ଦ୍ଦେଶ ଅନୁଯାୟୀ ଆମେ 'ନବପ୍ରକାଶ' ପତ୍ରିକା ପଠାଉ ଥିବା ଖୋଳ(Cover) ଉପରେ ଠିକଣା ବ୍ୟତୀତ ଅନ୍ୟ କିଛି ଲେଖିପାରିବୁ ନାହିଁ । ସାଧାରଣତଃ ଆମେ ଠିକଣା ସହ ଗ୍ରାହକ ନମ୍ବର ଓ ଯେଉଁ ମାସରେ ଆପଣ ପତ୍ରିକା ନବୀକରଣ କରିବା ଆବଶ୍ୟକ ତାହା ସୂଚାଇ ଦେଇଥାଉ । ବର୍ତ୍ତମାନ ଠିକଣା ସହ ତାହା ଲେଖିବା ସମ୍ଭବ ନୁହେଁ । ଆପଣ ଯଦି ପତ୍ରିକାର ଗ୍ରାହକ ନମ୍ବର ଓ ପତ୍ରିକାର ଦେୟ କେବେ ଜମା କରିବେ ତାହା ଲେଖି ନରଖି ଥା'ନ୍ତି ତେବେ ନବଜ୍ୟୋତି କାର୍ଯ୍ୟାଳୟକୁ ସକାଳ ୯.୩୦ରୁ ୧୧.୩୦ ସମୟର ଅବଧି ଭିତରେ ଫୋନ୍ କରି ତାହା ସଂଗ୍ରହ କରିପାରନ୍ତି ଏବଂ କାର୍ଯ୍ୟାଳୟ ସହ ସମ୍ପର୍କ ରଖିବା ପାଇଁ ମୋବାଇଲ ନମ୍ବରଟି ଦେବା ଉପଯୋଗୀ ହେବ । ଏତଦ୍ ବ୍ୟତୀତ ଯେଉଁମାନେ ନୂତନ ଗ୍ରାହକ ହେଉଛନ୍ତି ସେମାନେ ତାଙ୍କର ଠିକଣା ସହ ମୋବାଇଲ ନମ୍ବର ଦେବାକୁ ଅନୁରୋଧ ।

ନବଜ୍ୟୋତି କାର୍ଯ୍ୟାଳୟ

**(୦୪୧୩ -୨୨୩୩୬୩୩)**

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୫)

### 'ଗୋଲକୁଣ୍ଡ'ର ପରିକଳ୍ପନା :

''୧୯୩୩-୩୪ ମସିହା ବେଳକୁ ଆଶ୍ରମର କଳେବର ତଥା ସ୍ଥାବର-ଅସ୍ଥାବର ସମ୍ପତ୍ତିସବୁ ବିନା ବାଧାରେ ବେଶ୍ ବୃଦ୍ଧି ପାଇ ଚାଲିଥିଲା । ପଣ୍ଡିଚେରୀରେ ତଦାନୀନ୍ତନ ଫରାସୀ ଗଭର୍ଣ୍ଣର ଶ୍ରୀମା'ଙ୍କୁ ଜଣାଇ ଦେଲେ ଯେ ପଣ୍ଡିଚେରୀରେ ଆଶ୍ରମ ଆଉ ଭୂ-ସମ୍ପତ୍ତି ଖରିଦ କରି ପାରିବ ନାହିଁ କିଂବା ଆଉ କୌଣସି ବାସଭବନକୁ ଭଡ଼ାରେ ଦଖଲ କରି ପାରିବ ନାହିଁ । ଫଳତଃ କିଛି ବର୍ଷ ଧରି ଆଶ୍ରମରେ ନବାଗତ ସାଧକମାନଙ୍କୁ ଅନ୍ତେବାସୀ ରୂପେ ଗ୍ରହଣ କରି ନେବାର କର୍ମ ପଦ୍ଧତିରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା । ତେଣୁ ସ୍ୱାଭାବିକ ରୂପେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ନିକଟରେ ଏକମାତ୍ର ପନ୍ଥା ରହିଥିଲା ସ୍ୱତଃ କ୍ରମବର୍ଦ୍ଧିଷ୍ଣୁ ଆଶ୍ରମର ଅନ୍ତେବାସୀଙ୍କ ସକାଶେ ନିଜସ୍ୱ ଜମିରେ ବାସଗୃହ ନିର୍ମାଣ କରିବା ।...''

('Golconde' : Pankaj Vir Gupta, P. 12)

ଇତିପୂର୍ବରୁ ୧୯୩୦ ମସିହାରେ, ଆଶ୍ରମର ପ୍ରଧାନ ଅଟ୍ଟାଳିକାର ଅନତିଦୂରରେ, ନଂ ୭, ରୁ୍ୟ ଦ୍ୟୁପୁଇ (Rue Dupuy)ରେ (୮୦ ମିଟର × ୩୦ ମିଟର)ର ଏକ ଜମି ଶ୍ରୀମା ଖରିଦ କରି ନେଇଥିଲେ । ଫରାସୀ ଗଭର୍ଣ୍ଣମେଣ୍ଟଙ୍କର ଉପରୋକ୍ତ ସିଦ୍ଧାନ୍ତ ଶୁଣିବା ପରେ ଶ୍ରୀମାଶ୍ରୀଅରବିନ୍ଦ ଚାହିଁଲେ ଏହି ଜମିରେ ବହୁ ଶଯ୍ୟା ବିଶିଷ୍ଟ ବିଶ୍ରାମ କକ୍ଷ (ଡରମିଟୋରୀ) ଥାଇ ଏକ ଅତୀବ ମନୋହର ଅଟ୍ଟାଳିକା ନିର୍ମାଣ କରିବେ, ଯେଉଁଠି ଆଶ୍ରମର ଅନ୍ତେବାସୀଗଣ ବାସ କରି ପାରିବେ ।

ଶ୍ରୀମା'ଙ୍କର ଏହି ପରିକଳ୍ପନାର ଖବର ପାଇବା ମାତ୍ରେ ହାଇଦ୍ରାବାଦର ତଦାନୀନ୍ତନ ଦେଓ୍ୱାନ ସାର୍ ଆକବର୍ ହାଇଦରୀ ତୁରନ୍ତ ଏକ ଲକ୍ଷ ଟଙ୍କା ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଭକ୍ତିଭରେ ଅର୍ପଣ କରିଥିଲେ ।

ହାଇଦ୍ରାବାଦର ପ୍ରସିଦ୍ଧ ଦୁର୍ଗ ଓ ଦୁର୍ମୂଲ୍ୟ ରତ୍ନଖଣି 'ଗୋଲକୁଣ୍ଡା'('Golconda')ର ନାମାନୁସାରେ ଶ୍ରୀମାଶ୍ରୀଅରବିନ୍ଦ ଆଶ୍ରମରେ ନିର୍ମିତ ହେବାକୁ ଯାଉଥିବା ମନୋହର ଅଟ୍ଟାଳିକାଟିର ନାମ ରଖିଲେ 'ଗୋଲକୁଣ୍ଡ' ('Golconde') । ୧୯୩୫ରେ ଏହାର ନିର୍ମାଣ-କାର୍ଯ୍ୟର ନକ୍ସା ପ୍ରସ୍ତୁତ ହେଲା ଏବଂ ୧୦ ଅକ୍ଟୋବର ୧୯୩୭ରେ ଏହାର ଭିତ୍ତିସ୍ଥାପନା କରାଯାଇଥିଲା । ୧୯୪୮ରେ ଏହି ଅଭୂତପୂର୍ବ ଅଟ୍ଟାଳିକାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା ।

ପ୍ରଭାକର (ବାଟ୍ଟୀ)ଙ୍କ ଉକ୍ତିରେ : ''...କହିବାକୁ ଗଲେ ଏହି ତିରିଶ ଦଶକରେ ଆଶ୍ରମରେ ଏକ ଅସାଧାରଣ ସାମର୍ଥ୍ୟଯୁକ୍ତ ତଥା ଗୁଣାତ୍ମକ ଦୃଷ୍ଟିରୁ ସର୍ବୋତ୍କୃଷ୍ଟ ମାନର ଏବଂ ଚିତ୍ତାକର୍ଷକ ଭାବରେ ତୀବ୍ର ଉତ୍ସାହ ଓ ଉଦ୍ଦୀପନାରେ ଓତପ୍ରୋତ ଭାବରେ ସ୍ପନ୍ଦିତ ଏକ ବିରାଟ ନିର୍ମାଣ କାର୍ଯ୍ୟର ଅୟମାରମ୍ଭ ହୋଇଥିଲା – 'ଗୋଲକୁଣ୍ଡ'ର ନିର୍ମାଣ କାର୍ଯ୍ୟ ।... ସେତେବେଳେ ଆଶ୍ରମର ଜୀବନ-ନିର୍ବାହର ଶୈଳୀ ଥିଲା ସ୍ୱତନ୍ତ୍ର । ଅନ୍ତେବାସୀଙ୍କର ମନୋଭାବ ଥିଲା ସ୍ୱତନ୍ତ୍ର । କୌଣସି ନୂତନ କର୍ମ-ସମ୍ପାଦନ କରିବା ସକାଶେ ଅର୍ଥ-ସମ୍ବଳ ଥିଲା ସାମାନ୍ୟ, କିନ୍ତୁ ଅତୀବ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା ସମ୍ପାଦନ-ପ୍ରକ୍ରିୟା । ତେଣୁ ଅନ୍ତେବାସୀଗଣ ସ୍ୱଳ୍ପ ସମ୍ବଳରେ ମଧ୍ୟ ଲକ୍ଷ୍ୟ ସାଧନରେ ଆଶାତୀତ ଭାବରେ ସାଫଲ୍ୟ ଲାଭ କରି ପାରିଥିଲେ । ସେମାନଙ୍କର ମୂଲ୍ୟବାନ୍ ସମ୍ପତ୍ତି ଥିଲା ବିଶ୍ୱାସ, ଭକ୍ତି ଏବଂ ଅବିରତ ଅଧ୍ୟବସାୟ ।... ସେମାନେ ଇଞ୍ଜିନିୟର ହୋଇଥା'ନ୍ତୁ ବା ସାଧାରଣ କର୍ମୀ ହୋଇଥା'ନ୍ତୁ, ସେମାନେ ପ୍ରତ୍ୟେକେ ନିଃଶେଷରେ କେବଳ ଯେ ଅକ୍ଳାନ୍ତ ପରିଶ୍ରମ କରି କର୍ମରତ ରହୁଥିଲେ, ତା' ନୁହେଁ, ସେମାନେ ଦିବ୍ୟ ଆନନ୍ଦରେ ନିମଜ୍ଜମାନ ରହି କର୍ମ କରୁଥିଲେ । ସେମାନେ ଏହି କର୍ମରେ ନିଜକୁ ଉତ୍ସର୍ଗ କରି ପାରିବାର ଅପୂର୍ବ ସୁଯୋଗ ଲାଭ କରିଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଥିଲେ ଏବଂ ତା'ଠାରୁ ଅଧିକ ଆନନ୍ଦ ଲାଭ କରୁଥିଲେ । ତେଣୁ ବହୁ ବର୍ଷ ବିତିଯିବା ପରେ ମଧ୍ୟ ସେମାନେ ସେହି ସମାନ ଗୌରବ ଓ ଆନନ୍ଦର ସହିତ କହି ପାରୁଥିଲେ : 'ମୁଁ ସେଥିରେ ଅଂଶ ଗ୍ରହଣ କରିଥିଲି ।' ''

('Among the Not So Great', Ed. 2018, P. 56 - 57)

'ଗୋଲକୁଣ୍ଡ'ର ଇତିହାସ ବର୍ଣ୍ଣନା ଅଧ୍ୟାୟରେ ଚିତ୍ରା

ସେନ୍ ତାଙ୍କ ପୁସ୍ତକରେ ଉଲ୍ଲେଖ କରିଛନ୍ତି : ''ଆଜି ଆମେ ଆଶ୍ରମକୁ ଯେମିତି ଦେଖୁଛୁ, ୧୯୩୭-୩୮ର ଆଶ୍ରମ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଖୁବ୍ ବେଶୀରେ ଦୁଇ ଶହ ଅନ୍ତେବାସୀ ଥିଲେ – ତରୁଣ ଓ ବୟସ୍କ । ସମସ୍ତେ ମା'ଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାରେ ବ୍ରତୀ ହେବାକୁ ସ୍ୱତଃପ୍ରବୃତ୍ତ ଭାବରେ ଆଶ୍ରମରେ ଯୋଗ ଦେଇଥିଲେ । ଆଶ୍ରମର ସେତେବେଳେ ନିଜସ୍ୱ ବାସଭବନ ଖୁବ୍ କମ୍ ଥିଲା; ଅଧିକାଂଶ ବାସଭବନ ଭଡ଼ାରେ ନିଆ ଯାଇଥିଲା । ମାତ୍ର ଆଠ ଦଶଟି ସେବା ବିଭାଗ (departments) ଥିଲା । କହିବାକୁ ଗଲେ ପ୍ରତ୍ୟେକଟି ବିଭାଗ ଆଶ୍ରମର ସାମୂହିକ ଜୀବନଯାପନର ଆବଶ୍ୟକତା ମୁତାବକ ଗଢ଼ି ଉଠିଥିଲା । ଆଶ୍ରମର ସମସ୍ତ ଅନ୍ତେବାସୀ, ସାଧକ ବା ସାଧିକା ଉପରୋକ୍ତ ବିଭାଗସବୁରେ କିଛି ନା କିଛି କର୍ମରେ ନିଜକୁ ପୂର୍ଣ୍ଣପ୍ରାଣରେ ନିୟୋଜିତ ରଖୁଥିଲେ; କର୍ମ ହିଁ ଥିଲା ପ୍ରତ୍ୟେକଙ୍କର ସାଧନା ଏବଂ ମା'ଙ୍କଠାରେ ନିଜକୁ ସମର୍ପଣ କରି ଦେବାର ଏକ ବଳିଷ୍ଠ ମାଧ୍ୟମ । ଜୀବନଶୈଳୀ ଥିଲା ଅନ୍ତର୍ମୁଖୀ, ଏକାଗ୍ର । ପରିବେଶ ଥିଲା ଶାନ୍ତ, ଅଚଞ୍ଚଳ । ପ୍ରତ୍ୟେକଙ୍କର ଏକମାତ୍ର ଲକ୍ଷ୍ୟ ଥିଲା ବ୍ୟକ୍ତିଗତ ତଥା ସାମୂହିକ ଗତିବିଧିରେ ନିଜସ୍ୱ ଆନ୍ତର ଅନ୍ୱେଷଣରେ ତୀବ୍ର ଭାବରେ ଲିପ୍ତ ରହିବା ।...''

('Work as Sadhana under the Mother's Guidance'; P. 109)

'ଗୋଲକୁଣ୍ଡ'ର ଜନୈକ ସାହସୀ ଓ ବଳିଷ୍ଠ କର୍ମବୀର 'ଉଦାର'ଙ୍କ ସମ୍ବନ୍ଧେ ବର୍ଣ୍ଣନା କରିବାକୁ ଯାଇ ସୁନୟନା ଉଲ୍ଲେଖ କରିଛନ୍ତି : ''...ଉପଯୁକ୍ତ କର୍ମବୀରଗଣଙ୍କର ଆନ୍ତରିକ ସହାୟତା ବିନା ଶ୍ରୀମା କେବେ ହେଲେ 'ପୃଥିବୀରେ ତାଙ୍କର ଏହି ପୃଥିବୀ' (World-within-a-world)) ନିର୍ମାଣ କରିପାରି ନଥା'ନ୍ତେ । ତାଙ୍କର ଏହି ଛୋଟ ପୃଥିବୀ (ଶ୍ରୀଅରବିନ୍ଦ ଆଶ୍ରମ) ଗଠନରେ ଏହିସବୁ ବୀର କର୍ମୀ-ଯୋଦ୍ଧା ଥିଲେ ଗୋଟିଏ ଗୋଟିଏ ସ୍ତମ୍ଭ ସଦୃଶ । ଏମାନେ ପ୍ରତ୍ୟେକେ ନିୟତିର ଅଲୌକିକ ପ୍ରେରଣାର ଚାପରେ ଶ୍ରୀମା'ଙ୍କର ଦିବ୍ୟ ସାନ୍ନିଧ୍ୟ ଲାଭ କରିଥିଲେ; ଏକ ଅଦୃଶ୍ୟ ଦିବ୍ୟ ଶକ୍ତିର ପ୍ରଭାବରେ ତାଙ୍କ ପ୍ରତି ଅଦମ୍ୟ ଭାବରେ ଆକୃଷ୍ଟ ହୋଇ ଉଠିଥିଲେ ଏବଂ ବିନା ବ୍ୟତିକ୍ରମରେ ଏମାନଙ୍କର ପ୍ରତ୍ୟେକଙ୍କର ରହିଥିଲା ଶ୍ରୀମା'ଙ୍କର ଦିବ୍ୟ-କର୍ମ ସାଧନରେ ଆବଶ୍ୟକ କର୍ମ-ନିପୁଣତା । ପୁନଶ୍ଚ ସର୍ବୋପରି ପ୍ରତ୍ୟେକେ ତାଙ୍କ ଅନ୍ତରର ଗଭୀରରେ ସାଇତି ରଖିଥିଲେ ଶ୍ରୀମା'ଙ୍କ ପ୍ରତି ଅଟଳ ଶ୍ରଦ୍ଧା-ଭକ୍ତି ।...''

('Golden Chain', Aug. 2003, P. 18)

ଏବେ ଆମେ ବର୍ଣ୍ଣନା କରିବୁ ସ୍ୱନାମଖ୍ୟାତ, ଅତ୍ୟନ୍ତ ଉଚ୍ଚକୋଟୀର ସ୍ଥପତି ଏଣ୍ଟୋନିନ୍ ରେମଣ୍ଡ* ଯିଏକି 'ଗୋଲକୁଣ୍ଡ'ର ମୁଖ୍ୟ ସ୍ଥପତି ଥିଲେ, ସିଏ କିପରି ନିୟତିର ଅଲୌକିକ ପ୍ରେରଣାର ଚାପରେ ଆଶ୍ରମକୁ ଆସିଥିଲେ । ସେ ତାଙ୍କର ବିରଳ 'ଆତ୍ମଜୀବନୀ' ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି :

''ଏହା ଥିଲା ୧୯୨୩ର ସେପ୍ଟେମ୍ବର ପହିଲା, ଶନିବାର, ମଧ୍ୟାହ୍ନ । ଜାପାନର ଟୋକିଓ ସହରର କୋଣ୍ଟୋରେ ପ୍ରଥମ କରି ଦେଖିଲି ଭୂମିକମ୍ପର ହୃଦୟବିଦାରକ କରାଳ ବିଭୀଷିକା । ମୋ'ଠୁ ବେଶ୍ କିଛି ଦୂରରେ ଆମ ବାସଭବନରେ ଥିଲେ ମୋ ସ୍ତ୍ରୀ ନୋଏମି ।... ଅତି କଷ୍ଟରେ ଆଶ୍ଚର୍ଯ୍ୟଜନକ ଭାବରେ ମୋ ସ୍ତ୍ରୀଙ୍କ ନିକଟରେ ଯାଇ ପହଞ୍ଚିଲି । ଚାରିଆଡ଼େ ବୀଭତ୍ସ ଦୃଶ୍ୟ; ଆମର ବାସଭବନଟି ମଧ୍ୟ ତଦ୍ରୂପ । କୌଣସି ପ୍ରକାରେ ରାତ୍ରିଟି କଟାଇଲୁ । ଠିକ୍ ତା' ପରଦିନ ବଡ଼ିଭୋରରୁ ମୋର ଅତି ଆପଣାର ଫରାସୀ ବନ୍ଧୁ ଫିଲିପ୍ସ୍ ('ପବିତ୍ର') ହଠାତ୍ ଆସି ହାଜର ଏବଂ ସବିନୟରେ ଅନୁରୋଧପୂର୍ବକ କହିଲେ, 'ଆସନ୍ତୁ, ମୋ ବାସଭବନରେ ରହିବେ ।' ଅନନ୍ୟୋପାୟ ହୋଇ ଆମେ ଦୁଇ ଜଣ ତାଙ୍କ ବାସଭବନରେ

* ଏଣ୍ଟୋନିନ୍ ରେମଣ୍ଡ (୧୦ ମେ ୧୮୮୮ - ୨୧ ନଭେମ୍ବର ୧୯୭୬) ଚେକୋସ୍ଲୋଭାକିୟା (ଅଧୁନା ଚେକ୍-ରିପବ୍ଲିକ୍)ର ବହେମିୟା ସହରର କ୍ଲାଡ୍‌ନୋରେ ଜନ୍ମଗ୍ରହଣ କରିଥିଲେ । ପରେ ନ୍ୟୁୟର୍କରେ ଆସି ସ୍ଥାୟୀ ଭାବରେ ବାସ କଲେ । ସେଠାରେ ସେ ଆମେରିକାର ଅଦ୍ୟାବଧି ଜଣାଥିବା ଅତ୍ୟୁତ୍କୃଷ୍ଟ ମାନର ସର୍ବୋତ୍ତମ ସ୍ଥପତି ଫ୍ରାଙ୍କ ଲୟାର୍ଡ ରାଇଟ୍‌ଙ୍କର ଦକ୍ଷିଣ ହସ୍ତ ରୂପେ କର୍ମ କରୁଥିଲେ । ୧୯୧୯ରେ ଜାପାନର ଭୀଷଣ ଭୂମିକମ୍ପ ପରେ ସେଠାରେ ନୂତନ କରି 'ଇମ୍ପିରିଆଲ୍ ହୋଟେଲ' ନିର୍ମାଣ କରିବାର ଦୁର୍ଲଭ ଆମନ୍ତ୍ରଣ ପାଇ ୩୧ ଡିସେମ୍ବର ୧୯୧୯ରେ ମି. ରାଇଟ୍‌ଙ୍କ ସହିତ ରେମଣ୍ଡ ଦମ୍ପତି ଟୋକିଓରେ ଆସି ପହଞ୍ଚିଥିଲେ । ୧୯୨୧ ବେଳକୁ ରେମଣ୍ଡଙ୍କର ତିନି ଜଣ ଇଉରୋପୀୟାନ (ତନ୍ମଧ୍ୟରୁ 'ପବିତ୍ର' ଅନ୍ୟତମ)ଙ୍କ ସହିତ ଘନିଷ୍ଠ ବନ୍ଧୁତ୍ୱ ଗଢ଼ି ଉଠିଥିଲା ।

– ସଂଗ୍ରାହକ

ଅନ୍ୟ ଦୁଇ ଜଣ ବନ୍ଧୁଙ୍କ ସହିତ ରହିଲୁ । ସେମାନଙ୍କର ପ୍ରତ୍ୟେକଙ୍କର ଥିଲା ଉଚ୍ଚମାନର ସୁରୁଚିସମ୍ପନ୍ନ ବ୍ୟକ୍ତିତ୍ୱ ।...

''୨୬ ଫେବ୍ରୁଆରୀ ୧୯୩୫ । ଟୋକିଓ ସହରର ଉପକଣ୍ଠରେ ସପରିବାର ସାନ୍ଧ୍ୟ-ଭ୍ରମଣରେ ଯାଇଥିଲୁ; ସେଠାରେ ଏକ ଚା-ଦୋକାନରେ ଅନ୍ୟମାନଙ୍କ ଗହଣରେ ଆମେ ବସିଥିବା ବେଳେ ଦ୍ୱିତୀୟ ମହାସମର ଆରମ୍ଭ ହେବାର ପୂର୍ବ ସୂଚନା ସମ୍ବନ୍ଧେ ଏକ ସୁସ୍ପଷ୍ଟ ଆଭାସ ପାଇଲି ଏବଂ ଏହି ସୂଚନା ସହିତ ଏକାଧିକ ସୂଚନା ମୋତେ ବିଶ୍ୱାସଜନକ ଭାବେ ହୃଦ୍‌ବୋଧ କରାଇଦେଲା ଯେ ବର୍ତ୍ତମାନ ଜାପାନ ଛାଡ଼ି ଅନ୍ୟତ୍ର ଚାଲିଯିବାର ମୁହୂର୍ତ୍ତ ଉପସ୍ଥିତ ।

''ମୁଁ ଉଦାସ ଚିତ୍ତରେ ବାସଭବନକୁ ଫେରିଲି । ସେତେବେଳେ ବେଶ୍ ଦୂରରେ ଥିବା ମୋର ବାସଭବନଟିର ପାରିପାର୍ଶ୍ୱିକ ଅବସ୍ଥା ଅବଶ୍ୟ ସୁରକ୍ଷିତ ଥିଲା; ତଥାପି ଏପରି ପରିସ୍ଥିତିରେ କେଉଁଠିକି ଯିବି – ଏ ସମ୍ବନ୍ଧରେ ବେଶ୍ ଗଭୀର ଭାବରେ ଚିନ୍ତାମଗ୍ନ ଥିଲି ।...

''ଠିକ୍ ଏଇ ସମୟରେ ଭାରତବର୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଆମନ୍ତ୍ରଣକୁ ଆନ୍ତର ପ୍ରେରଣାରେ ସାଦରେ ଗ୍ରହଣ କରି ନେବାର ସିଦ୍ଧାନ୍ତ ନେଲି । ଏଇ ନିମନ୍ତ୍ରଣଟି ଥିଲା ମୋର ଘନିଷ୍ଠ ବନ୍ଧୁ ଇଞ୍ଜିନିୟର, ବିଶିଷ୍ଟ ଗଣିତଜ୍ଞ ଏବଂ ଦାର୍ଶନିକ ଫିଲିପ୍‌ସ୍‌ଙ୍କଠାରୁ । ସେ ଏବେ ପଣ୍ଡିଚେରୀରେ ବିଖ୍ୟାତ ଦାର୍ଶନିକ, ଯୋଗୀ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ଶିଷ୍ୟ ରୂପେ ରହିଛନ୍ତି । ଶ୍ରୀଅରବିନ୍ଦ ମନସ୍ଥ କରିଛନ୍ତି ଯେ କ୍ରମଶଃ ବେଶ୍ ସକ୍ରିୟ ଭାବରେ ଅଭିବୃଦ୍ଧି ପାଉଥିବା ଆଶ୍ରମରେ ଶିଷ୍ୟବର୍ଗଙ୍କ ରହିବା ସକାଶେ ଅତ୍ୟାଧୁନିକ ବହୁ କକ୍ଷ ବିଶିଷ୍ଟ (ଡରମିଟୋରୀ) ଅଟ୍ଟାଳିକାଟିଏ ନିର୍ମାଣ କରିବେ ।

''ଏ ସମ୍ବନ୍ଧେ ଫିଲିପ୍‌ସ୍ ମୋ ପାଖକୁ ଏହି ଅଟ୍ଟାଳିକା ନିର୍ମାଣର ଯୋଜନା ଓ ପରିକଳ୍ପନା ସମ୍ବନ୍ଧେ ବେଶ୍ କେତୋଟି ପତ୍ର ଲେଖିଥିଲେ । ସେସବୁଥିରେ ସେ ଆଶ୍ରମ ଓ ନୂତନ ଅଟ୍ଟାଳିକାଟି ନିର୍ମାଣ ହେବାର ନିରୂପିତ ସ୍ଥାନ, ପରିକଳ୍ପନା ଓ ଏକ ନକ୍ସା ପଠାଇବା ସଙ୍ଗେ ସଙ୍ଗେ ପଣ୍ଡିଚେରୀରେ ରହିଥିବା ଅଟ୍ଟାଳିକାସବୁର ନିର୍ମାଣ-ଶୈଳୀ, ଅଷ୍ଟାଦଶ ଶତାବ୍ଦୀର ଫରାସୀ ଅଧିକୃତ ଔପନିବେଶିକ ଅଞ୍ଚଳର ଫଟୋ, ସୁଉଚ୍ଚ ଛାତକୁ ଧାରଣ କରିଥିବା ସ୍ତମ୍ଭଶ୍ରେଣୀ ଏବଂ ଧାଡ଼ି ଧାଡ଼ି ଏକାପରି ଦେଖା ଯାଉଥିବା ବାସଭବନରେ ସିମେଣ୍ଟର ସମତଳ ଛାତସବୁର ଫଟୋସବୁ ମଧ୍ୟ ପଠାଇ ଥିଲେ । ଏସବୁକୁ ଦେଖି ମୁଁ ସମାଲୋଚନା କରି ତାଙ୍କୁ ପ୍ରଥମେ ଏକ ପତ୍ରରେ ଉଲ୍ଲେଖ କରିଥିଲି ଯେ ଏସବୁ ନିର୍ମାଣଶୈଳୀ ସାମସମୟିକ ଯୁଗୋପଯୋଗୀ ଉଚ୍ଚସ୍ତରୀୟ କ୍ରମବିକଶିତ ବୈଷୟିକ ବା ଶିଳ୍ପାତ୍ମକ ଦୃଷ୍ଟିରୁ ଏକେବାରେ ଅନୁପଯୁକ୍ତ ଏବଂ ଆନୁଷ୍ଠାନିକ ଭାବରେ ସୁରୁଚିସମ୍ପନ୍ନ ଅତି ସୁନ୍ଦର ବା ମନୋହର ଗଠନ ନୁହେଁ ।''

ପୁନଶ୍ଚ ୯ ଅକ୍‌ଟୋବର ୧୯୩୫ରେ ରେମଣ୍ଡ ତାଙ୍କର ଅନ୍ୟ ଏକ ପତ୍ର ଫିଲିପ୍‌ସ୍‌ଙ୍କୁ ଲେଖିଲେ । ସେ ଏହି ପତ୍ରଟିକୁ ପାଠ କରି ଶ୍ରୀମାଶ୍ରୀଅରିବନ୍ଦଙ୍କୁ ଦେଖାଇଲେ –

''ପ୍ରିୟ ଫିଲିପ୍‌ସ୍,

ପଣ୍ଡିଚେରୀରେ ନିର୍ମିତ ହେବାକୁ ଯାଉଥିବା ଅଟ୍ଟାଳିକାଟିର ନକ୍ସାସବୁକୁ ତୁମର ଅଧ୍ୟୟନ ନିମିତ୍ତ ପଠାଇଲି । ଏସବୁ ହେଉଛି ପରୀକ୍ଷାମୂଳକ ଭାବରେ ମୋର ପ୍ରାରମ୍ଭିକ ଅଙ୍କନ ମାତ୍ର । ଇତିମଧ୍ୟରେ ସ୍ୱଭାବତଃ ମୁଁ ଭାବୁଛି ଯେ ଏସବୁଥିରେ ନିହିତ ଥିବା ସୌନ୍ଦର୍ଯ୍ୟକୁ ତୁମେ ନିଶ୍ଚୟ ଅନୁଭବ କରିପାରିବ, କାରଣ ମୋ ପାଖକୁ ହଠାତ୍ ଆସିଥିବା ଚମତ୍କାର ଓ ସୃଜନଶୀଳ ଅନୁପ୍ରେରଣାର ତୀବ୍ର ଉତ୍ସାହାଗ୍ନିରେ ଏକାତ୍ମ ହୋଇ ଭାବୁଛି ଯେ ଆମେ ଅତି ସୁନ୍ଦର କିଛିର ଆବିଷ୍କାର କରିପାରିଛୁ, ଏକ ଅତୀବ ସରଳ ସମାଧାନର ସନ୍ଧାନ ପାଇ ପାରିଛୁ, ଯାହାକି ଯୁଗପତ୍ ଆମକୁ ଆରାମ ଓ ମିତବ୍ୟୟିତାର ପ୍ରଭୂତ ସମ୍ଭାବନାସବୁର ଦ୍ୱାର ଉଦ୍‌ଘାଟନ କରି ଦେଉଛି ।

''ମୁଁ ଆଶା କରୁଛି ତୁମେ ମୋର ନକ୍ସାସବୁର ବାହ୍ୟ ଆକୃତି ଦେଖି ସ୍ତମ୍ଭିତ (shocked) ହେବ ନାହିଁ, କାରଣ ମୋର ତିଳେମାତ୍ର ସନ୍ଦେହ ନାହିଁ ଯେ ଏହି ଅଟ୍ଟାଳିକାଟି ପଣ୍ଡିଚେରୀରେ ଥିବା ଯେକୌଣସି ଅଟ୍ଟାଳିକାଠାରୁ ଏକେବାରେ ସ୍ୱତନ୍ତ୍ର । ଏହି ନକ୍ସାରେ ଆମେ କିନ୍ତୁ ଅତ୍ୟାଧୁନିକ ସ୍ଥପତି-ବିଜ୍ଞାନର ସାହାଯ୍ୟରେ ସର୍ବୋତ୍କୃଷ୍ଟ ସ୍ଥାପତ୍ୟର ପୁନରାବିଷ୍କାର କରିବାକୁ ଚେଷ୍ଟା କରିଛୁ ମାତ୍ର । ଏଥିରେ ପ୍ରତ୍ୟକ୍ଷ ଭାବରେ ମନୁଷ୍ୟର ଅତ୍ୟାବଶ୍ୟକ ଭୌତିକ ଓ ଆଧ୍ୟାତ୍ମିକ ସୂକ୍ଷ୍ମାନୁଭବକୁ ଗଭୀର ଭାବରେ ଅନୁଶୀଳନ କରିବାକୁ ଚେଷ୍ଟା କରିଛୁ ଏବଂ ବିଗତ କେତେ ଶତାବ୍ଦୀ ଧରି ଅପରିବର୍ତ୍ତନୀୟ ଭାବରେ ତିଷ୍ଠି ରହିଥିବା ପୁରାତନ ସ୍ଥପତି-ବିଜ୍ଞାନର ପ୍ରୟୋଗାତ୍ମକ ଫଳସ୍ୱରୂପ ଅଦ୍ୟାବଧି ପଣ୍ଡିଚେରୀର ଅଟ୍ଟାଳିକାସବୁର ଗଠନ-ଶୈଳୀରେ ଆମେ ଆଦୌ ମନୋନିବେଶ କରି ନାହୁଁ । ଆମେ ଆମର ନକ୍ସାରେ ଅତ୍ୟାଧୁନିକ ନବ-ସ୍ଥପତି-ବିଜ୍ଞାନର ଏକ ଭିତ୍ତିଭୂମି

ଦେବାକୁ ସିଦ୍ଧାନ୍ତ କରିଛୁ ମାତ୍ର ଯାହାକି ସ୍ଥାପତ୍ୟ-ବିଜ୍ଞାନର ମୌଳିକ ସତ୍ୟ ବା ନିୟମସବୁ ଉପରେ ଆଧାରିତ । ଏହା କେବେହେଲେ ଗତାନୁଗତିକ ମାନସିକ ଧାରାରେ ସ୍ଥାୟୀ ଭାବରେ ଗ୍ରହଣ କରାଯାଇଥିବା ସ୍ଥପତି-ବିଜ୍ଞାନ ଉପରେ ଆଧାରିତ ନୁହେଁ । ଏହା ତୁମର ଯୋଗାଭ୍ୟାସର ଦର୍ଶନ-ବିଜ୍ଞାନରେ ଉଲ୍ଲେଖ କରାଯାଇଥିବା ମୌଳିକ ସତ୍ୟ ସଦୃଶ – ସର୍ବପ୍ରଥମେ ଆତ୍ମାକୁ ମୁକ୍ତ କର, ଯୋଗ-ଶକ୍ତି ପ୍ରତି ଉନ୍ମୁକ୍ତ ରୁହ ଏବଂ ଯଥାସମ୍ଭବ ପୂର୍ବକଳ୍ପିତ ମାନସିକ ମତ ବା ବିଶ୍ୱାସରୁ ନିଜକୁ ମୁକ୍ତ କରି ଆଣ ।

''ପ୍ରାଚୀନ ଅଟ୍ଟାଳିକାସବୁର ସ୍ଥାପତ୍ୟ-ଶୈଳୀକୁ ଗଭୀର ଭାବରେ ଅନୁଧ୍ୟାନ କରି ଲାଭ କରିଥିବା ପ୍ରାୟୋଗିକ ଅଭିଜ୍ଞତାସବୁରୁ ଲାଭ ଉଠାଇବାରେ ଆମକୁ କୌଣସି କିଛି ବାଧା ଦେଇ ପାରିବ ନାହିଁ । ପକ୍ଷାନ୍ତରରେ ଆମେ ସେସବୁ ସ୍ଥପତିକୁ ଗଭୀର ଭାବରେ ଅଧ୍ୟୟନ କରି ସେସମ୍ବନ୍ଧେ ସମ୍ୟକ୍ ଜ୍ଞାନ ଆହରଣ କରିଛୁ; କିନ୍ତୁ ଆମେ ସେଇ ଜ୍ଞାନକୁ ଆଧୁନିକ ଜଗତ୍ ପ୍ରଦାନ କରୁଥିବା ବସ୍ତୁ ଓ ଉପକରଣ ମାଧ୍ୟମରେ ଭାଷାନ୍ତରକ୍ଷମ କରିବାକୁ ଚେଷ୍ଟା କରିଛୁ ମାତ୍ର ।

''**ପରିକଳ୍ପନାନୁଯାୟୀ ଅଟ୍ଟାଳିକାଟିର ବିଭିନ୍ନ ଅଂଶର ବିନ୍ୟାସ** (Layout) : ଆମର ପରିକଳ୍ପନାଟି ଅତି ସରଳ । କକ୍ଷଗୁଡ଼ିକୁ ଏକ ଧାଡ଼ିରେ ଶ୍ରେଣୀବଦ୍ଧ କରି ରଖିବା ସକାଶେ ଆମେ ଅଟ୍ଟାଳିକାଟିକୁ ଟିକିଏ ଘୁରାଇ ରଖିଛୁ ଯଦ୍ଦ୍ୱାରା ପ୍ରତ୍ୟେକଟି କକ୍ଷ ଦକ୍ଷିଣ ଏବଂ ଦକ୍ଷିଣ-ପୂର୍ବକୁ ଉନ୍ମୁକ୍ତ ରହିବ, ପଶ୍ଚିମ ପଟରୁ ଆସୁଥିବା ସୂର୍ଯ୍ୟତାପରୁ ସୁରକ୍ଷିତ ରହିପାରିବ । ଉପରକୁ ଉଠିବା ସକାଶେ ଶିଡ଼ି-ପାହାଚସବୁକୁ ଅଟ୍ଟାଳିକାଟିର ମଧ୍ୟଭାଗରେ ରଖିଛୁ ଯଦ୍ଦ୍ୱାରା କି ପ୍ରବେଶ ପଥର ପ୍ରତ୍ୟକ୍ଷ ଯୋଗାଯୋଗରେ ରହିବ । ଶୌଚାଗାର, ସ୍ନାନାଗାର ଇତ୍ୟାଦିକୁ ଯଥାଯଥ ସ୍ଥାନରେ ରଖାଯାଇଛି ।

''ଅଟ୍ଟାଳିକାଟିକୁ ଟିକିଏ ଘୂରାଇ ରଖାଯାଇ ଥିବାରୁ ଦୁଇ ପାର୍ଶ୍ୱର ବଗିଚା ଚିତ୍ତାକର୍ଷକ ଆକାର ନେବ; ଚତୁଃପାର୍ଶ୍ୱର କାନ୍ଥ ଦ୍ୱାରା ଆବଦ୍ଧ ରହିଥିବାରୁ ସେସବୁ ଶାନ୍ତ ପରିବେଶ ସୃଷ୍ଟି କରିବ ଏବଂ ଚତୁଷ୍କୋଣ କ୍ଷେତ୍ର ଚାରିପଟେ ରହିଥିବା ପଦଚାରଣ ରାସ୍ତାରେ ଜଣେ ଏକାଗ୍ର ଚିତ୍ତରେ ପଦଚାରଣ କରିପାରିବ ଏବଂ ନିଜର ଶରୀରକୁ ଆରାମ ମଧ୍ୟ ଦେଇ ପାରିବ ।

''**ନିର୍ମାଣ-ଶୈଳୀ** (Construction) : ଆମର ପ୍ରଦତ୍ତ ନକ୍ସାସବୁକୁ ମନୋଯୋଗପୂର୍ବକ ଦେଖ – ଗଠନ-ଶୈଳୀରେ ଏହା ଅତି ମନୋରମ, ସନ୍ତୋଷଜନକ ଭାବେ ସରଳ ଯାହାକି ଅପେକ୍ଷାକୃତ କମ୍ ଅର୍ଥ ବିନିଯୋଗରେ ତା'ର ବାହ୍ୟ ଆକୃତି ବା ରୂପରେ କମନୀୟତା ପ୍ରଦାନ କରିବ ।

''ଦୟାପୂର୍ବକ ଏହିସବୁ ନକ୍ସାକୁ ସତର୍କତାର ସହିତ ଅନୁଧ୍ୟାନ କର । ଯଦି ମୋଟ ଉପରେ ଏସବୁଥିରେ ତୁମର ଆଗ୍ରହ ଜନ୍ମେ, ଏ ବିଷୟରେ ତୁମର ମତାମତକୁ ସରଳ ଭାବରେ ଆମକୁ ଜଣାଅ । ତା'ପରେ ଆମେ ନିର୍ମାଣ-ପଦ୍ଧତି ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଶୀଳନ ଆରମ୍ଭ କରିବୁ । ଯଦି ତୁମେ ଅଟ୍ଟାଳିକାଟିକୁ ନିର୍ମାଣ କରିବା ଲାଗି ସାଦର ସମ୍ମତି ଦିଅ, ତା'ହେଲେ ନକ୍ସାସବୁକୁ 'ବଡ଼ ଆକାର'ରେ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରସ୍ତୁତ କରିବା ଆରମ୍ଭ କରିଦେବୁ । ଏପରିକି ଆମେ ଆମର ଜଣେ ସ୍ଥପତିକୁ ତୁମ ପାଖକୁ ପଠାଇବୁ ଯିଏକି ତୁମର ଇଞ୍ଜିନିୟରଙ୍କ ସହାୟତାରେ ଅଟ୍ଟାଳିକାଟି ନିର୍ମାଣ କରିଦେଇ ପାରିବ ।

ତୁମର,

(ଟୋକିଓ) ଏଣ୍ଟୋନିନ୍''

ପୁନଶ୍ଚ ରେମଣ୍ଡଙ୍କ ବର୍ଣ୍ଣନାରୁ : ''ଶ୍ରୀଅରବିନ୍ଦ ମୋର ଏହିସବୁ ଦୃଷ୍ଟିଭଙ୍ଗୀ ସମ୍ବନ୍ଧେ ଫିଲିପ୍ସ୍‌ଙ୍କଠାରୁ ଅବଗତ ହୋଇ ତାଙ୍କର ମୋ ପ୍ରତି ଏକ ବର୍ଣ୍ଣନାତୀତ ଦୃଢ଼ ବିଶ୍ୱାସ ଓ ନିର୍ଭରତା ଆସିଲା ଏବଂ ଏକ ଅପରୂପ ଘଟଣା ଘଟିଲା – ସେ ମୋର ଏକ ଫଟୋଗ୍ରାଫ୍ ତାଙ୍କ ପାଖକୁ ପଠାଇବାକୁ ଅନୁରୋଧ କଲେ । ମୋ ଫଟୋଗ୍ରାଫ୍ ଦେଖି ସେ ସୁସ୍ପଷ୍ଟ ଭାବରେ ମୋର ଚରିତ୍ର ସମ୍ବନ୍ଧେ ଏକ ବିଜ୍ଞତାପୂର୍ଣ୍ଣ ନିଷ୍ପତ୍ତି ନେଲେ ଏବଂ ଆମେ ତିନି ଜଣ (ମୁଁ, ମୋର ସ୍ତ୍ରୀ ଓ ପୁତ୍ର)ଙ୍କର ଭାରତବର୍ଷକୁ ଯିବା ସକାଶେ ଯଥେଷ୍ଟ ପରିମାଣର ଅର୍ଥ ମୋ ପାଖକୁ ପଠାଇ ଦେଲେ ।...''

(Antonin Raymond : 'An Autobiography', Ed. 1973)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ?

## ରାମକୃଷ୍ଣ ଦାସ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ସାଧକମାନଙ୍କର ଶ୍ରୀମା'ଙ୍କ ସମ୍ବନ୍ଧେ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଯେଉଁସବୁ ପତ୍ର ଲେଖିଥିଲେ ସେସବୁର ସଂକଳନ କରାଯାଇ 'Sri Aurobindo on Himself and on the Mother' ('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ') ପୁସ୍ତକରେ ପ୍ରକାଶିତ ହୋଇଛି । ସେଥିରେ ତୃତୀୟ ଭାଗରେ 'Who is the Mother ?' ('ଶ୍ରୀମା କିଏ') ଏ ବିଷୟରେ ଉଲ୍ଲେଖ କରାଯାଇଛି । ସେଥିରେ କେତେକ ପତ୍ରରେ ଶ୍ରୀଅରବିନ୍ଦ ଶ୍ରୀମା'ଙ୍କୁ ଆଦ୍ୟାଶକ୍ତିଙ୍କ ଅବତାର ବୋଲି ଉଲ୍ଲେଖ କରିଛନ୍ତି । ସେଥିରୁ କେତେକ ଚିଠି ଏଠାରେ ଉଦ୍ଧୃତ କରାହେଲା ।

Q : Do you not refer to the Mother (our Mother) in your book "The Mother" ?

A : Yes.

*ପ୍ରଶ୍ନ : ଆପଣ ଆପଣଙ୍କ 'ମା' ପୁସ୍ତକରେ ଆମ୍ଭମାନଙ୍କ ମା'ଙ୍କ ବିଷୟରେ କହି ନାହାନ୍ତି କି ?*

ଉତ୍ତର : ହଁ ।

*ପ୍ରଶ୍ନ : ସେ କ'ଣ ଆମ୍ଭମାନଙ୍କ ମଧ୍ୟରେ, ଏହି ଅନ୍ଧକାର, ମିଥ୍ୟା, ଭ୍ରାନ୍ତି ଓ ମୃତ୍ୟୁଲୋକରେ ଆମ୍ଭମାନଙ୍କ ପ୍ରତି ଗଭୀର ଓ ମହାନ୍ ପ୍ରେମବଶରେ ଅବତରି ଆସି ନାହାନ୍ତି କି ?*

ଉତ୍ତର : ହଁ ।

*ପ୍ରଶ୍ନ : ବହୁତ ଲୋକଙ୍କର ମତ ଯେ ମା ପ୍ରଥମରେ ମାନବୀ ଥିଲେ, କିନ୍ତୁ ଏବେ ମୂର୍ତ୍ତିମାନ ରୂପେ ଦିବ୍ୟ ଜନନୀ ହୋଇଛନ୍ତି ଏବଂ ତାଙ୍କ ପ୍ରାର୍ଥନାବଳୀ ଏହି ମତକୁ ପ୍ରତିପାଦନ କରୁଛି ବୋଲି ସେମାନେ ଭାବନ୍ତି । କିନ୍ତୁ ମୋ ମନର ଧାରଣା ଓ ଚୈତ୍ୟ ଅନୁଭୂତି ଅନୁସାରେ ମା ହେଉଛନ୍ତି ସ୍ୱୟଂ ଭାଗବତୀ ଜନନୀ ଯେ ସ୍ୱ-ଇଚ୍ଛାରେ ଅନ୍ଧକାର, ଅଜ୍ଞାନ ଓ ବେଦନାର ବସନ ପିନ୍ଧିଛନ୍ତି ମନୁଷ୍ୟଙ୍କୁ ଜ୍ଞାନ ଓ ଆନନ୍ଦ ଏବଂ ଭଗବାନଙ୍କ ନିକଟକୁ ଘେନିଯିବେ ବୋଲି । ଏହା ମଧ୍ୟ ମୋର ଧାରଣା ଯେ ମା'ଙ୍କ ପ୍ରାର୍ଥନାବଳୀର ଉଦ୍ଦେଶ୍ୟ ହେଲା ଆମ୍ଭମାନଙ୍କୁ, ଆମର ଊର୍ଦ୍ଧ୍ୱମୁଖୀ ଚୈତ୍ୟସତ୍ତାକୁ ଶିଖାଇବା କିପରି ପ୍ରାର୍ଥନା କରିବାକୁ ହୁଏ ।*

*ମୋର ଧାରଣା କ'ଣ ଠିକ୍ ?*

ଉତ୍ତର : ହଁ, ଭଗବାନ୍ ମାନବରୂପ ଧରନ୍ତି, ମଣିଷର ବାହ୍ୟ ପ୍ରକୃତିକୁ ଗ୍ରହଣ କରନ୍ତି, ସ୍ୱୟଂ ପଥରେ ଚାଲନ୍ତି ସେହି ପଥ ମନୁଷ୍ୟଙ୍କୁ ଦେଖାଇବେ ବୋଲି । କିନ୍ତୁ ସେ ତାଙ୍କର ଦିବ୍ୟ ସ୍ୱରୂପକୁ କେବେ ବି ତ୍ୟାଗ କରି ନ ଥା'ନ୍ତି । ଯାହା ଘଟେ ତାହା ହେଉଛି ଏକ ଅଭିବ୍ୟକ୍ତି, ନିତ୍ୟବର୍ଦ୍ଧମାନ ଦିବ୍ୟ ଚେତନାର ହିଁ ଏକ ଅଭିବ୍ୟକ୍ତି । ତାହାକୁ ମାନବ-ଚେତନାର ଏକ ଦିବ୍ୟ ପରିଣତି ବୋଲି କୁହାଯାଇ ପାରିବ ନାହିଁ । ମା ତାଙ୍କର ଶୈଶବ ଅବସ୍ଥାରେ ବି ଅନ୍ତରରେ ମାନବତ୍ୱର ବହୁ ଊର୍ଦ୍ଧ୍ୱରେ ଥିଲେ । ଅତଏବ ତୁମର ସେହି 'ବହୁ ଲୋକ'ଙ୍କ ମତ ଭ୍ରାନ୍ତ ।

(୧୭.୦୮.୧୯୩୮)

*ପ୍ରଶ୍ନ : ମା'ଙ୍କର ଅଭିବ୍ୟକ୍ତି ଏବଂ ଅତିମାନସର ଅବତରଣ ମଧ୍ୟରେ କୌଣସି ପାର୍ଥକ୍ୟ ଅଛି କି ?*

ଉତ୍ତର : ମା ଆସିଛନ୍ତି ଅତିମାନସକୁ ଉତାରି ଆଣିବା ନିମିତ୍ତ । ଏହି ଅବତରଣ ହିଁ ତାଙ୍କ ପୂର୍ଣ୍ଣ ଅଭିବ୍ୟକ୍ତିକୁ ଏଠାରେ ସମ୍ଭବ କରିଛି ।

(୨୩.୦୯.୧୯୩୫)

*ପ୍ରଶ୍ନ : ମା ତାଙ୍କ ନିଜ ଊର୍ଦ୍ଧ୍ୱଭୂମିରୁ ସାଧକ ଉପରେ ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରନ୍ତି ନାହିଁ, ଯଦିଓ ସେ ଇଚ୍ଛା କଲେ ତାହା କରିପାରନ୍ତି – ଏପରିକି ସେ ଇଚ୍ଛା କଲେ ସମଗ୍ର ପୃଥିବୀକୁ ଗୋଟିଏ ଦିନରେ ଅତିମାନସରେ ରୂପାନ୍ତରିତ କରିପାରନ୍ତି । କିନ୍ତୁ ତଦ୍ୱାରା ଏଠାରେ ଯେଉଁ ଅତିମାନସ ସୃଷ୍ଟି ହେବ ତାହା ହେବ ଊର୍ଦ୍ଧ୍ୱସ୍ଥ ଅତିମାନସ ସୃଷ୍ଟି ତୁଲ୍ୟ – ଅଜ୍ଞାନ ପୃଥିବୀ ଅତିମାନସରେ ରୂପାନ୍ତରିତ ଜଗତ୍ ଆଡ଼କୁ ବିବର୍ତ୍ତିତ ହେବ ନାହିଁ । ଏହା ଏପରି ଏକ ଅଭିବ୍ୟକ୍ତି ହେବ ଯାହା ଦୃଶ୍ୟତଃ ଅତିମାନସଠାରୁ ପୃଥକ୍ ହେବ । ଏହା କ'ଣ ସତ୍ୟ ?*

ଉତ୍ତର : ଏହା ଗୋଟିଏ ଖୁବ୍ ମହତ୍ତ୍ୱପୂର୍ଣ୍ଣ ସତ୍ୟ ।

(୧୭.୬.୧୯୩୫)

*Q : Am I right in thinking that She as an individual embodies all the Divine Powers and brings down the Grace more and more to the physical plane, and her embodiment is a chance for the entire physical consciousness to change and transform ?*

A : Yes. Her embodiment is a chance for the earth-consciousness to receive the Supramental into it and undergo first the transformation necessary for that to be possible. Afterwards there will be a further transformation by the Supramental, but the whole earth-consciousness will not be supramentalised – there will be first a new race representing the Supermind, as man represents the mind.

(13.08.1933)

*ପ୍ରଶ୍ନ : ମା ବ୍ୟକ୍ତି ରୂପରେ ସମସ୍ତ ଦିବ୍ୟଶକ୍ତିକୁ ମୂର୍ତ୍ତ କରନ୍ତି ଏବଂ ଜଡ଼ଭୂମିରେ ନିତ୍ୟ ଅଧିକ ଉତାରି ଆଣନ୍ତି ଭଗବତ୍ କୃପାକୁ,– ଏକଥା କ'ଣ ଠିକ୍ ? ମା'ଙ୍କ ଶରୀର ଧାରଣ ସମସ୍ତ ଭୌତିକ ଜଗତର ପରିବର୍ତ୍ତନ ଓ ରୂପାନ୍ତର ପାଇଁ ଏକ ସୁଯୋଗ ଦେଇଛି – ଏହି ଧାରଣା କ'ଣ ଯଥାର୍ଥ ?*

ଉତ୍ତର : ହଁ । ତାଙ୍କର ମୂର୍ତ୍ତପରିଗ୍ରହ ହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ । ପରେ ଅତିମାନସ ହିଁ ଆହୁରି ଏକ ରୂପାନ୍ତର ଘଟାଇବ କିନ୍ତୁ ତେବେ ବି ସମଗ୍ର ପାର୍ଥିବ ଚେତନା ଅତିମାନସରେ ରୂପାନ୍ତରିତ ହେବ ନାହିଁ । ଅତିମାନସର ପ୍ରତିନିଧି ରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମନର ପ୍ରତିନିଧି ।

(୧୩.୦୮.୧୯୩୩)

''ମା କିଏ ?''– ଏହି ପ୍ରଶ୍ନର ଉତ୍ତରରେ ''ଶ୍ରୀମା ସ୍ୱୟଂ ଆଦ୍ୟାଶକ୍ତିଙ୍କ ଅବତାର'' ପ୍ରତିପାଦିତ ହୋଇଥିବା ଶ୍ରୀଅରବିନ୍ଦଙ୍କ କେତେକ ଚିଠି ଏଠାରେ ଉଦ୍ଧୃତ ହେଲା ।

ଦ୍ୱିତୀୟ ପ୍ରଶ୍ନ ଥିଲା ''ଶ୍ରୀମା'ଙ୍କର କାର୍ଯ୍ୟ କ'ଣ ? ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି କି ନାହିଁ ?'' ଏହି ପ୍ରଶ୍ନର ଉତ୍ତର ଏହି ଲେଖାରେ ଉଦ୍ଧୃତ ହୋଇଥିବା ଚିଠି (୧୩.୦୮.୧୯୩୩)ର ଆଲୋଚନା କଲେ ଏହା ସ୍ପଷ୍ଟ ବୁଝାପଡ଼ିବ ।

ଶ୍ରୀଅରବିନ୍ଦ ଉତ୍ତରରେ କହିଛନ୍ତି – "Yes, Her embodiment is a chance for the earth-consciousness to receive the Supramental into it and to undergo first the transformation necessary for that to be possible."

ଅର୍ଥାତ୍, ''ହଁ । ତାଙ୍କର ମୂର୍ତ୍ତପରିଗ୍ରହ ହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ ।''

ଶ୍ରୀମା ତାଙ୍କର ଅବତାର ନେବାର କାର୍ଯ୍ୟ ପୂରା କରିଛନ୍ତି । ଶ୍ରୀଅରବିନ୍ଦ ୧୯୫୦ ମସିହାରେ ଯେଉଁ ଅତିମାନସ ଚେତନାକୁ ଉତାରି ଆଣିଥିଲେ ସେହି ଅତିମାନସ ଚେତନାକୁ ଶ୍ରୀମା ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ପୃଥିବୀ-ଚେତନାରେ ପ୍ରତିଷ୍ଠିତ କରିଛନ୍ତି । ସେହି ଅତିମାନସ ଶକ୍ତି ଦ୍ୱାରା ଶ୍ରୀମା ମନ-ପ୍ରାଣ-ଶରୀର-ଚେତନା ତଥା ବହୁ ଅଂଶରେ ଶରୀରର କୋଷାଣୁକୁ ବି ରୂପାନ୍ତରିତ କରିଛନ୍ତି । ଶ୍ରୀଅରବିନ୍ଦଙ୍କ ଭାଷା ଅନୁସାରେ ମନ-ପ୍ରାଣ-ଶରୀର-ଚେତନାର ରୂପାନ୍ତର ହିଁ ହେଲା ପ୍ରଥମ ଓ ପ୍ରାରମ୍ଭିକ ରୂପାନ୍ତର । ସେହି ରୂପାନ୍ତର ପୃଥିବୀ-ଚେତନାରେ ପ୍ରତିଷ୍ଠିତ ହୋଇଛି । ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଯେଉଁ କାର୍ଯ୍ୟ କରିବା ସକାଶେ ମା ଆସିଥିଲେ ସେ କାର୍ଯ୍ୟ ସେ ସମାପ୍ତ କରିଛନ୍ତି । ଏତଦ୍ ବ୍ୟତୀତ ଅଧିକ କାର୍ଯ୍ୟ ବି କରିଛନ୍ତି – ବହୁ ପରିମାଣରେ ଶରୀରର କୋଷାଣୁର ରୂପାନ୍ତର ।

ପୁନଶ୍ଚ ଶ୍ରୀଅରବିନ୍ଦ କହିଛନ୍ତି, ଅର୍ଥାତ୍, ''Afterwards there will be a further transformation by the Supramental,...''

ଅର୍ଥାତ୍, ''ଏହା ପରେ ଅତିମାନସ ହିଁ ଆହୁରି ଅଧିକ ରୂପାନ୍ତର ଘଟାଇବ,...''

ଏଠାରେ ପରେ ଯେଉଁ ରୂପାନ୍ତର କାର୍ଯ୍ୟ ଅତିମାନସ ଶକ୍ତି କରିବା କଥା ଶ୍ରୀଅରବିନ୍ଦ କହିଛନ୍ତି, ତା' ହେଉଛି ଶରୀରର ରୂପାନ୍ତର । ଶ୍ରୀଅରବିନ୍ଦଙ୍କ ବାକ୍ୟର ଶେଷ ଅଂଶରେ ଏହି ବିଷୟ ସ୍ପଷ୍ଟ ବୁଝାପଡୁଛି ।

''...but the whole earth-consciousness will not be supramentalised – there will be first a new race representing the Supermind, as man represents the mind.''

''...କିନ୍ତୁ ତେବେ ବି ସମଗ୍ର ପାର୍ଥିବ ଚେତନା ଅତିମାନସ ଚେତନାରେ ରୂପାନ୍ତରିତ ହେବ ନାହିଁ । ଅତିମାନସର ପ୍ରତିନିଧି ରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମାନସର ପ୍ରତିନିଧି ।''

'ଅତିମାନସର ପ୍ରତିନିଧି ରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ'– ଏହି ଅର୍ଦ୍ଧ ବାକ୍ୟଟି ଶରୀରର ରୂପାନ୍ତର କଥା ସୂଚିତ କରୁଛି । ଏହାକୁ ଆହୁରି ସ୍ପଷ୍ଟ କରା ହୋଇଛି ବାକ୍ୟର ଶେଷ ଅଂଶଟିର ଉଦାହରଣରେ 'ଯେପରି ମାନବ ହେଲା ମାନସର ପ୍ରତିନିଧି ।'

ଶ୍ରୀଅରବିନ୍ଦଙ୍କ ବାକ୍ୟ ଅନୁସାରେ ଶ୍ରୀମା ଯେଉଁ କାର୍ଯ୍ୟ କରିବାକୁ ଆସିଥିଲେ ତାହା ସେ ଶେଷ କରି ତା'ଠାରୁ ଅଧିକ ଶରୀରର ପୂର୍ଣ୍ଣ ରୂପାନ୍ତର କରିବାକୁ ଚାହିଁଥିଲେ ଏବଂ କେତେକ ଅଂଶରେ କରିଥିଲେ ମଧ୍ୟ । ତାଙ୍କର ଲେଖା 'ସାଧନା ପଥର ଟିପ୍‌ପଣୀ' ('Notes on the Way')ରେ ସେ ଶରୀରର କୋଷଗୁଡ଼ିକର ରୂପାନ୍ତର ବିଷୟ ଉଲ୍ଲେଖ କରିଛନ୍ତି । କିନ୍ତୁ ଏହି ଶରୀର ପୂର୍ଣ୍ଣ ରୂପେ ରୂପାନ୍ତରିତ ହେବା ସମ୍ଭବ ନ ଥିଲା । ତା'ଛଡ଼ା ମା'ଙ୍କ ରୂପାନ୍ତର କାର୍ଯ୍ୟରେ ଆବଶ୍ୟକ ଅନୁସାରେ ମନୁଷ୍ୟ ସହଯୋଗ ବି କରି ପାରିଲା ନାହିଁ; ଏହା ମଧ୍ୟ ମନୁଷ୍ୟର ଶକ୍ତିର ବାହାରେ ଥିଲା ।

ଶ୍ରୀମା ଯେଉଁ କାର୍ଯ୍ୟ ସକାଶେ ଅବତାର ନେଇଥିଲେ ସେ ତାଙ୍କ କାର୍ଯ୍ୟ ପୂର୍ଣ୍ଣ କରିଛନ୍ତି । ସେ ତାଙ୍କ କାର୍ଯ୍ୟ ବାକି ରଖିଯାଇ ନାହାନ୍ତି । ବରଂ ଶରୀର-ରୂପାନ୍ତର ନିମନ୍ତେ ତାଙ୍କର ଯେଉଁ ଅଧିକ କାର୍ଯ୍ୟ ଥିଲା ସେଥିରେ ବି ସେ ବହୁତ ଅଗ୍ରସର ହୋଇଛନ୍ତି । ବାକୀ ରୂପାନ୍ତର ଅତିମାନସ ଶକ୍ତି ଦ୍ୱାରା ହେବ ।

ଆରମ୍ଭରେ ପ୍ରଶ୍ନ କରାହୋଇଥିଲା, ''ମା' କିଏ ? ତାଙ୍କ କାର୍ଯ୍ୟ କ'ଣ ? ତାଙ୍କ କାର୍ଯ୍ୟ ସେ ଶେଷ କରିଛନ୍ତି କି ନାହିଁ ?'' ଶ୍ରୀଅରବିନ୍ଦଙ୍କ ବାକ୍ୟ ଅନୁସାରେ ଶ୍ରୀମା ଆଦ୍ୟାଶକ୍ତିଙ୍କ ଅବତାର, ତାଙ୍କ କାର୍ଯ୍ୟ ଥିଲା ଅତିମାନସ ଚେତନାକୁ ପୃଥିବୀରେ ପ୍ରତିଷ୍ଠା କରିବା ଏବଂ ପ୍ରାରମ୍ଭିକ ବା ପ୍ରାଥମିକ ରୂପାନ୍ତର ସାଧନ କରିବା । ସେ ପୃଥିବୀରେ ଅତିମାନସ ଚେତନାକୁ ପ୍ରତିଷ୍ଠିତ କରିଛନ୍ତି । ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି । ଶେଷ ଶରୀର-ରୂପାନ୍ତର କାର୍ଯ୍ୟ ଅତିମାନସ ଶକ୍ତି ଦ୍ୱାରା ହେବ । ଶ୍ରୀମା ତାଙ୍କ ରୂପାନ୍ତରିତ ସୂକ୍ଷ୍ମ ଶରୀରରେ ରହି ରୂପାନ୍ତର କାର୍ଯ୍ୟରେ ସାହାଯ୍ୟ କରିବେ ଏବଂ ଅଗ୍ରସର କରାଇବେ । ଏହା ନ ବୁଝି ଆମ୍ଭେମାନେ ଭ୍ରମବଶତଃ କହୁ – ଶ୍ରୀମା ତାଙ୍କ କାର୍ଯ୍ୟ ଶେଷ ନ କରି ଗଲେ କାହିଁକି ?

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୭୯୩-୭୯୬) ❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ଶ୍ରୀ ଜୟନ୍ତ ସାହୁ, ସେକ୍ରେଟାରୀ, ଶ୍ରୀଅରବିନ୍ଦାଳୟ ଟ୍ରଷ୍ଟ, ସା/ପୋ/ଭା.: ଜୁନାଗଡ଼, ଜି. କଳାହାଣ୍ଡି, ପିନ୍ - ୭୬୬ ୦୧୪, ଜଣାଇଛନ୍ତି ଯେ ଏଠାକାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ନର୍ସରୀଠାରୁ ଅଷ୍ଟମ ଶ୍ରେଣୀ ନିମନ୍ତେ ଇଂରାଜୀ, ଗଣିତ ଓ ବିଜ୍ଞାନ ଶିକ୍ଷାଦାନ ପାଇଁ ତିନି ଜଣ ଓ ଅନ୍ୟୂନ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଥିବା ଦୁଇ ଜଣ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଆଶ୍ରମ ପରିସରରେ ରହିବା ଓ ଖାଇବାର ସୁବ୍ୟବସ୍ଥା ଅଛି । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

ଯୋଗାଯୋଗ : ୭୯୭୮୮ ୩୪୩୪୩ କିଂବା ୭୦୦୮୮ ୬୮୭୮୭

# କର୍ମ

## ସନ୍ତୋଷ ରଥ

ଶାନ୍ତ ସୁଶୀଳ ସମୁଦ୍ର ହିଲ୍ଲୋଳ
ଗଭୀର ଗର୍ଭ ଦେଶେ
ବେଳାବୁକେ ଖାଲି ଉତ୍ତାଳ ଲହରୀ
ଛୁଇଁ ପୁଣି ଫେରି ଆସେ ।

ଜୁଆର ଭଟ୍ଟାର ଖେଳା ଏ ଦୁନିଆ
ସୁଖ ଦୁଃଖେ ଭରପୂର
ତୁଚ୍ଛା ଆଡ଼ମ୍ବରେ ସଭିଏଁ ବାତୁଳ
ନ ଶୁଣନ୍ତି ଅନ୍ତଃସ୍ୱର ।

ମୁକ୍ତାତ୍ମା ସକଳ କର୍ମ ମୁଖର
ଶାନ୍ତ ସମୁଦ୍ର ସମ
ଲାଭାଲାଭ ଆଶା ନୁହଇ ପ୍ରତ୍ୟାଶା
ସେହୁ ଏକା ଯୋଗକ୍ଷେମ ।



କର୍ମ ଲିପ୍ସା ମନୁ ନ ତେଜି ମଣିଷ
ଅଜ୍ଞାନେ ହୁଏ ଅଧୀର
କର୍ତ୍ତାପଣ ଗଢ଼େ ସ୍ୱାଭିମାନ ଦୁର୍ଗ
ଭବିତବ୍ୟ ଅଗୋଚର ।

ନିରାସକ୍ତ କର୍ମ ଏକ ମାତ୍ର ଧର୍ମ
ନାହିଁ ତହିଁ ଅବସାଦ
ଅକର୍ମ, ବିକର୍ମ, ସୁକର୍ମ ମଧ୍ୟରେ
ଜାଣିହୁଏ ଭେଦାଭେଦ ।

ତୁମେ ହିଁ କର୍ତ୍ତା ତୁମେ ଶକ୍ତିଦାତା
କରଣ କାରଣେଶ୍ୱର
ବିଧିର ବିଧାତା ହେ ଜଗତ ତ୍ରାତା
ଅରପୁଛି କର୍ମ ମୋର । ❑

There is no disturbance in the depths of the Ocean, but above there is the joyous thunder of its shouting and its racing shoreward; so is it with the liberated soul in the midst of violent action. The soul does not act; it only breathes out from itself overwhelming action.

(Thoughts and Aphorisms : 278) – Sri Aurobindo
(CWM. Vol. 10, p. 292)

ମହାସାଗରଟିର ଗଭୀର ଗର୍ଭଗୁଡ଼ିକ ମଧ୍ୟରେ ଆଦୌ କୌଣସି ବିକ୍ଷୋଭ ନ ଥାଏ, ମାତ୍ର ଉପରି ଭାଗରେ ଏକ ଆନନ୍ଦ ଗର୍ଜନ ସହିତ କେବଳ ସେ ଚିତ୍କାର କରୁଥାଏ ଓ କୂଳ ଆଡ଼କୁ ମାଡ଼ି ଆସୁଥାଏ; ପ୍ରଚଣ୍ଡ କର୍ମମୁଖରତା ମଧ୍ୟରେ ମୁକ୍ତ ଆତ୍ମା ମଧ୍ୟ ଠିକ୍ ସେହିଭଳି ଅବସ୍ଥାରେ ରହିଥାଏ । ଆତ୍ମା ନିଜେ କର୍ମ କରେ ନାହିଁ; ତାହା ଆପଣାର ନିଃଶ୍ୱାସ ଦେଇ ଆପଣା ମଧ୍ୟରୁ କେବଳ ଦୁର୍ଦ୍ଦମନୀୟ କର୍ମର ଉଦ୍‌ଗୀରଣ କରିବାରେ ଲାଗିଥାଏ ।

— ଶ୍ରୀଅରବିନ୍ଦ

କାହାଣୀ :

# ଦୁଇ ଗାୟକ

## ମନୋଜ ଦାସ

ମୋଗଲ ସମ୍ରାଟ ଆକବର (୧୫୫୬-୧୬୦୩) ନିଜ ସାମ୍ରାଜ୍ୟ ଦୃଢ଼ କରିବା ଦିଗରେ ଯେତିକି ଆଗ୍ରହୀ ଥିଲେ, ମଝେ ମଝେ ସଙ୍ଗୀତ ଉପଭୋଗ କରିବାରେ ମଧ୍ୟ ସେତିକି ଆଗ୍ରହୀ ଥିଲେ । ତାଙ୍କର ତଥା ତାଙ୍କ ସଭାସଦ୍‌ବର୍ଗଙ୍କ ସୌଭାଗ୍ୟ, ତାଙ୍କ ଦରବାରରେ ଥିଲେ ମହାନ୍ ସଙ୍ଗୀତଜ୍ଞ ତାନ୍‌ସେନ୍ ।

କୁହାଯାଏ ଖାଲି ରାଜସଭାରେ ନୁହେଁ, ଆକବର ତାଙ୍କ ଉଦ୍ୟାନରେ ଏକାନ୍ତରେ ବସି ତାନ୍‌ସେନ୍‌ଙ୍କ ଗାନ ଶୁଣି ଧ୍ୟାନମଗ୍ନ ହେଲା ଭଳି ଅନୁଭବ କରୁଥିଲେ ।

ଦିନେ ସେ ତାନ୍‌ସେନ୍‌ଙ୍କୁ ପ୍ରଶ୍ନ କଲେ, ‘‘ଆମେ ସଭିଏଁ ଜାଣୁ ସାରା ହିନ୍ଦୁସ୍ଥାନରେ ତୁମ ସମକକ୍ଷ ଗାୟକ କେହି ନାହାନ୍ତି । କିନ୍ତୁ ତୁମ ନିଜ ଧାରଣା କ’ଣ ?’’

‘‘ସମ୍ରାଟ ! ମୋର ଧାରଣା ମାତ୍ର ନୁହେଁ; ସତ୍ୟ ହେଲା, ମୋ’ଠାରୁ ବହୁତ ବଡ଼ ଗାୟକ ହେଲେ ବୃନ୍ଦାବନରେ ଥିବା ମୋର ଗୁରୁଦେବ, ସ୍ୱାମୀ ହରିଦାସ । ମୋର ବିଶ୍ୱାସ ଖାଲି ହିନ୍ଦୁସ୍ଥାନରେ କାହିଁକି, ତାଙ୍କ ସମକକ୍ଷ ପ୍ରତିଭା ସାରା ବିଶ୍ୱରେ ନ ଥିବେ ।’’ ଜଣାଇଲେ ତାନ୍‌ସେନ୍ ।

‘‘ସତେ ? ତେବେ ଶୁଣ ତାନ୍‌ସେନ୍ ! ତୁମେ ଥରେ ତାଙ୍କୁ ଆମ ଦରବାରକୁ ନେଇ ଆସ । ଯେତେ ସୌଖୀନ ଯାନବାହନ ଆବଶ୍ୟକ ସେ ବ୍ୟବସ୍ଥା ଆମ୍ଭେ କରି ଦେବା । ତୁମ ଗୁରୁଙ୍କ ଅଭ୍ୟର୍ଥନାରେ ତ୍ରୁଟି ହେବ ନାହିଁ । ତାଙ୍କୁ ଆମ୍ଭେ ପ୍ରଚୁର ଉପଢ଼ୌକନ ଦେଇ ଆପ୍ୟାୟିତ କରିବା ।’’ ଉତ୍ସାହଭରେ କହିଲେ ଆକବର ।

‘‘କ୍ଷମା କରନ୍ତୁ ସମ୍ରାଟ । ସେ ବୃନ୍ଦାବନ ଛାଡ଼ି କୁଆଡ଼େ ଯାଆନ୍ତି ନାହିଁ । ଏକଦା ତୀର୍ଥ ଭ୍ରମଣ କରୁଥିଲେ । କିନ୍ତୁ ଏଣିକି ନୁହେଁ ।’’ ଜଣାଇଲେ ତାନ୍‌ସେନ୍ ।

ଆକବର ଥରେ ତାଙ୍କ ଗୁରୁଙ୍କୁ ଆଣିବା ଦିଗରେ ତାନ୍‌ସେନ୍‌ଙ୍କୁ ଚେଷ୍ଟା କରିବାକୁ ବହୁତ ପ୍ରବର୍ତ୍ତାଇଲେ । କିନ୍ତୁ ତାନ୍‌ସେନ୍ ଜଣାଇ ଦେଲେ – ସବୁ ଚେଷ୍ଟା ବୃଥା ହେବ ।

ସମ୍ରାଟଙ୍କ ଆଗ୍ରହ ବଢ଼ିଲା । ‘‘ଆମ୍ଭେ ତାଙ୍କୁ ଯେମିତି ହେଲେ ଥରେ ଶୁଣିବୁ ।’’ ସେ କହିଲେ ।

ତାନ୍‌ସେନ୍ ହସିଲେ । ‘‘ସମ୍ରାଟ ! ତେବେ ଆପଣଙ୍କୁ ବୃନ୍ଦାବନ ଯିବାକୁ ପଡ଼ିବ ।’’ ସେ ଜଣାଇଲେ ।

‘‘ତାହା ହିଁ ହେଉ । ତୁମେ ଦୂତ ପଠାଇ ତୁମ ଗୁରୁଙ୍କୁ ଖବର ଦିଅ । ସେ ଅନୁଗ୍ରହ କରି ଆମ୍ଭଙ୍କୁ ତାଙ୍କ ଗୀତ ଶୁଣିବାର ସୁଯୋଗ ଦେବେ ।’’

ଏଥର ବିଷଣ୍ଣ କଣ୍ଠରେ କହିଲେ ତାନ୍‌ସେନ୍, ‘‘ସମ୍ରାଟ ! ମୁଁ ଆପଣଙ୍କ ଉତ୍ସାହ କଥା ବୁଝୁଛି । ଆପଣଙ୍କ ସଙ୍ଗୀତ ପ୍ରୀତିର ପଟାନ୍ତର ନାହିଁ । କିନ୍ତୁ ମୁଁ ଆପଣଙ୍କୁ ହତାଶ କରିବାକୁ ବାଧ୍ୟ । ସ୍ୱାମୀ ହରିଦାସ ଏଭଳି ପ୍ରସ୍ତାବ ଗ୍ରହଣ କରିବେ ନାହିଁ । ସମ୍ରାଟ ଯଦି କଷ୍ଟ ସ୍ୱୀକାର କରି ଜଣେ ସାଧାରଣ ନାଗରିକ ଭାବରେ ତାଙ୍କ ଆଶ୍ରମକୁ ଯାଇ ଧୈର୍ଯ୍ୟ ଧରି ଅପେକ୍ଷା କରିବେ ତେବେ ହୁଏତ ତାଙ୍କ ସଙ୍ଗୀତ ଶୁଣିବାର ସୁଯୋଗ ପାଇବେ । ବରାଦ ଦେଇ ତାଙ୍କଠୁଁ ଗୀତ ଆଦାୟ କରିବା ଅସମ୍ଭବ ।’’

ଆକବରଙ୍କ ଜିଦି ତୀବ୍ର ହେଲା । ସେ ତାନ୍‌ସେନ୍‌ଙ୍କ କଥାରେ ରାଜି ହେଲେ । ତାନ୍‌ସେନ୍ ଜାଣିଥିଲେ କେଉଁ କେଉଁ ବିଶେଷ ପୁଣ୍ୟତିଥିମାନଙ୍କରେ ସ୍ୱାମୀ ହରିଦାସ ଆତ୍ମହରା ହୋଇ ଦୀର୍ଘ ସମୟ ଗୀତ ବୋଲନ୍ତି । ସେହିଭଳି ଏକ ତିଥିରେ ଛଦ୍ମବେଶୀ ସମ୍ରାଟଙ୍କୁ ନେଇ ସେ ସ୍ୱାମିଜୀଙ୍କ ଆଶ୍ରମରେ ପହଞ୍ଚିଲେ ।

ଆକବରଙ୍କୁ କେହି ଚିହ୍ନିଲେ ନାହିଁ । କିନ୍ତୁ ସ୍ୱାମିଜୀଙ୍କ ଶିଷ୍ୟମାନେ ତାନ୍‌ସେନ୍‌ଙ୍କୁ ସ୍ୱାଗତ କଲେ । ସ୍ୱାମିଜୀ ମଧ୍ୟ ତାଙ୍କୁ ଦେଖି ବହୁତ ଆନନ୍ଦିତ ହେଲେ ।

ଜହ୍ନରାତି । ଯଥା ସମୟରେ ଗୁରୁ ପ୍ରଥମେ ତାନ୍‌ସେନ୍‌ଙ୍କୁ ଗୀତ ବୋଲିବାକୁ କହିଲେ । ତାନ୍‌ସେନ୍ ବାଧ୍ୟ ଛାତ୍ର ଭଳି ତାହା କଲେ । ଗୁରୁ ତାଙ୍କୁ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ତାଙ୍କ ପରିବେଷଣରେ ଗୋଟିଏ ଦୁଇଟି ସାମାନ୍ୟ ତ୍ରୁଟି ଦର୍ଶାଇ ଦେଲେ । ତାନ୍‌ସେନ୍ ଗୁରୁଙ୍କ ପାଦ ସ୍ପର୍ଶ କରି ତାଙ୍କୁ କୃତଜ୍ଞତା ଜଣାଇଲେ ।

ତା’ପରେ ଆବେଗଭରେ ଗୀତ ବୋଲିବାକୁ ଆରମ୍ଭ କଲେ ସ୍ୱାମୀ ହରିଦାସ । ତାଙ୍କ ଶିଷ୍ୟ ଓ ଅଳ୍ପ କେତେଜଣ

ଅନୁଗତ ଅଦୂରରେ ବସି ରହି ସେ ଦିବ୍ୟ ଧ୍ୱନି ଶ୍ରବଣ କରୁଥା'ନ୍ତି । ସେମାନଙ୍କ ଭିତରେ ଥା'ନ୍ତି ସମ୍ରାଟ ଆକବର ।

ନିଶାର୍ଦ୍ଧ ପର୍ଯ୍ୟନ୍ତ ସ୍ୱାମୀ ହରିଦାସ ତନ୍ମୟ ଭାବରେ ସଙ୍ଗୀତ ପରିବେଷଣ କରି ତା'ପରେ ସମାଧିସ୍ଥ ହୋଇଗଲେ । ଧୀରେ ଧୀରେ ସମସ୍ତେ ବିଦାୟ ନେଲେ କେବଳ ତାଙ୍କ ଆଶ୍ରମର ଅନ୍ତେବାସୀ କେତେ ଜଣଙ୍କୁ ଛାଡ଼ି ।

ଉଷାଲୋକରେ ଆଖି ଖୋଲିଲେ ସେ ମହାନ୍ ସାଧକ । ତାନ୍‌ସେନ୍ ତାଙ୍କୁ ପ୍ରଣିପାତ କରି ବିଦାୟ ନେଲେ । ଫାଟକ ବାହାରେ ଅପେକ୍ଷା କରିଥିଲେ ସମ୍ରାଟ ।

ନୀରବରେ ଦୁହେଁ ଅଶ୍ୱାରୋହଣ କରି ଆଗ୍ରା ଅଭିମୁଖେ ପ୍ରସ୍ଥାନ କଲେ ।

ସେଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଆକବର ଏକ ପ୍ରକାର ବିଭୋର ହୋଇ ରହିଥା'ନ୍ତି । ନୈଶାହାର ବେଳେ ସେ ତାନ୍‌ସେନ୍‌ଙ୍କୁ କହିଲେ, ''ବନ୍ଧୁ ! କଥାଟିଏ କହିବି । ତୁମେ ଦୁଃଖ ନ କଲେ ହେଲା ।''

''ଆପଣ କ'ଣ କହିବେ ମୁଁ ଅନୁମାନ କରି ପାରୁଛି ।'' କହିଲେ ତାନ୍‌ସେନ୍ ।

''ତାହା କେମିତି ସମ୍ଭବ ହେବ ! କହିଲ ଦେଖିବା ମୋ ମନରେ କ'ଣ ଅଛି ?'' ଜେରା କଲେ ଆକବର ।

''ସମ୍ରାଟ ! ଆପଣ ସଙ୍କୋଚ ସତ୍ତ୍ୱେ ମୋତେ ଏହା ହିଁ ଜିଜ୍ଞାସା କରିବାକୁ ଚାହୁଁଥିଲେ – ମୁଁ ସ୍ୱାମୀ ହରିଦାସଙ୍କ ସବୁଠୁଁ ପ୍ରିୟ ଶିଷ୍ୟ ହେବାର ସୌଭାଗ୍ୟ ଅର୍ଜନ କରିଥିବା ସତ୍ତ୍ୱେ, ଆପଣଙ୍କ ଭଳି ସମ୍ରାଟଙ୍କ ପୃଷ୍ଠପୋଷକତା ଲାଭ କରିଥିବା ସତ୍ତ୍ୱେ, ଶହ ଶହ ଗୁଣୀଜନଙ୍କ ପ୍ରଶଂସା ପାଇବା ସତ୍ତ୍ୱେ, ସଙ୍ଗୀତରେ ନିର୍ଜନ ଆଶ୍ରମରେ ଅତି ସାଧାରଣ ଭାବେ ଜୀବନଯାପନ କରୁଥିବା ସ୍ୱାମିଜୀଙ୍କ ସମକକ୍ଷ ହୋଇପାରି ନାହିଁ କାହିଁକି ? କହିଲେ ତାନ୍‌ସେନ୍ ।

''ଧନ୍ୟବାଦ ବନ୍ଧୁ ! ମୁଁ ଯାହା ଏଡ଼େ ସ୍ପଷ୍ଟ ଭାବରେ ପଚାରି ପାରି ନ ଥା'ନ୍ତି, ତୁମେ ତାହା ମୋ ତରଫରୁ ତୁମ ନିଜକୁ ପଚାରି ମୋତେ ସାହାଯ୍ୟ କଲ । ବର୍ତ୍ତମାନ ପ୍ରଶ୍ନଟିର ଉତ୍ତର କୁହ ।''

''ସମ୍ରାଟ ! ଆଶା କରେ ମୋ ଉତ୍ତରରେ ଆପଣ ମଧ୍ୟ ସାମାନ୍ୟ କ୍ଳେଶ ଅନୁଭବ କରିବେ ନାହିଁ !''

''ମୋଟେ ନୁହେଁ ।'' ପ୍ରତିଶ୍ରୁତି ଦେଲେ ଆକବର ।

''ଶୁଣନ୍ତୁ । ଆପଣ ମୋର ପ୍ରଭୁ, କିନ୍ତୁ ମଣିଷ-ପ୍ରଭୁ । ଆପଣ ମୋ'ଠାରୁ ଆପଣଙ୍କ ଚିତ୍ତ ବିନୋଦନ ନିମନ୍ତେ ସଙ୍ଗୀତ ଦାବି କରନ୍ତି । ମୁଁ ମଧ୍ୟ ମୋ ମଣିଷ-ପ୍ରଭୁର ସନ୍ତୋଷ ନିମନ୍ତେ ଗୀତ ବୋଲେ । ସ୍ୱାମୀ ହରିଦାସଙ୍କ ପ୍ରଭୁ ଭଗବାନ୍ ଶ୍ରୀକୃଷ୍ଣ । ସେ ପ୍ରଭୁଙ୍କର କୌଣସି ଦାବି ନ ଥାଏ । ସ୍ୱାମିଜୀ ତାଙ୍କୁ ତାଙ୍କ ପ୍ରତିଭା ସମର୍ପଣ କରନ୍ତି । ମୁଁ ମଣିଷଙ୍କ ତୁଷ୍ଟି ପାଇଁ ଗୀତ ବୋଲିବାକୁ ମୋ କର୍ତ୍ତବ୍ୟ ବୋଲି ବୁଝିଛି । ସେ ଗୀତ ବୋଲନ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ, କର୍ତ୍ତବ୍ୟର ତାଡ଼ନାରେ ନୁହେଁ । ତାହା ପରମାତ୍ମାଙ୍କ ଉଦ୍ଦେଶ୍ୟରେ ତାଙ୍କ ଆତ୍ମାର ପ୍ରତିବେଦନ । ଆପଣଙ୍କ ଦରବାରରେ ଗୀତ ବୋଲିବା ବେଳେ କିଂବା ଏକାନ୍ତରେ ଆପଣଙ୍କ ସନ୍ତୋଷ ନିମନ୍ତେ ଗୀତ ବୋଲିବା ବେଳେ ମୋ ଭିତରେ ଆପଣଙ୍କଠୁଁ ପୁରସ୍କାର ପାଇବାର ପ୍ରତ୍ୟାଶା ଥାଏ । ସ୍ୱାମିଜୀଙ୍କର କୌଣସି ପ୍ରତ୍ୟାଶା ନ ଥାଏ । ସେଭଳି ପ୍ରେରଣା ତେଣୁ ମୁଁ କେମିତି ପାଇବି ? ସେଭଳି ଉତ୍ସର୍ଗଭାବ ନ ଥିଲେ ସଙ୍ଗୀତ ଦିବ୍ୟ ହେବ କେମିତି ? ଅନ୍ତତଃ ସେ ଦିବ୍ୟତା ଅନୁଭବ କରିବାର ଶକ୍ତି ବିଧାତା ଆପଣଙ୍କୁ ଦେଇଛି । ସେଥିପାଇଁ ଆପଣ ସ୍ୱାମିଜୀଙ୍କ ଗୀତରେ ଏଭଳି ମୁଗ୍ଧଚକିତ ହେଲେ ସମ୍ରାଟ ! ଆପଣ ଭାଗ୍ୟବାନ୍ ।''

ନୀରବରେ ସମ୍ରାଟ ସ୍ୱାମିଜୀଙ୍କ ଉଦ୍ଦେଶ୍ୟରେ ନମସ୍କାର କଲେ; ତାନ୍‌ସେନ୍‌ଙ୍କ ପ୍ରତି କୃତଜ୍ଞତା ଜଣାଇଲେ ।

(କିଂବଦନ୍ତି)

❑❑❑

ତୁମେ ଯଦି ସାଧନା କରିବାକୁ ଚାହଁ, ଅନ୍ୟମାନେ ତୁମ ବିଷୟରେ କ'ଣ ଚିନ୍ତା କରୁଛନ୍ତି କିଂବା କହୁଛନ୍ତି ସେଥିରେ ବିଚଳିତ ହେବା ଉଚିତ ନୁହେଁ ।

– ଶ୍ରୀମା

# ନୂତନ ଯୁଗ ପ୍ରବର୍ତ୍ତନ

## ପ୍ରପତ୍ତି

ପୃଥିବୀ ଉପରେ ଗୋଟାଏ ନୂଆ ଯୁଗ ଆସୁଛି । ଏହି ପୃଥିବୀ ମଧ୍ୟ ଗୋଟିଏ ନୂଆ ପୃଥିବୀରେ ପରିବର୍ତ୍ତିତ ହେବ । ନୂଆ ପୃଥିବୀରେ, ନୂଆ ଯୁଗରେ ନୂତନ ମନୁଷ୍ୟର ଆବିର୍ଭାବ ହେବ । କିନ୍ତୁ ଏହି ନୂତନ ଯୁଗ, ନୂତନ ପୃଥିବୀ, ନୂତନ ମାନବଜାତିର ଆବିର୍ଭାବ ପ୍ରତିଷ୍ଠାର ମୂଳଭିତ୍ତି କ'ଣ, ଯଥାର୍ଥ ରହସ୍ୟ କ'ଣ, ତତ୍ତ୍ୱ ଓ ବିଧାନ କ'ଣ ? ଏହାର ସତ୍ୟତା କେତେ ଦୂର ?... ଏହିପରି ବହୁତ ପ୍ରଶ୍ନ ଉତ୍ଥାପନ କରାଯାଇ ପାରେ । ଏହିସବୁର ଆଲୋଚନା କରିବା ଏଠାରେ ଆମର ଉଦ୍ଦେଶ୍ୟ ନୁହେଁ, କେବଳ ଗୋଟିଏ ବିଶେଷ ଦିଗ ଉପରେ ଆଲୋକପାତ କରିବା ।

ପୃଥିବୀ ନିରବଚ୍ଛିନ୍ନ ଭାବେ ପରିବର୍ତ୍ତନ ଦିଗରେ ଚାଲିଛି କିନ୍ତୁ ବେଳେ ବେଳେ ଗୋଟିଏ ବିପୁଳ, ବିଶାଳ ଓ ସର୍ବାଙ୍ଗୀନ ପରିବର୍ତ୍ତନର ସମ୍ମୁଖୀନ ହୁଏ । ଏହି ପରିବର୍ତ୍ତନ ଏପରି ବ୍ୟାପକ ଏବଂ ଏପରି ଆମୂଳଚୂଳ ହୁଏ ଯେ ବହୁ ବିଜ୍ଞ ଲୋକ ମଧ୍ୟ ଏହି ପରିବର୍ତ୍ତନର ରହସ୍ୟ ହୃଦୟଙ୍ଗମ କରିପାରନ୍ତି ନାହିଁ । କିନ୍ତୁ ଏହି ପରିବର୍ତ୍ତନର ଅସଲ ଉଦ୍ଦେଶ୍ୟ ହେଲା ଏକ ମହାନ୍ ସତ୍ୟର ପ୍ରକାଶ ଓ ପ୍ରତିଷ୍ଠା । ଏ ବିଶ୍ୱପ୍ରକୃତି ଓ ସଂସାର ସତ୍ୟ ପ୍ରକାଶ ନିମିତ୍ତ ନିରନ୍ତର କାର୍ଯ୍ୟ କରି ଚାଲିଛି । ବିଶ୍ୱ ହିଁ ସତ୍ୟର ଆବାସ ଭୂମି । ଯେଉଁ ସତ୍ୟ ଆଗାମୀ କାଳରେ ପ୍ରକାଶିତ ହେବ ଏବଂ ସମଗ୍ର ଜଗତକୁ ଏକ ନୂତନ ରୂପଦେବ – ତାହା ପ୍ରଚ୍ଛନ୍ନ ଭାବେ, ଗୋପନରେ ଏଠାରେ ହିଁ ରହିଛି । ବିଶ୍ୱ-ବିବର୍ତ୍ତନ ଧାରାରେ ଊର୍ଦ୍ଧ୍ୱରୁ ସେହି ମହାନ୍ ସତ୍ୟର ଅବତରଣ ଘଟେ ଏବଂ ନିମ୍ନସ୍ଥ ପ୍ରଚ୍ଛନ୍ନ ସତ୍ୟର ଉନ୍ମୀଳନ ଫଳରେ ଏକ ନୂତନ ଜଗତର ଆବିର୍ଭାବ ହୁଏ ।

ଶ୍ରୀଅରବିନ୍ଦ ଦୀର୍ଘକାଳ ଧରି ଏହି ମହାନ୍ ସତ୍ୟର ଆବିର୍ଭାବ ନିମିତ୍ତ ତପସ୍ୟା କରିଛନ୍ତି ଏବଂ ଏହି ସତ୍ୟର ନାମ ଦେଇଛନ୍ତି ଅତିମାନସ ସତ୍ୟ (Supramental Truth) । ଶ୍ରୀଅରବିନ୍ଦ ଘୋଷଣା କରିଥିଲେ, ''The Supramental is a Truth and its advent in the very nature of things is inevitable.'' ଅର୍ଥାତ୍, ''ଅତିମାନସ ଏକ ସତ୍ୟ ଏବଂ ପ୍ରକୃତିର ଧାରାରେ ଏହାର ଆବିର୍ଭାବ ଅବଶ୍ୟମ୍ଭାବୀ ।'' ଅତିମାନସ ସତ୍ୟ, ଜ୍ୟୋତିଃ, ଚେତନା ଓ ଶକ୍ତିର ଅବତରଣ ଫଳରେ ବିଶ୍ୱ-ବିବର୍ତ୍ତନ ଧାରାରେ ଏକ ନୂତନ ଊର୍ଦ୍ଧ୍ୱଗାମୀ ପାବଚ୍ଛ ଯୋଡ଼ି ହୋଇଯିବ ଏବଂ ଏକ ନୂତନ ଚେତନାର କ୍ରିୟା ଫଳରେ ଏକ ନୂତନ ସୃଷ୍ଟି ଦେଖା ଦେବ । ଚେତନାର ମୂଳରେ ଜଗତ୍ । ଏକ ନବୀନ ଚେତନାର ପ୍ରତିଷ୍ଠା ଫଳରେ ଏକ ନୂତନ ଜଗତର ପ୍ରତିଷ୍ଠା ହେବ । ଏହି ଚେତନାକୁ ଧାରଣ କରିବା ଫଳରେ ଏକ ନୂତନ ମାନବ ଗୋଷ୍ଠୀର ପ୍ରତିଷ୍ଠା ହେବ ।

ଅତିମାନସ ଜ୍ୟୋତିଃ, ଚେତନା ଓ ଶକ୍ତିର ଐତିହାସିକ ଅବତରଣ ଘଟିଲା ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ । ଶ୍ରୀମା ଏ ବିଷୟରେ ଘୋଷଣା କଲେ ୧୯୫୬ ମସିହା ଅପ୍ରେଲ ୨୪ ତାରିଖ ବାଣୀରେ । ସେହି ଘୋଷଣାରେ ସେ ଉଲ୍ଲେଖ କଲେ ଯେ ଅତିମାନସ ଆଉ ସମ୍ଭାବନା ରୂପେ ନାହିଁ, ଏହା ଏକ ଜୀବନ୍ତ ସତ୍ୟ । ଆଜି ଏହା ଏଠାରେ କାର୍ଯ୍ୟକାରୀ ହେଉଛି କିନ୍ତୁ ଦିନ ଆସିବ ଯେତେବେଳେ ଅତି ଅଧମ, ଅତି ଅଜ୍ଞାନ ଓ ଅତି ଅନ୍ଧ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବ । ଏ ସମ୍ପର୍କରେ ଶ୍ରୀମା'ଙ୍କର ଯେଉଁ ଉପଲବ୍ଧି ହୋଇଥିଲା ତାହା ପ୍ରକାଶ ପାଇଲା ୨୯ ଫେବ୍ରୁଆରୀ, ୧୯୬୦ ଘୋଷଣାରେ । ଯଥାର୍ଥରେ କହିବାକୁ ଗଲେ ୧୯୫୬ ମସିହାରୁ ନୂତନ ଯୁଗର ପ୍ରବର୍ତ୍ତନ ହୋଇଛି ଏବଂ ନୂତନ ସତ୍ୟର ଆବିର୍ଭାବ ଘଟିଛି । ଯଦି ସତ୍ୟ ଯୁଗ କେବେ ଦେଖାଦିଏ ତେବେ ଏହା ହିଁ ହେବ ସତ୍ୟ ଯୁଗର ପ୍ରାରମ୍ଭ । ଧୀରେ ଧୀରେ ଏହି ସତ୍ୟର ପ୍ରଭାବ ଓ ପ୍ରକ୍ରିୟା ବଢ଼ି ଚାଲିଛି । ତତ୍ ପରବର୍ତ୍ତୀ ଘୋଷଣାଗୁଡ଼ିକ ଲକ୍ଷ୍ୟ କଲେ ଜଣାଯିବ କିପରି ଏହି ନୂତନ ସତ୍ୟ, ଶକ୍ତି, ସାମର୍ଥ୍ୟ ଓ ପ୍ରକ୍ରିୟା ସାରା ସଂସାରକୁ ପ୍ରଭାବିତ କରିପାରିବ ବୋଲି ସ୍ୱୟଂ ଶ୍ରୀମା ଘୋଷଣା କରି ଚାଲିଛନ୍ତି । ୧୯୬୫ ମସିହା ନବବର୍ଷ ବାଣୀରେ ଏହି ପରମ ଦିବ୍ୟ ସତ୍ୟର ଆବିର୍ଭାବକୁ ପ୍ରତ୍ୟକ୍ଷ ରୂପେ ସଂସାରରେ ଆସିବା ଉପଲବ୍ଧି କରି ଶ୍ରୀମା ଘୋଷଣା କଲେ, "Salute to the Advent of the Truth." ''ସତ୍ୟର ଆଗମନୀକୁ ନମସ୍କାର କରୁଛି ।'' ୧୯୬୬ ମସିହା ନବବର୍ଷ ବାଣୀରେ ଶ୍ରୀମା ଘୋଷଣା କଲେ, ''Let us serve the Truth.'' ''ଚାଲ, ଆମ୍ଭେମାନେ

ସତ୍ୟର ସେବା କରିବା ।'' ପୁନଶ୍ଚ ୧୯୬୭ରେ ଶ୍ରୀମାଙ୍କ ଘୋଷଣା ହେଲା :

''Men, countries, continents ! The choice is imperative. Truth or the Abyss.''

ଅର୍ଥାତ୍, ''ମାନବ, ଦେଶ ଓ ମହାଦେଶ ସକଳ ! – ବାଛିନେବା ଅନିବାର୍ଯ୍ୟ । ସତ୍ୟ ଅଥବା ରସାତଳ ।''

ସାରା ସଂସାର ତଥା ସମଗ୍ର ସମାଜକୁ ଶ୍ରୀମା ଏହି ଚେତାବନୀ ଶୁଣାଇ କହିଛନ୍ତି ଯେ ମନୁଷ୍ୟ ଯଦି ଏହି ନୂତନ ସତ୍ୟକୁ ଗ୍ରହଣ କରିପାରିବ ନାହିଁ ତେବେ ଧ୍ୱଂସ ହୋଇଯିବ, ଅଥବା ରସାତଳଗାମୀ ହେବ । ଧୀରେ ଧୀରେ ଏହି ସତ୍ୟର ଧାରା ଓ ବିଧାନ ଯେ ସମଗ୍ର ଜୀବନ ଓ କର୍ମକୁ ପ୍ରଭାବିତ କରିବ ଏବଂ ମାନବସମାଜର ବିଭିନ୍ନ ଓ ବ୍ୟାପକ କ୍ରିୟା ମଧ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିବ ଏଥିରେ ସନ୍ଦେହ ନାହିଁ । ଅନ୍ୟ ଏକ ବାଣୀରେ ଶ୍ରୀମା କହିଛନ୍ତି :

"The moment approaches when the Truth will govern the world.

Will you work to hasten its coming ?"

Blessings.

(CWM, Vol. 14, P. 193) – The Mother

ଅର୍ଥାତ୍,

''ସେହି ମୁହୂର୍ତ୍ତ ଆସୁଛି ଯେତେବେଳେ ସତ୍ୟ ପୃଥିବୀକୁ ପରିଚାଳନା କରିବ ।

ଏହାର ଆଗମନୀକୁ ତ୍ୱରାନ୍ୱିତ କରିବା ନିମିତ୍ତ ତୁମେ କାର୍ଯ୍ୟ କରିବ କି ?

ଆଶୀର୍ବାଦ ।''

– ଶ୍ରୀମା

ଏପରି ଏକ ମୁହୂର୍ତ୍ତ ଆସୁଛି ଯେତେବେଳେ ଦିବ୍ୟସତ୍ୟ ଜଗତର ପରିଚାଳନା ଓ ନିୟନ୍ତ୍ରଣର ଭାର ଗ୍ରହଣ କରିବ । କାରଣ ସତ୍ୟର ଧାରାରେ ଜଗତର ଉତ୍ଥାନ ହେବ । ପୁନଶ୍ଚ ଅନ୍ୟ ଏକ ବାଣୀରେ ଶ୍ରୀମା କହିଛନ୍ତି :

"A new world, based on Truth and refusing the old slavery to falsehood, wants to take birth."

In all countries there are people who know it, at least feel it.

To them we call :

"Will you collaborate ?"

(CWM, Vol. 15, P. 62) – The Mother

ଅର୍ଥାତ୍, ''ସତ୍ୟର ଭିତ୍ତିରେ ପ୍ରତିଷ୍ଠିତ ଏକ ନୂତନ ଜଗତ୍ ଜନ୍ମଲାଭ କରିବାକୁ ଚେଷ୍ଟା କରୁଅଛି – ମିଥ୍ୟାର ଦାସତ୍ୱକୁ ପ୍ରତ୍ୟାଖ୍ୟାନ କରିଛି ।

ପ୍ରତ୍ୟେକ ଦେଶରେ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଏକଥା ଜାଣନ୍ତି, ଅନ୍ତତଃ ଏକଥା ଅନୁଭବ କରିପାରୁଛନ୍ତି ।

ସେହିମାନଙ୍କୁ ମୁଁ ଆହ୍ୱାନ କରୁଛି : ତୁମ୍ଭେମାନେ କ'ଣ ସହଯୋଗ କରିବ କି ?''

ଏକଥା ମା ବାରଂବାର ଘୋଷଣା କରୁଛନ୍ତି ଏବଂ ଉଚ୍ଚ କଣ୍ଠରେ କହୁଛନ୍ତି ଯେ ନୂତନ ଜଗତ୍ ଆଉ ସେହି ପୁରାତନ ଭିତ୍ତିରେ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ଜଗତରେ ମିଥ୍ୟା, ଅସତ୍ୟ, ଦୁର୍ନୀତି, ଭଣ୍ଡାମି ଓ ଠକାମିର ସମ୍ପୂର୍ଣ୍ଣ ବିପର୍ଯ୍ୟୟ ହେବ । ନୂତନ ଜଗତର ଭିତ୍ତି ହେଲା ନୂତନ ଦିବ୍ୟସତ୍ୟ, ଅତିମାନସ ସତ୍ୟ । ଏହି ଭୂମିରେ ସତ୍ୟ, ପୂର୍ଣ୍ଣ ସତ୍ୟର ରାଜତ୍ୱ ଦେଖା ଦେବ । ସମଗ୍ର ପୃଥିବୀ ଏହି ସତ୍ୟ ଦ୍ୱାରା ନିୟନ୍ତ୍ରିତ ଓ ପରିଚାଳିତ ହେବ । ୧୯୭୨ ମସିହା ନଭେମ୍ବର ୨୬ ତାରିଖରେ ଶ୍ରୀମାଙ୍କର ଅନ୍ୟ ଏକ ଘୋଷଣା ଏଠାରେ ଉଲ୍ଲେଖ କରି ଏହି ପ୍ରବନ୍ଧ ସମାପ୍ତ କରୁଛୁ ।

"Before dying, falsehood rises in full swing.

Still people understand only the lesson of catastrophe. Will it have to come before they open their eyes to the Truth ?

I ask an effort from all so that it has not to be.

It is only the Truth that can save us, truth in words, truth in action, truth in will, truth in feelings. It is a choice between serving the Truth or being destroyed."

(CWM, Vol. 13, P. 217) – The Mother

ଅର୍ଥାତ୍,

''ମୃତ୍ୟୁ ପୂର୍ବରୁ ଅସତ୍ୟ ପୂର୍ଣ୍ଣମାତ୍ରାରେ ଉତ୍ଥିତ ହୁଏ ।

ତଥାପି ଲୋକମାନେ କେବଳ ଭୟଙ୍କର ବିପଦରୁ ହିଁ ଶିକ୍ଷାଲାଭ କରନ୍ତି । ସତ୍ୟ ପ୍ରତି ଉନ୍ମୁଖ ହେବା ପୂର୍ବରୁ କ'ଣ ଏହି ବିପଦ ଆସିବା ଆବଶ୍ୟକ ?

ମୁଁ ସମସ୍ତଙ୍କ ପାଖରୁ ଏହି ଉଦ୍ୟମ ଚାହୁଁଛି ଯାହା ଫଳରେ ଏହି ବିପଦ ନ ଆସିପାରେ ।

ଏକମାତ୍ର ସତ୍ୟ ହିଁ ଆମ୍ଭମାନଙ୍କୁ ରକ୍ଷା କରିପାରେ, ବାକ୍ୟରେ ସତ୍ୟ, କର୍ମରେ ସତ୍ୟ, ସଙ୍କଳ୍ପରେ ସତ୍ୟ, ଭାବରେ ସତ୍ୟ । ସତ୍ୟର ସେବା କରିବା ନା ଧ୍ୱଂସ ହୋଇଯିବା – ଏହି ଉଭୟ ମଧ୍ୟରୁ ଗୋଟିକୁ ବାଛି ନେବାକୁ ହେବ ।''

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୨୬-୧୨୮)

❑❑❑

*ପ୍ରଶ୍ନ : ଅବତାର ଓ ବିଭୂତିଙ୍କ ଭିତରେ କ'ଣ ପାର୍ଥକ୍ୟ ?*

**ଶ୍ରୀମା :** ଆମେ ସେଦିନ କହିଥିଲୁ ଯେ 'ବିଭୂତି'ମାନେ ହେଉଛନ୍ତି ଏକ ସତ୍ତାର ବିଭାବ, ଗୁଣ ବା ଗୁହ୍ୟବିଦ୍ୟାରେ ଯାହାକୁ ମୂଳ ସତ୍ତାରୁ ନିଃସୃତ ଏକ କିରଣଛଟା ବୋଲି କୁହାଯାଇଥାଏ । ସେମାନେ ହେଉଛନ୍ତି ମୂଳସତ୍ତାର କେତେକ ଶକ୍ତି, କ୍ଷମତା, ଗୁଣ ବା ଧର୍ମଗୁଡ଼ିକୁ ଯେତେବେଳେ କୌଣସି ବାହ୍ୟରୂପ ବା ଆଧାର ସହିତ ସଂଯୁକ୍ତ କରାଯାଇଥାଏ, ଉଦାହରଣସ୍ୱରୂପ ଏକ ଦୈହିକ ଆଧାର – ଏବଂ ସେହି ରୂପ ଓ ଦେହଧାରୀ ସତ୍ତା ଭିତର ଦେଇ ଯେତେବେଳେ ଏହି ଗୁଣଗୁଡ଼ିକ ନିଜକୁ ଅଭିବ୍ୟକ୍ତ କରନ୍ତି । ଏହା ଏକ ମାନବୀୟ ଆଧାର ହୋଇପାରେ । ଅବତାର ହେଉଛନ୍ତି (ଯଥାର୍ଥ ଭାବ ନେଇ ବୁଝିଲେ) ସର୍ବୋଚ୍ଚ ପରମସତ୍ୟ ଯେତେବେଳେ ପୃଥିବୀ ଉପରେ ଅବତାର ରୂପେ ଆବିର୍ଭୂତ ହୁଅନ୍ତି । ବର୍ତ୍ତମାନ ଏହି ଶବ୍ଦଟିକୁ ନାନା ଅର୍ଥ ଦିଆଯାଉଛି ଏପରିକି ଫରାସୀ ଭାଷାରେ 'ଅବତାର' ବୋଲି ଏକ ଶବ୍ଦ ରହିଛି ଯାହାକୁ ଏକ ଅତି ବିଶେଷ ଅର୍ଥରେ ପ୍ରୟୋଗ କରାଯାଏ । କୁହାଯାଏ ଯେ ଦୁଃସାହସିକ ଅଭିଯାନରେ ଲିପ୍ତ ଥିବା ଜଣେ ବ୍ୟକ୍ତିର ଅନେକଗୁଡ଼ିଏ 'ଅବତାର' ରହିଛି । ଏହାର ଅର୍ଥ ହେଉଛି ସେ ପ୍ରୟୋଜନ ଅନୁସାରେ ବିଭିନ୍ନ ସମୟରେ ନିଜର ଆକୃତି, ବ୍ୟକ୍ତିତ୍ୱ ଓ କର୍ମର ପରିବର୍ତ୍ତନ କରିଥାଏ... । କିନ୍ତୁ ମୂଳ ଅର୍ଥରେ (ଦୃଷ୍ଟାନ୍ତସ୍ୱରୂପ ଗୀତାରେ ଯେପରି କୁହାଯାଇଛି) ଯେତେବେଳେ ସ୍ୱୟଂ ପରମ କୌଣସି ନିର୍ଦ୍ଦିଷ୍ଟ କାରଣ ହେତୁ ନିଜକୁ ପୃଥିବୀପୃଷ୍ଠରେ ଅଭିବ୍ୟକ୍ତ କରିବା ପାଇଁ ସ୍ଥିର କରନ୍ତି ଏବଂ ସେଥିପାଇଁ ଏକ ପାର୍ଥିବ ଶରୀର ଗ୍ରହଣ କରନ୍ତି ତାହାକୁ ହିଁ କେବଳ ଅବତାର ବୋଲି କୁହାଯିବ । ପ୍ରୟୋଜନ ଓ ପରିସ୍ଥିତି ଅନୁଯାୟୀ ତାଙ୍କୁ କ୍ରମାଗତ ଭାବେ ପର ପର ଅନେକଗୁଡ଼ିଏ ଶରୀର ଗ୍ରହଣ କରିବାକୁ ପଡ଼ିପାରେ କିନ୍ତୁ ଯାହାଙ୍କୁ ପରମଙ୍କର 'କେନ୍ଦ୍ରୀୟ ସତ୍ତା' ବୋଲି କୁହାଯାଇପାରେ, ସବୁକ୍ଷେତ୍ରରେ ସେହି ପରମସତ୍ତା ହିଁ ଏକ ପାର୍ଥିବ ଶରୀର ଗ୍ରହଣ କରନ୍ତି । ତାହା ହିଁ ଅବତାର ପଦବାଚ୍ୟ । ମୁଁ ଭାବୁଛି ତୁମେ ଏହା ଜାଣିଛ । ଶ୍ରୀଅରବିନ୍ଦ ବହୁସ୍ଥାନରେ ଏହାର ବ୍ୟାଖ୍ୟା ଦେଇଛନ୍ତି ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୯୧)

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୦)

ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରେମାପ୍ଲୁତ ଭକ୍ତି :**

ଆମେ ଯେତେବେଳେ ପ୍ରଭୁଙ୍କ ପାଦପଦ୍ମରେ ଲୟ ଲଗାଇ ଧ୍ୟାନମଗ୍ନ ହେଉ ବା ହେବା ମାତ୍ରକେ ଆମେ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥାଉ – ଅପ୍ରତ୍ୟାଶିତ ଭାବରେ ଅନେକ ଛବି, ଅନେକ ସ୍ପନ୍ଦନ ଆମ ସ୍ଥିର ଚେତନା ଭିତରକୁ ପଶି ଆସନ୍ତି ଏବଂ ମନେହୁଏ ଯେପରି ସେମାନେ ଶପଥ କରିଛନ୍ତି ଆମକୁ ଏକାଗ୍ର ଚିତ୍ତରେ ଧ୍ୟାନ କରାଇ ନ ଦେବାକୁ । ଏହିସବୁର କାରଣ ଏବଂ ତା'ର ସମାଧାନ ଦିବ୍ୟଜନନୀ ଶ୍ରୀମା ତାଙ୍କର ନଭେମ୍ବର ୨୫, ୧୯୧୩ ପ୍ରାର୍ଥନାଟିରେ ଉଲ୍ଲେଖ କରିଛନ୍ତି । ତାହାହେଲା –

"THE greatest enemy of a silent contemplation turned towards Thee is surely this constant subconscient registering of the multitude of phenomena with which we come into contact. So long as we are mentally active, our conscious thought veils for us this overactivity of our subconscious receptivity; an entire part of our sensibility, and perhaps not the smallest, acts like a cine-camera without our knowledge and indeed to our detriment. It is only when we silence our active thought, which is relatively easy, that we see this multitude of little subconscious notations surging up from every side and often drowning us under their overwhelming flood. So it happens that, as soon as we attempt to enter the silence of deep contemplation, we are assailed by countless thoughts – if thoughts they could be called – which do not interest us in the least, do not represent for us any active desire, any conscious attachment, but only prove to us our inability to control what may be described as the mechanical receptivity of our subconscient. A considerable labour is needed to silence all these useless noises, to stop this wearisome train of images and to purify one's mind of these thousand little nothings, so obstructing and worthless. And it is so much time uselessly lost; it is a terrible wastage."

(Prayers and Meditations, Page : 35 )

''ହେ ପ୍ରଭୁ, ଆମେ ଯେତେବେଳେ ନୀରବରେ ଆପଣଙ୍କ ଆଡ଼କୁ ମୁହଁ କରି ଧ୍ୟାନରେ ବସୁ ସେତେବେଳେ ଆମର ପ୍ରଧାନ ଶତ୍ରୁ ହୋଇ ଉଭା ହୋଇ ଯାଆନ୍ତି ଆମ ଅବଚେତନା ଭିତରେ ଲିପିବଦ୍ଧ ହୋଇ ରହିଥିବା ଅନେକ ପ୍ରକାରର ଦୃଶ୍ୟ, ଘଟଣା, ଦୁର୍ଘଟଣା; ଯେଉଁମାନଙ୍କ ସହିତ ଆମେ ପୂର୍ବରୁ ନିରବଚ୍ଛିନ୍ନଭାବେ ସମ୍ପର୍କ ସ୍ଥାପନ କରି ରହିଛୁ । ଯେପର୍ଯ୍ୟନ୍ତ ଆମେ ମାନସିକ ଭାବରେ ସକ୍ରିୟ ଥାଉ, ଆମର ସଚେତନ ଚିନ୍ତା ଓ ଭାବନା ସକଳ ଆମ ଅବଚେତନ ଗ୍ରହଣଶୀଳତାର ସକ୍ରିୟତା ଉପରେ ପରଦାଟିଏ ହୋଇ ସେ ସମସ୍ତକୁ ଘୋଡ଼ାଇ ପକାଉଥାଏ; ଆମ ସମ୍ବେଦନଶୀଳତାର ସମଗ୍ର ଅଂଶ, ଏବଂ ବୋଧହୁଏ ତାହା ଆମର କେବଳ କ୍ଷୁଦ୍ରତମ ଅଂଶ ନୁହେଁ, ଆମ ଅଜାଣତରେ ଏକ ବୃହତ୍ ଅଂଶ ଚଳଚ୍ଚିତ୍ରରେ ବ୍ୟବହୃତ କ୍ୟାମେରା ପରି କାର୍ଯ୍ୟ କରେ ଏବଂ ଏହା ପ୍ରକୃତରେ ଆମର କ୍ଷତିସାଧନ କରିଥାଏ । କିନ୍ତୁ ଆମେ ଯେତେବେଳେ ଆମର ସକ୍ରିୟ ଚିନ୍ତା ଓ ଭାବନାକୁ ନୀରବ କରିଦେଉ, ଆପାତତଃ ଯାହା କରିବା ସହଜ, ସେତେବେଳେ ଆମେ ଅନୁଭବ କରୁ ଆମ କ୍ଷୁଦ୍ର ଅବଚେତନାର ବହୁଳତା କିପରି ସମୁଦ୍ରର ଢେଉ ପରି ଚତୁର୍ଦ୍ଦିଗରୁ ମାଡ଼ି ଆସୁଛି ଏବଂ ଅଧିକାଂଶ ସମୟରେ

ସେଇସବୁ ବନ୍ୟାର ପ୍ଲାବନ ଆମକୁ ତା' ଭିତରେ ପୂରାପୂରି ନିମଜ୍ଜିତ କରି ଦେଉଛି । ସୁତରାଂ ଏପରି ଘଟିଥାଏ ଯେ, ଆମେ ନୀରବତାର ଗଭୀରତା ମଧ୍ୟକୁ ଯିବାକୁ ଚେଷ୍ଟା କଲା ମାତ୍ରକେ ଆମମାନଙ୍କୁ ଅଗଣିତ ଭାବନା ଓ ଚିନ୍ତା ପ୍ରଚଣ୍ଡ ଭାବେ ଆକ୍ରମଣ କରନ୍ତି – ଯଦିଓ ସେମାନେ ଚିନ୍ତା ପଦବାଚ୍ୟ ଅଟନ୍ତି ତେବେ ବି ଆମର ସେଥିପ୍ରତି ଏତେ ଟିକିଏ ବି ଆଗ୍ରହ ନ ଥାଏ, ଆମ ପାଇଁ ସେମାନେ କୌଣସି ପ୍ରକାରର ସକ୍ରିୟ ଇଚ୍ଛା ବହନ କରି ଆଣୁ ନଥା'ନ୍ତି, ଆମ ପ୍ରତି ସେମାନଙ୍କର କୌଣସି ସଚେତନ ଆକର୍ଷଣ ବି ନ ଥାଏ, କିନ୍ତୁ ସେମାନେ କେବଳ ଆମର ଅକ୍ଷମତାକୁ ପ୍ରମାଣ କରୁଥା'ନ୍ତି ଯାହାକୁ ଆମେ ଆମ ଅବଚେତନାର ଏକ ଯାନ୍ତ୍ରିକ ଗ୍ରହଣଶୀଳତା ବୋଲି କହିପାରିବା ବା ବର୍ଣ୍ଣନା କରି ପାରିବା । ଏତାଦୃଶ ଅନାବଶ୍ୟକ କୋଳାହଳସବୁକୁ ପ୍ରଶମିତ କରିବା ନିମନ୍ତେ ଏହି ଦୁର୍ଭାବନା ସୃଷ୍ଟିକାରୀ ଛବିମାନଙ୍କର ଲମ୍ବା ଧାଡ଼ିରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଏବଂ ସହସ୍ର ସହସ୍ର ତଥା କ୍ଷୁଦ୍ର କ୍ଷୁଦ୍ର ଅନ୍ତଃସାରଶୂନ୍ୟ ଘଟଣାସବୁ ଯେଉଁମାନେ କି ପଥରୋଧ କରୁଛନ୍ତି ଏବଂ ମୂଲ୍ୟହୀନ ମଧ୍ୟ ସେମାନଙ୍କ ପ୍ରଭାବରୁ ମନକୁ ବିଶୋଧିତ କରିବା ନିମନ୍ତେ ଏକ ଆଖିଦୃଶିଆ ପରିଶ୍ରମର ଆବଶ୍ୟକତା ରହିଛି । ଏବଂ ଏଥିପାଇଁ ଅଯଥାରେ ଅନେକ ସମୟ ନଷ୍ଟ ହେଉଛି; ଏହା ଏକ ଭୟଙ୍କର ଅବକ୍ଷୟ ।''

ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା ଉକ୍ତ ଅସୁବିଧାମାନଙ୍କର ନିରାକରଣର ଉପାୟ ନିରୂପଣପୂର୍ବକ କହୁଛନ୍ତି –

ତେବେ ଏହାର ପ୍ରତିକାର ବ୍ୟବସ୍ଥାଟି କ'ଣ ? ଏଥି ପାଇଁ ଏକ ଅତି ସାଧାରଣ ପଥ ଦେଖାଇଛନ୍ତି ନିର୍ଦ୍ଦିଷ୍ଟ କେତେକ ଧାର୍ମିକ ଶୃଙ୍ଖଳାର ବ୍ୟବସ୍ଥା ଦ୍ୱାରା – ତାହା ହେଉଛି ନିର୍ଜନତା ଓ ନିଷ୍କ୍ରିୟତା : ଜଣକର ଅବଚେତନାକୁ ସକଳ ପ୍ରକାର ସମ୍ଭାବ୍ୟ ନିବନ୍ଧନଠାରୁ ଅଲଗା କରି ରଖିବା ବା ତା' ପାଇଁ ଅଲଗା ସ୍ଥାନଟିଏ ନିରୂପଣ କରିବା; ଏହି ବ୍ୟବସ୍ଥାଟି ମୋତେ ଏକ ପିଲାଳିଆ ପ୍ରତିକାର ପରି ମନେ ହେଉଛି; କାରଣ ଏହି ବ୍ୟବସ୍ଥାଟି ସନ୍ନ୍ୟାସ ଆଚରଣ କରୁଥିବା ବ୍ୟକ୍ତିଟି (ascetic)କୁ, ଅବଚେତନା ତା' ନିଜ ଅକ୍ତିଆରକୁ ନେଇଯାଏ ଏବଂ ତା' ଇଚ୍ଛା ଅନୁସାରେ ଯେକୌଣସି ସମୟରେ ବ୍ୟକ୍ତି ଉପରେ ଆକସ୍ମିକ ଆକ୍ରମଣ କରିପାରେ, ଏବଂ ଏପରି ଏକ ଦିନ ଆସେ ସନ୍ନ୍ୟାସ ନେଇଥିବା ବ୍ୟକ୍ତିଟି ଯେତେବେଳେ ନିଜ ଉପରେ ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ ଆଣିବାରେ ସମର୍ଥ ହୁଏ, ସେ ତା' ନିଜର ସମଧର୍ମୀୟ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସେମାନଙ୍କ ଗହଣକୁ ଫେରି ଆସେ, ତେବେ ଦେଖାଯିବ ଯେ ତା'ର ଅବଚେତନା ଏତେଦିନ ଧରି ସ୍ୱକୀୟ ବୃତ୍ତିରୁ ବଞ୍ଚିତ ରହିଥିବା ହେତୁ ସାମାନ୍ୟ ଟିକେ ସୁଯୋଗ ପାଇବା ମାତ୍ରେ ସେ ତା'ର କାମରେ ଆହୁରି ତୀବ୍ର ଭାବରେ ଲାଗି ପଡ଼େ ।

ତତ୍‌ପରେ ଦିବ୍ୟଜନନୀ ଶ୍ରୀମା ପ୍ରାର୍ଥନାଟିର ତୃତୀୟ ଅନୁଚ୍ଛେଦରେ ପ୍ରକାଶ କରୁଛନ୍ତି ଯେ ଏହି ଅବଚେତନାକୁ ନିୟନ୍ତ୍ରଣ କରିବା ନିମନ୍ତେ ଅନ୍ୟ ଏକ ପ୍ରତିକାର ବ୍ୟବସ୍ଥା ମଧ୍ୟ ଅଛି । ତାହା ସାଧକ ଯେଉଁପରି ନିଜର ସଚେତନ ଚିନ୍ତା ଓ ଭାବନାକୁ ନିୟନ୍ତ୍ରଣ କରନ୍ତି ଠିକ୍ ସେହି ଉପାୟରେ ଅବଚେତନାକୁ ମଧ୍ୟ ନିୟନ୍ତ୍ରଣ କରି ପାରିବେ । ଏଥିରେ ସଫଳକାମ ହେବା ପାଇଁ ଅନେକ ଉପାୟ ରହିଛି । ମା କହୁଛନ୍ତି :

"Regular introspection in the Buddhist manner and a methodical analysis of one's dreams – formed almost always from this subconscious registration – are part of the method to be found."

(Prayers and Meditations, P. 36)

"Introspection" ର ଅର୍ଥ ହେଲା the process of thinking deeply and carefully to examine our own ideas – ଅର୍ଥାତ୍, Self-Analysis ବା ଆତ୍ମ-ସମୀକ୍ଷା । ଅବଚେତନାକୁ ନିୟନ୍ତ୍ରଣକୁ ଆଣିବାକୁ ହେଲେ ପ୍ରଥମ ନିୟମଟି ହେଲା ନିୟମିତ ଭାବରେ ଆତ୍ମ-ସମୀକ୍ଷା କରିବାକୁ ହେବ; ଯେଉଁପରି ଭାବରେ ବୌଦ୍ଧଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନେ କରିଥା'ନ୍ତି ଏବଂ ଦ୍ୱିତୀୟଟି ହେଲା ଜଣେ ଦେଖୁଥିବା ସ୍ୱପ୍ନମାନଙ୍କୁ ନିୟମିତ ଭାବରେ ବିଶ୍ଳେଷଣ କରିବା – କାରଣ ଅଧିକାଂଶ ସ୍ୱପ୍ନମାନେ ସାଧାରଣତଃ ଅବଚେତନା ଭିତରୁ ସୃଷ୍ଟି ହୋଇଥା'ନ୍ତି – ଏହା ହିଁ ଅବଚେତନାକୁ ନିୟନ୍ତ୍ରଣ କରିବାର ଉପାୟମାନଙ୍କ ମଧ୍ୟରୁ ଅନ୍ୟତମ । କିନ୍ତୁ ପ୍ରକୃତରେ ନିଶ୍ଚିତ ଭାବରେ ଅନ୍ୟାନ୍ୟ ଉପାୟ ଓ ପ୍ରଣାଳୀମାନ ରହିଛି ଯାହା ଦ୍ୱାରା ଅଧିକ କ୍ଷିପ୍ରତର ଭାବରେ ଅବଚେତନାକୁ ନିୟନ୍ତ୍ରଣକୁ ଆଣି ହେବ ।

ପ୍ରାର୍ଥନାର ଶେଷ ଭାଗରେ ମା ପରମପ୍ରଭୁଙ୍କୁ ନମ୍ର

ନିବେଦନ ଜଣାଇ କହୁଛନ୍ତି, ''ହେ ପ୍ରଭୁ, ସନାତନ ଅଧୀଶ୍ୱର, ଆପଣ ହିଁ ପରମ ଶିକ୍ଷାଦାତା ଏବଂ ପ୍ରେରଣା-ପ୍ରଦାନକାରୀ ହୋଇ ଉଭା ହେବେ; ଆପଣ ମୋତେ ଶିଖାଇବେ କ'ଣ କରିବାକୁ ହେବ, ଫଳତଃ ମୁଁ ଏହାକୁ ଅପରିହାର୍ଯ୍ୟ ଭାବେ ମୋ ନିଜ ଉପରେ ପ୍ରୟୋଗ କଲାପରେ, ଅନ୍ୟମାନଙ୍କୁ ମଧ୍ୟ ଆପଣ ମୋତେ ଯାହା ଶିଖାଉଛନ୍ତି ତାହା ଦ୍ୱାରା ଲାଭବାନ୍ କରାଇ ପାରିବି ।

ଶେଷରେ ମା ପ୍ରଭୁଙ୍କ ପାଖରେ ନମ୍ରତାର ସହିତ ମସ୍ତକ ଅବନତପୂର୍ବକ କହୁଛନ୍ତି :

"With a loving and trustful devotion, I bow to Thee." (*Prayers and Meditations,* P. 36)

'' ପ୍ରେମାପ୍ଲୁତ ଓ ବିଶ୍ୱସନୀୟ ଭକ୍ତିର ସହିତ ମୁଁ ଆପଣଙ୍କ ସମ୍ମୁଖରେ ମସ୍ତକ ଅବନତ କରୁ ଅଛି ।''

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା :**

୧. Prayers and Meditations : The Mother

୨. Musing with the Prayers and Meditations of the Mother – Shyam Kumari

**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୮)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମେ କହୁଛ ଏତେଗୁଡ଼ିଏ ବର୍ଷ ବିତିଗଲା ପରେ ବି ତୁମ ସ୍ୱଭାବର କିଛି ପରିବର୍ତ୍ତନ ହେଲା ନାହିଁ । ମୁଁ କେବଳ ଭାବେ ଏଇ ବାହ୍ୟ ପ୍ରକୃତିକୁ ପରିବର୍ତ୍ତନ କରିବାର ସମସ୍ୟାଟି ଯଦି ଏତେ ସହଜ ହୋଇ ଥାଆନ୍ତା ତାହା କିଛି ବର୍ଷ ମଧ୍ୟରେ କରାଯାଇ ପାରି ଥାଆନ୍ତା । ତୁମେ ଏହା ବି ଭୁଲି ଯାଉଛ ଯେ ତୁମର ଅସଲ ସମସ୍ୟା ହେଲା ତୁମ ସହ ଜଡ଼ିତ ହୋଇ ରହିଥିବା ଅହଂଠାରୁ ମୁକ୍ତି ପାଇବାର କାର୍ଯ୍ୟ, ଯେଉଁଥିରେ ତୁମେ ଐକାନ୍ତିକ ଭାବେ ହାତ ଦେଇଛ – ମାତ୍ର କିଛି ଦିନ ପୂର୍ବରୁ ଏବଂ ଏହାକୁ ଏପରି କେତେ ନିର୍ଦ୍ଦିଷ୍ଟ ମାସ ମଧ୍ୟରେ କରାଯାଏ ନାହିଁ । ଏପରିକି ସବୁଠାରୁ ଉତ୍ତମ ସାଧକମାନେ ମଧ୍ୟ ଅନେକ ଉପଲବ୍ଧି ଓ ଊର୍ଦ୍ଧ୍ୱ ସ୍ତରର ବହୁ ପ୍ରତ୍ୟକ୍ଷ ଅନୁଭୂତି ଓ ବଡ଼ ବଡ଼ ପରିବର୍ତ୍ତନ ପରେ ବି ଦେଖନ୍ତି ଅନେକ କିଛି କରିବାର ବାକୀ ରହି ଯାଇଥାଏ । ତୁମେ କିପରି ଆଶା କରୁଛ ଯେ ତା'ଠାରୁ ତୁମେ ସହଜରେ ପରିତ୍ରାଣ ପାଇଯିବ ଯାହା କାହାରି କ୍ଷେତ୍ରରେ ବି ହୁଏ ନାହିଁ । ଏଇ ପ୍ରକାର ଯୋଗରେ ଧୈର୍ଯ୍ୟର ଆବଶ୍ୟକ, କାରଣ ଏଥିରେ ମୂଳ ଉଦ୍ଦେଶ୍ୟ ଏବଂ ପ୍ରତିଟି ଅଂଶ ଓ ପ୍ରକୃତିର ପୁଙ୍ଖାନୁପୁଙ୍ଖ ପରିବର୍ତ୍ତନ, ଉଭୟ ହିଁ ଏକ ସଙ୍ଗେ ସାଧିତ ହୋଇଥାଏ । ଏହା କହିଲେ ଚଳିବ ନାହିଁ 'ଗତକାଲି ମୁଁ ଦୃଢ଼ ସଂକଳ୍ପ ନେଲି ଯେ ଏଥର ମୁଁ ସମ୍ପୂର୍ଣ୍ଣ ରୂପେ ନିଜକୁ ମାଆଙ୍କ ନିକଟରେ ନିବେଦନ କରିବି, କିନ୍ତୁ କାହିଁ, ତାହା ତ ହେଲା ନାହିଁ ! ବରଂ ପୁରାତନ ବିପରୀତ ଜିନିଷସବୁ ପୁନର୍ବାର ଉଠି ଛିଡ଼ା ହୋଇଛି; କାର୍ଯ୍ୟତଃ କିଛି ବି କରିବାର ନାହିଁ କେବଳ ନିଜକୁ ଅଯୋଗ୍ୟ ମନେ କରିବା ଓ ଯୋଗ ସାଧନା ଛାଡ଼ି ଦେବା ।' ଅବଶ୍ୟ ଯେତେବେଳେ ତୁମେ ଏଇ ଅବସ୍ଥାରେ ଆସି ପ୍ରବେଶ କର ଓ ଏଇ ଧରଣର ସ୍ଥିର ସଂକଳ୍ପ ନିଅ ସେତେବେଳେ ଯାହା କିଛି ତା'ର ଅନ୍ତରାୟ ସେସବୁ ଉପରକୁ ଉଠି ଆସେ – ଏହା ସର୍ବଦା ହିଁ ହୋଇଥାଏ । ଏଇ ଅବସ୍ଥାରେ ଯାହା କରିବାକୁ ହେବ ତାହା ହେଉଛି ଏହା ଯେ ଏହାଠାରୁ ଘୁଞ୍ଚି ଦୂରକୁ ଛିଡ଼ା ହେବ, ପ୍ରତ୍ୟକ୍ଷ କରିବ, ପରିବର୍ତ୍ତନ କରିବ ଏବଂ ଏସବୁ ଜିନିଷକୁ ଅଧିକାର କରିବାକୁ ନିଜକୁ ଦେଇ ଦେବ ନାହିଁ, ତୁମର ମୂଳ ସଂକଳ୍ପକୁ ଏସବୁଥିରୁ ଅଲଗା କରି ରଖିବ ଏବଂ ମା'ଙ୍କର ଶକ୍ତିକୁ ଆବାହନ କରିବ ସେମାନଙ୍କର ସାମନାସାମନି ହେବାକୁ । ଯଦି କେହି ଏସବୁ ସହ ଜଡ଼ିତ ହୋଇ ପଡ଼େ, ଯାହା ପ୍ରାୟ ହିଁ ହୋଇଥାଏ, ତେବେ ଯେତେ ଶୀଘ୍ର ସମ୍ଭବ ତା'ଠାରୁ ମୁକ୍ତ ହୋଇ ପୁଣି ଆଗକୁ ଚାଲିବାକୁ ଆରମ୍ଭ କରି ଦେବ । ଏହା ହିଁ ସମସ୍ତେ ଏବଂ ସବୁ ଯୋଗୀମାନେ କରି ଥାଆନ୍ତି । ସବୁକିଛି ଏକ ସଙ୍ଗେ ସବେଗରେ ସମ୍ପାଦନ କରି ନ ପାରିବା ହେତୁ ଅବସନ୍ନ ହୋଇଯିବା ହେଉଛି – ଯାହା ସତ୍ୟ ତା'ର ହିଁ ଠିକ୍ ବିପରୀତ ଭାବ । ପତନର ଅର୍ଥ ଏହା ନୁହେଁ ଯେ ସେ ଯୋଗ କରିବା ପାଇଁ ଅଯୋଗ୍ୟ କିଂବା ଦୀର୍ଘ ସମୟ ଧରି ବାଧାବିଘ୍ନ ରହିବା ଅର୍ଥ ଏହା ନୁହେଁ ଯେ ତା' ପକ୍ଷରେ ଯୋଗ କରିବା ଅସମ୍ଭବ ।

ପ୍ରକୃତ ଘଟଣା ଏଇ ଯେ ଅବସାଦଗ୍ରସ୍ତ ଅବସ୍ଥାରେ ଯେଉଁ ସାଧାରଣ କର୍ମ ଛାଡ଼ି ଦେବାକୁ ହୋଇଛି ତା'ର ଅର୍ଥ ଏହା ନୁହେଁ ଯେ ତୁମେ ସ୍ଥିରତା ଲାଭ କରି ନାହିଁ, ତା'ର ଅର୍ଥ କେବଳ ଏଇୟା ଯେ, ଯେଉଁ ସ୍ଥିରତା ତୁମେ ଲାଭ କରିଛ ତାହା ତୁମର ନିଜସ୍ୱ କର୍ମଦକ୍ଷତା ନୁହେଁ, ତାହା ନିର୍ଭର କରେ ମା'ଙ୍କ ସହ ତୁମର ସମ୍ପର୍କ ରଖିବା ଉପରେ – କାହିଁକି ନା ସେଇ ସ୍ଥିରତାର ପଶ୍ଚାତରେ ଏବଂ ଯାହା କିଛି ଉନ୍ନତି ତୁମେ କରିପାର ସେସବୁର ପଶ୍ଚାତରେ ମାଆଙ୍କର ଶକ୍ତି ହିଁ କାର୍ଯ୍ୟ କରେ । ଏଇ ଶକ୍ତି ଉପରେ ଆହୁରି ଅଧିକ ନିର୍ଭର କରିବାକୁ ଶିଖ, ଆହୁରି ସମ୍ପୂର୍ଣ୍ଣ ରୂପେ ନିଜକୁ ଖୋଲି ଧର, ଏବଂ ଏପରିକି ଯେଉଁ ଆଧ୍ୟାତ୍ମିକ ଉନ୍ନତି ତୁମେ ଚାହିଁବ ତାହା ବି ତୁମ ନିଜ ପାଇଁ ନୁହେଁ, ଭଗବାନଙ୍କ ନିମନ୍ତେ – ତା'ହେଲେ ଆହୁରି ସ୍ୱଚ୍ଛନ୍ଦରେ ଅଗ୍ରସର ହୋଇ ପାରିବ । ପୂର୍ଣ୍ଣ ଚୈତ୍ୟିକ ଉନ୍ମୀଳନକୁ ଆହ୍ୱାନ କରି ଆଣ ଏଇ ସ୍ଥୂଳ ଶାରୀର ବହିଶ୍ଚେତନା ମଧ୍ୟକୁ । ବର୍ତ୍ତମାନ ତୁମର ଏଇ ପ୍ରତିକୂଳ ଅଭିଜ୍ଞତାରୁ ହତାଶ ହେବା ଠିକ୍ ନୁହେଁ, ଏଇ ଶିକ୍ଷା ହିଁ ଲାଭ କରିବା ଉଚିତ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଗ୍ରହଣଶୀଳତା ସମ୍ପର୍କରେ

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପାଖୁଡ଼ା ବାରଟି ଶ୍ରେୟଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣଗୁଡ଼ିକ ମଧ୍ୟରୁ ଗ୍ରହଣଶୀଳତା (Receptivity) ଅନ୍ୟତମ । ଦିବ୍ୟଜନନୀ ଶ୍ରୀମା ଗ୍ଲାଡ଼ିଓଲସ୍ (gladiolus) ପୁଷ୍ପକୁ ଗ୍ରହଣଶୀଳତାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଅଭିହିତ କରିଛନ୍ତି । ସର୍ବଦା କିଛି ନା କିଛି ଶିଖିବା ଲାଗି ପ୍ରସ୍ତୁତ ହୋଇ ରହିଥିବା ଗୁଣଟିକୁ 'ଗ୍ରହଣଶୀଳତା' ବୋଲି କୁହାଯାଇପାରେ । ନିମ୍ନଲିଖିତ ଆଲୋଚନାଟିରେ ଗ୍ରହଣଶୀଳତା ସମ୍ପର୍କରେ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ଗ୍ରହଣଶୀଳତାର ଅର୍ଥ କ'ଣ ? ଏହାର କ'ଣ ସବୁ ବିଭାବ ବା ଦିଗ ଦିଗନ୍ତ ରହିଛି ? ଆମେ ଗ୍ରହଣଶୀଳତାକୁ କିପରି ବୃଦ୍ଧି କରିପାରିବା ? ଅନ୍ୟାନ୍ୟ ଶ୍ରେୟ ଗୁଣଗୁଡ଼ିକ ସହିତ ଏହା କିପରି ସମ୍ପର୍କିତ ? ଆସନ୍ତୁ ! ଏପରି କେତେକ ପ୍ରଶ୍ନର ଉତ୍ତର ଅନ୍ୱେଷଣ କରିବା ।

**ଗ୍ରହଣଶୀଳତାର ସଂଜ୍ଞା ନିରୂପଣ :**

ଦିବ୍ୟଜନନୀ ଶ୍ରୀମା କହନ୍ତି :

"Receptivity is the capacity of admitting and retaining the Divine Workings."

(CWM, Vol. 14, P. 146)

ଅର୍ଥାତ୍, ''ଦିବ୍ୟ ପ୍ରଭାବକୁ ସ୍ୱୀକାର କରିବା ଓ ତାହାକୁ ଧାରଣ କରି ପାରିବାର ସାମର୍ଥ୍ୟକୁ ଗ୍ରହଣଶୀଳତା କୁହାଯାଏ ।''

ଦିବ୍ୟ ପ୍ରଭାବଗୁଡ଼ିକ ହେଲା – ଦିବ୍ୟ ଶାନ୍ତି, ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ, ଦିବ୍ୟ ଶକ୍ତି ଇତ୍ୟାଦି । ଉପରୋକ୍ତ ବାଣୀଟିରେ ଦୁଇଟି ଗତିବୃତ୍ତି ସମ୍ପର୍କରେ କୁହାଯାଇଛି : ପ୍ରଥମଟି ହେଲା ଦିବ୍ୟ ପ୍ରଭାବଗୁଡ଼ିକୁ ସ୍ୱୀକାର କରିବା ଓ ଦ୍ୱିତୀୟ ଗତିବୃତ୍ତି ହେଲା ତାକୁ ଧରି ରଖିବା । ଆମ ଆଧାରରେ ବିରଳ ଅମୂଲ୍ୟ ଦିବ୍ୟ ବିଧାନଗୁଡ଼ିକ କାର୍ଯ୍ୟ କରିବା ଲାଗି ଅନୁମତି ଦେବାକୁ ହୁଏ । ତାହାକୁ ଚାହିଁବାକୁ ହୁଏ । ସେଗୁଡ଼ିକ ଲାଗି ଅଭୀପ୍ସା କରିବାକୁ ହୁଏ । ତତ୍ପରେ ଆଧାରରେ ସେଗୁଡ଼ିକୁ ଯତ୍ନର ସହ ସାଇତି ରଖିବାକୁ ହୁଏ । ବାସ୍ତବ ଜୀବନରେ ସେସବୁକୁ ପ୍ରୟୋଗ କରିବାକୁ ହୁଏ । ଅଭ୍ୟାସ କରିବାକୁ ହୁଏ ।

ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

"Receptivity – the power to receive the Divine Force and to feel its presence and the presence of the Mother in it and allow it to work, guiding one's sight and will and action."

(SABCL, Vol. 29, P. 266)

''ଗ୍ରହଣଶୀଳତା ହେଉଛି ଦିବ୍ୟଶକ୍ତିକୁ ଗ୍ରହଣ କରିବାର କ୍ଷମତା ଓ ତାହାର ଉପସ୍ଥିତିକୁ ଅନୁଭବ କରିବା ଏବଂ ଏଥିରେ ମା'ଙ୍କ ଉପସ୍ଥିତିକୁ ଅନୁଭବ କରିବା ଓ ତାହାକୁ କ୍ରିୟାଶୀଳ ହେବାକୁ ଦେବା ଯାହା ଆମର ଦୃଷ୍ଟି ଓ ସଂକଳ୍ପ ଏବଂ କାର୍ଯ୍ୟକୁ ମାର୍ଗଦର୍ଶନ କରୁଥିବ ।''

ଦିବ୍ୟଜନନୀ ଶ୍ରୀମା କହନ୍ତି :

"My love is always with you; if then you do not feel it, it is because you are not capable of receiving it. It is your receptivity that is lacking and should be increased; for this you must open yourself, and one opens oneself only if one *gives oneself*. Surely you are trying more or less consciously to draw the forces and the divine love towards you. The method is bad. Give yourself without calculating and without expecting anything in return, and then you will become capable of receiving."

(CWM, Vol. 14, P. 148)

ଏହାର ଭାବାନୁବାଦ ହେଲା – ''ମୋ ଶ୍ରଦ୍ଧା ସର୍ବଦା ତୁମ ସହ ରହିଛି; ତୁମେ ଯଦି ସେ କଥାଟିକୁ ଅନୁଭବ କରିପାରୁ ନାହଁ, ତା'ର କାରଣ ହେଉଛି ଯେ ତାହାକୁ ଗ୍ରହଣ କରିବା ଲାଗି ତୁମେ ପ୍ରକୃତରେ ସମର୍ଥ ହୋଇପାରୁ ନାହଁ । ତୁମଠାରେ ଗ୍ରହଣଶୀଳତାର ଅଭାବ ରହିଛି, ସେଥିରେ ବୃଦ୍ଧି ସାଧନ କରିବାକୁ

ହେବ; ଏଥିଲାଗି ତୁମେ ନିଜକୁ ଉନ୍ମୁକ୍ତ କରି ରଖିବାକୁ ହେବ; ଏବଂ ଆପଣାକୁ ଦେଇ ପାରିଲେ ଯାଇ ଆପଣାକୁ ଉନ୍ମୁକ୍ତ କରି ଦେବା ସମ୍ଭବ ହେବ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ତୁମେ ଅଳ୍ପ ବା ବହୁତ ସଚେତନ ଭାବରେ ଶକ୍ତିଗୁଡ଼ିକୁ ଏବଂ ଦିବ୍ୟ ପ୍ରେମକୁ ତୁମ ନିଜ ଆଡ଼କୁ ଆକର୍ଷଣ କରିବା ଲାଗି ଚେଷ୍ଟା କରୁଛ । ଏହା ଭୁଲ୍ ପଦ୍ଧତି ଅଟେ । କୌଣସି ହିସାବ ବା ଗଣନା ନ କରି ଓ ପ୍ରତିବଦଳରେ କୌଣସି ପ୍ରତ୍ୟାଶା ନ ରଖି ତୁମକୁ ନିଜକୁ ଦେଇ ଦେବାକୁ ହେବ ଏବଂ ତେବେ ଯାଇ ତୁମେ ଗ୍ରହଣ କରିବାକୁ ସମର୍ଥ ହେବ ।''

ଦିବ୍ୟଜନନୀ ଶ୍ରୀମା ଉପରୋକ୍ତ ସ୍ପଷ୍ଟୀକରଣରେ କହୁଛନ୍ତି ଯେ ଗ୍ରହଣଶୀଳତା ନିମିତ୍ତ ଅନ୍ୟ ଦୁଇଟି ଦିବ୍ୟଗୁଣ ହାସଲ କରିବାକୁ ହେବ । ସେ ଦୁଇଟି ଦିବ୍ୟଗୁଣ ହେଲା – ଉନ୍ମୀଳନ (openness) ଓ ଆତ୍ମଦାନ (self-offering) । ମାଠିଆଟିଏ ତଳମୁହାଁ ହୋଇ ରହିଥିଲେ ସେଥିରେ ଜଳ ଭରିବା ସମ୍ଭବ ନୁହେଁ । ତା'ର ମୁହଁଟି ଊର୍ଦ୍ଧ୍ୱକୁ ଖୋଲା ରହିଥିବା ଆବଶ୍ୟକ । ତେବେ ଯାଇ ସେଥିରେ ଜଳ କିଂବା ଯେକୌଣସି ତରଳ ପଦାର୍ଥ ଭରି ହେବ । ଠିକ୍ ସେହିପରି ଦିବ୍ୟ ପ୍ରଭାବ ପ୍ରତି ଉନ୍ମୀଳିତ ହୋଇ ରହିବା ହେଉଛି ଗ୍ରହଣଶୀଳ ହେବା ଲାଗି ପୂର୍ବବର୍ତ୍ତୀ ସର୍ତ୍ତ (pre-condition) । ଜଣେ ଛାତ୍ର ଯେପରି ହାଇସ୍କୁଲ ପଢ଼ା ସମାପ୍ତ କରି ସାରିଲା ପରେ କଲେଜରେ ଯୋଗଦାନ କରି ଉଚ୍ଚଶିକ୍ଷା ପ୍ରାପ୍ତ କରିଥାଏ ଠିକ୍ ସେହିପରି ପ୍ରଥମେ ଆମେ ଦିବ୍ୟଗୁଣଗୁଡ଼ିକ ପ୍ରତି ଉନ୍ମୀଳିତ ହେବା, ତେବେ ଯାଇ ଗ୍ରହଣଶୀଳ ହୋଇ ପାରିବା ।

**ଉନ୍ମୀଳନମାନେ କ'ଣ ?**

ଏହାର ଉତ୍ତରରେ ଦିବ୍ୟଜନନୀ ଶ୍ରୀମା କହନ୍ତି :

"Openness is the will to receive and to utilise for progress the force and influence; the constant aspiration to remain in touch with the Consciousness; the faith that the force and consciousness are always with you, around you, inside you and that you have only to let nothing stand in the way of your receiving them. Opening is a release of the consciousness by which it begins to admit into itself the workings of the Divine Light and Power." (CWM, Vol. 14, P. 144)

ଏହାର ଭାବାନୁବାଦ ଏହିପରି – ''ଉନ୍ମୀଳନ କହିଲେ ଗ୍ରହଣ କରିବାର ଉତ୍ସୁକତାକୁ ବୁଝାଇବ ଏବଂ ଦିବ୍ୟ ଶକ୍ତି ତଥା ପ୍ରଭାବଟିକୁ ନିଜର ଅଗ୍ରଗତି ଲାଗି କାର୍ଯ୍ୟରେ ଲଗାଇବାକୁ ବୁଝାଇବ । ପରମ ଚେତନା ସହିତ ସଂସ୍ପର୍ଶରେ ରହିପାରିବା ଲାଗି ସତତ ଏକ ଅଭୀପ୍ସା ରହିଥିବ; ସେହି ଶକ୍ତି ଓ ସେହି ଚେତନା ଯେ ସତତ ତୁମ ସହ ରହିଛି, ତୁମର ଚତୁର୍ଦ୍ଦିଗରେ ଏବଂ ତୁମରି ଭିତରେ ରହିଛି ଏବଂ ତାକୁ ଗ୍ରହଣ କରିବାର ପଥରେ ଆଦୌ କୌଣସି ବାଧାକୁ ଛିଡ଼ା ହୋଇ ରହିବାକୁ ନ ଦେବା ହିଁ ତୁମର ଏକମାତ୍ର କର୍ତ୍ତବ୍ୟ, ତୁମଠାରେ ସେହିପରି ଏକ ବିଶ୍ୱାସ ରହିଥିବ । ଉନ୍ମୁକ୍ତତା କହିଲେ ଆମେ ଚେତନାର ଏପରି ଏକ ଉନ୍ମୋଚନକୁ ବୁଝିବା ଯାହା ଦ୍ୱାରା କି ତାହା ନିଜ ମଧ୍ୟକୁ ଦିବ୍ୟ ପରମ ଆଲୋକ ଓ ଦିବ୍ୟ ପରମ ଶକ୍ତିମତ୍ତାର ଯାବତୀୟ କାର୍ଯ୍ୟକାରିତାକୁ ପ୍ରବିଷ୍ଟ କରାଇ ଆଣିବାକୁ ଆରମ୍ଭ କରିବ ।''

ଏଥିରୁ ସ୍ପଷ୍ଟ ହୁଏ ଯେ ଉନ୍ମୁକ୍ତତା ଓ ଗ୍ରହଣଶୀଳତା ପରସ୍ପର ଘନିଷ୍ଠ ଭାବେ ସଂଶ୍ଲିଷ୍ଟ । ତତ୍ପରେ ଦିବ୍ୟଜନନୀ କହନ୍ତି :

"The opening to the Divine Light cannot be made through coercion."

(CWM, Vol. 14, P. 144)

''ବାଧ କରି କାହାକୁ କଦାପି ସେହି ଦିବ୍ୟ ଆଲୋକ ପ୍ରତି ଉନ୍ମୁକ୍ତ କରାଯାଇ ପାରିବ ନାହିଁ ।''

ବଳ ପ୍ରୟୋଗ ବା ଦମନ କରି କାହାରିକୁ ଦିବ୍ୟ ଆଲୋକ ପ୍ରତି ଉନ୍ମୁକ୍ତ କରାଯାଇ ନ ପାରେ । ଭଲପାଉ ନଥିବା ବ୍ୟକ୍ତିକୁ ଭଲପାଇବା ଲାଗି ବାଧ କଲେ କ'ଣ ସୁଫଳ ମିଳେ ? ସେହିପରି ଦିବ୍ୟ ଶକ୍ତି ଓ ଦିବ୍ୟ ଆଲୋକକୁ ନିଜ ଆଡ଼କୁ ଟାଣି ଆଣିବା ବା ଆକର୍ଷଣ କରିବା ଆଦୌ ବାଞ୍ଛନୀୟ ନୁହେଁ ।

ପୂର୍ବବର୍ତ୍ତୀ ବାଣୀଟିରେ ଦିବ୍ୟଜନନୀ ଶ୍ରୀମା ଗ୍ରହଣଶୀଳ ହେବା ଲାଗି ଆତ୍ମ-ଦାନ (self-giving)ର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଛନ୍ତି । ଜଣେ ଯେତେ ଅଧିକ ପୂର୍ଣ୍ଣ ରୂପେ ନିଜକୁ ସମର୍ପିତ କରି ଦେଇପାରେ, ସେ ସେତେ ଅଧିକ ଗ୍ରହଣଶୀଳ ହୋଇ ପାରିବ । ପୂର୍ଣ୍ଣ ରୂପେ ତଥା ସାମଗ୍ରିକ ଭାବେ ଗ୍ରହଣଶୀଳ ହେବାକୁ ହେଲେ ଆଧାରଟିକୁ ଅର୍ଥାତ୍ ତତ୍‌ସଙ୍ଗେ ଜଡ଼ିତ ଥିବା ଚେତନାକୁ ପ୍ରଶସ୍ତ, ବ୍ୟାପକ, ସମ୍ପ୍ରସାରିତ କରିବାକୁ

ହେବ । ମାଠିଆଟିର ଆକାର ଯେତେ ବଡ଼ ହେବ ସେତେ ଅଧିକ ଜଳ ବା ତରଳ ପଦାର୍ଥ ସେ ଧରିରଖି ପାରିବ । ସେଥିପାଇଁ ଶ୍ରୀମା କହନ୍ତି : ''ଯୋଗ ସାଧନା କରିବା ଲାଗି ତୁମକୁ ଏହି ପୃଥିବୀ ପରି ବ୍ୟାପକ ଓ ସମଗ୍ର ହେବାକୁ ପଡ଼ିବ । ସେଥିପାଇଁ ବିଶ୍ୱବ୍ରହ୍ମାଣ୍ଡର ଶେଷ ସୀମା ପର୍ଯ୍ୟନ୍ତ ତୁମେ ନିଜକୁ ପ୍ରଶସ୍ତ କରି ରଖିବ... ଏବଂ ସେହି ସୀମାର ପରପାରକୁ ମଧ ନିଜକୁ ପ୍ରସାରିତ କରି ପାରୁଥିବ ।

ଯଦି ମାଠିଆଟିରେ କୌଣସି ଛିଦ୍ର ଥାଏ ତେବେ ଜଳ କ୍ରମାଗତ ବୋହିଯିବ ଓ କାଳକ୍ରମେ ପାତ୍ରଟି ଶୂନ୍ୟ ହୋଇଯିବ । ଠିକ୍ ସେହିପରି ଆଧାରଟି ଯାବତୀୟ ଅଶୁଦ୍ଧି ଓ କଳୁଷମୁକ୍ତ ହେଲେ ହିଁ ବିରଳ ଦିବ୍ୟଗୁଣଗୁଡ଼ିକୁ ଧରି ରଖିପାରିବ ।

ମାଠିଆଟି ଊର୍ଦ୍ଧ୍ୱମୁଖୀ ହୋଇଥିବ, ପ୍ରଶସ୍ତ ବା ବଡ଼ ହୋଇଥିବ ଓ ଛିଦ୍ରମୁକ୍ତ ହୋଇଥିବ, ତେବେ ଯାଇ ତାହା ଏକ ଉପଯୁକ୍ତ ଜଳାଧାର ହୋଇପାରିବ । ଠିକ୍ ସେହିପରି ସାଧକର ସତ୍ତାଟି ଉନ୍ମୁକ୍ତ, ପ୍ରସାରିତ ଓ ଶୁଦ୍ଧ ହୋଇଥିଲେ ଦିବ୍ୟ ଶକ୍ତି, ଦିବ୍ୟ ପ୍ରେମ, ଦିବ୍ୟ ଆଲୋକ, ଦିବ୍ୟ ଆନନ୍ଦାଦି ଅମୂଲ୍ୟ ବିରଳ ଦିବ୍ୟଗୁଣଗୁଡ଼ିକୁ ଗ୍ରହଣ କରିପାରିବ । ଉନ୍ମୀଳନ, ଆତ୍ମଦାନ ଓ ଧାରଣ-ସାମର୍ଥ୍ୟ – ଏହି ତିନୋଟି ଗୁଣ ଗ୍ରହଣଶୀଳତାକୁ ପରପୁଷ୍ଟ କରନ୍ତି ।

**ଗ୍ରହଣଶୀଳତାକୁ ଆମେ କିପରି ବୃଦ୍ଧି କରିପାରିବା ?**

ସର୍ବପ୍ରଥମେ ଆମେ ଆମ ମନକୁ ଶାନ୍ତ, ସ୍ଥିର, ଅବିଚଳ, ଏକାଗ୍ର ଓ ନିରବ ରଖିବାକୁ ହେବ । ଶାନ୍ତି, ନିରବତା, ଏକାଗ୍ରତା ଯେତେ ଯେତେ ବୃଦ୍ଧି ପାଉଥିବ ଗ୍ରହଣଶୀଳତା ସେହି ଅନୁପାତରେ ବଢ଼ି ଚାଲିଥିବ । ଫଳରେ ଦିବ୍ୟକର୍ମରେ ଯିଏ ଯେତେ ଅଧିକ ଲିପ୍ତ ରହିପାରେ, ସେ ସେତେ ଅଧିକ ଗ୍ରହଣଶୀଳ ହୋଇପାରେ । ଏକଦା ଶ୍ରୀମାଙ୍କୁ ପ୍ରଶ୍ନ ପଚରା ଯାଇଥିଲା – ଆମେ ଗ୍ରହଣଶୀଳ ବୋଲି ନିଜେ କିପରି ଜାଣିପାରିବୁ ।

ଦିବ୍ୟଜନନୀଙ୍କର ଉତ୍ତର ଥିଲା :

"To be receptive is to feel the urge to give and the joy of giving to the Divine's Work all one has, all one is, all one does."

(CWM, Vol. 14, P. 148)

''ଗ୍ରହଣଶୀଳ ହେବାର ଅର୍ଥ ହେଉଛି ଆମ ପାଖରେ ଯାହାକିଛି ଅଛି, ଆମେ କହିଲେ ଯାହାକିଛି ବୁଝାଏ ଓ ଆମେ ଯାହାକିଛି କାର୍ଯ୍ୟ କରୁଛୁ, ଦିବ୍ୟ ପରମସତ୍ତାଙ୍କ କାର୍ଯ୍ୟ ଲାଗି ସେସବୁ ଦେଇ ଦେବା ପାଇଁ ଏକ ପ୍ରବଳ ଆକାଂକ୍ଷା ଅନୁଭବ କରିବା, ତେବେ ଆମେ ନିଶ୍ଚିତ ହୋଇପାରିବା ଯେ ଆମେ ଗ୍ରହଣଶୀଳ ହୋଇପାରିଛୁ ।'' ଯିଏ ପ୍ରତ୍ୟାଶା ନ ରଖି ବିନା ସର୍ତ୍ତରେ ଦେଇପାରେ ସେ ସୁଖୀ ହୁଏ । ଯିଏ ସର୍ବଦା ନିଏ, ନିଜ ପାଇଁ ଓ ଭବିଷ୍ୟତ୍ ପାଇଁ କେବଳ ସଂଗ୍ରହ କରୁଥାଏ, ସେ ଅସୁଖୀ ହୁଏ । ସେ ଗ୍ରହଣଶୀଳ ହୋଇପାରେ ନାହିଁ ।

ଯଦି ଆମର ଚେତନା ପ୍ରଶସ୍ତତର ହେବା ସଙ୍ଗେ ସଙ୍ଗେ ଆମର ଅଭୀପ୍ସା ଏକାଗ୍ର ହୋଇ ଆସୁଥିବ, ତେବେ ଆମର ଗ୍ରହଣଶୀଳତା ବୃଦ୍ଧି ପାଇବାରେ ଲାଗିଥିବ ।

ପୁନର୍ବାର ନୂତନ ରୂପେ ପୂର୍ଣ୍ଣ ହୋଇ ଉଠିବାକୁ ହେଲେ ପାତ୍ରଟିକୁ ବେଳେ ବେଳେ ଖାଲି କରି ଦେବାକୁ ପଡ଼େ । ଶୂନ୍ୟାବସ୍ଥା (Emptyness) ଗ୍ରହଣଶୀଳ ହେବା ଲାଗି ସହାୟକ ହୋଇଥାଏ ।

"By revolt the doors of receptivity are closed."

''ବିଦ୍ରୋହ କରିବା ଦ୍ୱାରା ଗ୍ରହଣଶୀଳତାର ଦ୍ୱାରଗୁଡ଼ିକ ବନ୍ଦ ହୋଇଥାଏ ।''

ଦିବ୍ୟଜନନୀ କହନ୍ତି :

"Try to be satisfied with what you receive – for it is a matter of *receptivity*, because – you can believe me – *I give always much more* than what the people are capable of receiving – and in two or three minutes they could have quite enough to go for a whole month. But the mind interferes with its ignorant demands and the whole thing is spoiled."

(CWM, Vol. 14, P. 147)

ଅର୍ଥାତ୍, ''ତୁମକୁ ଯେତିକି ପ୍ରାପ୍ତ ହେଉଛି ତୁମେ ସେତିକିରେ ସନ୍ତୁଷ୍ଟ ରହିବାକୁ ଚେଷ୍ଟା କର – କାରଣ ଏହା ହେଉଛି ଗ୍ରହଣଶୀଳତାର ହିଁ ଗୋଟିଏ ବ୍ୟାପାର; କାରଣ – ତୁମେ ମୋତେ ବିଶ୍ୱାସ କର, – ଲୋକେ ଯେତିକି ଗ୍ରହଣ କରିବାକୁ ସମର୍ଥ ହୋଇ ରହିଥା'ନ୍ତି ମୁଁ ସର୍ବଦା ସେମାନଙ୍କୁ ତାହାଠାରୁ ଅନେକ ଅଧିକ ହିଁ ଦେଇଥାଏ – ଏବଂ ହୁଏତ ଦୁଇ, ତିନି ମିନିଟ ଭିତରେ ସେମାନଙ୍କୁ ପୂରା ଗୋଟିଏ ମାସ

ଯିବା ଭଳି ଯଥେଷ୍ଟ ଦ୍ରବ୍ୟ ମିଳିଯାଇ ପାରନ୍ତା । ମାତ୍ର ସେଇ କ୍ଷେତ୍ରରେ ମନଟା ଆଗକୁ ବାହାରି ଆସି ଅଜ୍ଞାନ ପରବଶ ହୋଇ କେତେ କ'ଣ ଦାବି କରି ମଝିରେ ଠିଆ ହେବାକୁ ଆସେ ଏବଂ ତଦ୍ୱାରା ସମସ୍ତ ବିଷୟଟି ନଷ୍ଟ ହୋଇଯାଏ ।''

ସ୍ୱାର୍ଥପର ଓ ନିଜ ମଧ୍ୟରେ ନିଜକୁ ସଙ୍କୁଚିତ କରି ରଖିଥିବା ବ୍ୟକ୍ତି ବିଶେଷ ଗ୍ରହଣଶୀଳ ହୋଇପାରେ ନାହିଁ । ଗ୍ରହଣଶୀଳ ହେବା ଲାଗି ଆବଶ୍ୟକ ଏକ ପ୍ରଶସ୍ତ, ଉଦାର, ସହାନୁଭୂତିସମ୍ପନ୍ନ ହୃଦୟ । ଏ ସଂକ୍ରାନ୍ତରେ କାହାଣୀଟିଏ ଉପସ୍ଥାପନ କରାଯାଉ ।

ଏକଦା ଜଣେ ନିଃସନ୍ତାନ ମହିଳା ଜଣେ ଖ୍ୟାତନାମା ସାଧୁଙ୍କ ନିକଟକୁ ନିଜର ସମସ୍ୟାଟି ଜଣାଇବା ଲାଗି ଗଲେ । ଲୋକାରଣ୍ୟ ଯୋଗୁଁ ତାଙ୍କୁ କିଛି ସମୟ ଧାଡ଼ିରେ ଠିଆ ହୋଇ ଅପେକ୍ଷା କରିବାକୁ ହେଲା । ତାଙ୍କର ଯେତେବେଳେ ପାଳି ପଡ଼ିଲା ସେ ସାଧୁଙ୍କ ନିକଟକୁ ଯାଇ ନିଃସନ୍ତାନଜନିତ ନିଜର ଦୁଃଖକୁ ଜଣାଇଲେ । ସାଧୁ ଧୈର୍ଯ୍ୟ ଓ ସହାନୁଭୂତିର ସହ ସବୁକଥା ଶୁଣିଲେ ଓ ତାଙ୍କ ହାତରେ ଗୋଟିଏ ପୁଡ଼ିଆ ଦେଇ ଅନତି ଦୂରରେ ଥିବା ଗଛ ମୂଳରେ କିଛି ସମୟ ଅପେକ୍ଷା କରିବାକୁ କହିଲେ । ମହିଳା ଜଣକ ସେହି ଗଛକୁ ଘେରି ରହିଥିବା ମଣ୍ଡପ ବା ଚଉପାଢ଼ି ଉପରେ କିଛି ସମୟ ବସିବା ପରେ ସାଧୁ ଦେଇଥିବା ପୁଡ଼ିଆଟି ଉପରେ ତାଙ୍କର ନଜର ପଡ଼ିଲା । ଭାବିନେଲେ, ବୋଧହୁଏ ପୁଡ଼ିଆଟି ଭିତରେ ଆଶୀର୍ବାଦ ପୁଷ୍ପ ବା ପ୍ରସାଦ କିଛି ଥାଇପାରେ । ତେଣୁ ପୁଡ଼ିଆଟିକୁ ସନ୍ତର୍ପଣରେ ଖୋଲି ଦେଖିଲେ ଯେ ସେଥିରେ ପୁଳାଏ ଲୋଭନୀୟ ବାଦାମ ରହିଛି । ଏହା ହିଁ ସାଧୁଙ୍କର ପ୍ରସାଦ ବୋଲି ମନେ କରି ସେଥିରୁ ଗୋଟିଏ ଗୋଟିଏ ଚୋବାଇବାକୁ ଆରମ୍ଭ କଲେ । ନିକଟରେ ଦୌଡ଼ାଦୌଡ଼ି କରି ଖେଳୁଥିବା କେତେଜଣ ଶିଶୁ ଏସବୁ ଲକ୍ଷ୍ୟ କରି ତାଙ୍କ ନିକଟକୁ ଦୌଡ଼ି ଆସି ତାଙ୍କୁ ଘେରିଗଲେ ଓ ସେମାନଙ୍କୁ କିଛି ବାଦାମ ଦେବା ଲାଗି ଅଳି କଲେ । ମହିଳା ଜଣକ ମୁହଁ ବୁଲାଇ ଦେଇ ଶୀଘ୍ର ଶୀଘ୍ର ବାଦାମଗୁଡ଼ାକ ଚୋବାଇ ସେଗୁଡ଼ିକୁ ସାରିଦେବା ଲାଗି ବ୍ୟଗ୍ର ହୋଇ ପଡ଼ିଲେ । ଶିଶୁମାନେ ପୁଣି ତାଙ୍କୁ ଘେରିଯାଇ ଅଳି କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ସେମାନଙ୍କୁ ତଡ଼ିଦେଲେ । ସାଧୁ ଦୂରରୁ ସବୁକିଛି ଲକ୍ଷ୍ୟ କରୁଥିଲେ । ଲୋକ ଗହଳି କମିଗଲା ପରେ ସାଧୁ ସେହି ମହିଳାଙ୍କୁ ପାଖକୁ ଡାକିନେଇ କହିଲେ : ''ତୁମେ ସନ୍ତାନଟିଏ ଆଶା କରୁଛ । ବନ୍ଧ୍ୟା ଦୋଷରୁ ମୁକ୍ତ ହେବା ଲାଗି ଇଚ୍ଛା କରୁଛ । ମାତୃତ୍ୱର ସମ୍ମାନ ପାଇବା ଲାଗି ତୁମେ ଲାଳାୟିତା, ଅଥଚ ତୁମ ହୃଦୟରେ ଶିଶୁମାନଙ୍କ ଲାଗି ତିଳେମାତ୍ର ସ୍ନେହ, ସମ୍ବେଦନା ନାହିଁ, ମମତା ନାହିଁ । ଏପରି ସଂକୀର୍ଣ୍ଣ, ସଙ୍କୁଚିତ ଚେତନା ମୋର ଆଶୀର୍ବାଦ ଗ୍ରହଣ କରିବା ଲାଗି ଅସମର୍ଥ । ତୁମକୁ ସାରା ଜୀବନ ବନ୍ଧ୍ୟା ହୋଇ ହିଁ ରହିବାକୁ ହେବ ।'' ତେଣୁ ଜୀବନରେ କିଛି ହାସଲ କରିବାକୁ ହେଲେ ନିଜକୁ ଉଦାର ଓ ଗ୍ରହଣଶୀଳ କରିବାକୁ ହେବ ।

ଚେତନାଟି ସାଗର ବା ଆକାଶ ପରି ବ୍ୟାପକ ଓ ପ୍ରଶସ୍ତ ନ ହେଲେ; ମନ, ପ୍ରାଣ ଓ ଶରୀର ପବିତ୍ର ଗଙ୍ଗା ଜଳ ପରି ସ୍ୱଚ୍ଛ, ନିର୍ମଳ, ଶୁଦ୍ଧ ନ ହେଲେ, ହୃଦୟଟି ଉଦାର ନ ହେଲେ ଦିବ୍ୟକୃପା ବା ଭଗବତ୍ ଆଶୀର୍ବାଦକୁ ଗ୍ରହଣ କରି ହୁଏ ନାହିଁ ।

ବିଗତ ପାଞ୍ଚ ଦଶନ୍ଧିରେ ଆମେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବାଣୀ, ସନ୍ଦେଶ, ନିର୍ଦ୍ଦେଶ ଓ ଉପଦେଶ ପଢ଼ି ଆସିଛୁ । ପାଠଚକ୍ର, ଶିବିର, ସମ୍ମିଳନୀମାନଙ୍କରେ ଅନେକ ଥର ଦୁର୍ଗାସ୍ତୋତ୍ର, 'ମା' ବହି, ଲୋକସାହିତ୍ୟ ଗ୍ରନ୍ଥମାଳା, ଗୀତା ନିବନ୍ଧମାଳା, ଯୋଗ ସମନ୍ୱୟ ଇତ୍ୟାଦି ଗ୍ରନ୍ଥ ବାରଂବାର ପଢ଼ିଛୁ, ତର୍ଜମା କରିଛୁ, ବ୍ୟାଖ୍ୟାକାରମାନଙ୍କଠାରୁ ଶୁଣିଛୁ । କିନ୍ତୁ ଏତଦ୍ ଦ୍ୱାରା ଆମେ କେତେଦୂର ପ୍ରଭାବିତ ହୋଇଛୁ, ସେସବୁ ଅମୃତ ତୁଲ୍ୟ ତତ୍ତ୍ୱଗୁଡ଼ିକୁ ଗ୍ରହଣ କରି ଜୀବନକୁ ତଦନୁଯାୟୀ ପରିଚାଳିତ କରିଛୁ ? ଏ ସଂକ୍ରାନ୍ତରେ ଗୋଟିଏ ବାସ୍ତବ ଘଟଣା ମନେ ପଡ଼େ ।

ବହୁଦିନ ତଳର କଥା । ବଙ୍ଗଦେଶରେ ଜଣେ ଧନୀମାନୀ ଜମିଦାର ଥିଲେ । ଐଶ୍ୱର୍ଯ୍ୟମୟ ଭୋଗବିଳାସରେ ତାଙ୍କର ଜୀବନଟି ଅତିବାହିତ ହେଉଥାଏ । ପ୍ରତିଦିନ ସନ୍ଧ୍ୟାରେ ତାଙ୍କର ଉପର ମହଲା ଅଗଣାରେ ବନ୍ଧୁ ମିଳନର ଆୟୋଜନ ହୁଏ । ଧନସମ୍ପତ୍ତି ଯେଉଁଠି, ବନ୍ଧୁମାନଙ୍କ ଗହଳି ସେଇଠି । ଉକ୍ତ ଆସର ଅବସରରେ ଖାଦ୍ୟପାନୀୟର ପରିବେଷଣ ସହ ତାସ୍ ଖେଳ ହୁଏ । ସମୟେ ସମୟେ ସଙ୍ଗୀତଜ୍ଞମାନେ ସଙ୍ଗୀତ ପରିବେଷଣ କରିଥା'ନ୍ତି, ନୃତ୍ୟାଙ୍ଗନାମାନଙ୍କ ଦ୍ୱାରା ନୃତ୍ୟାଭିନୟର ଆୟୋଜନ ମଧ୍ୟ କରାଯାଇଥାଏ । ପ୍ରତିଦିନ ପ୍ରାତଃକାଳରେ ଜଣେ କେଉଟୁଣୀ ସେଦିନ ସଂଗ୍ରହ କରିଥିବା ସର୍ବୋତ୍ତମ ମାଛଗୁଡ଼ିକୁ ଆଣି ପ୍ରଥମେ ଜମିଦାରଙ୍କ ଘରେ ପଇଠ କଲାପରେ ବ୍ୟବସାୟ କରିବା ଲାଗି ହାଟକୁ ଯାଏ । ସନ୍ଧ୍ୟାରେ ହାଟରୁ ଫେରିବା ଅବସରରେ ଜମିଦାରଙ୍କ ଘରକୁ ଫେରିଥାଏ । ଜମିଦାରଙ୍କ ଦପ୍ତରରେ କାର୍ଯ୍ୟରତ ବୃଦ୍ଧ ମୋହରିରଙ୍କଠାରୁ ମାଛ ବାବଦର ତା'ର ପାଉଣା ଆଦାୟ କରିନିଏ । ଦିନେ ସନ୍ଧ୍ୟାରେ ଜମିଦାରଙ୍କ ଉପର ଘର

ଅଗଣାରେ ସବୁଦିନ ପରି ସନ୍ଧ୍ୟା ଆସର ଆରମ୍ଭ ହୋଇ ନ ଥାଏ । ବନ୍ଧୁମାନଙ୍କ ଆଗମନକୁ ଜମିଦାର ଅପେକ୍ଷା କରି ବସିଥା'ନ୍ତି । ସେତିକିବେଳେ ମତ୍ସ୍ୟ ବ୍ୟବସାୟୀ ସେହି କେଉଟୁଣୀ ଜଣକ ତଳ ମହଲା ଦପ୍ତର ସାମନାରେ ଠିଆ ହୋଇ ଉଚ୍ଚ ସ୍ୱରରେ କହିଲା : ''ବାବୁ ! ଶୀଘ୍ର ଆଜିର ପାଉଣା ଦେଇଦିଅ, ବେଳ ହୋଇ ଗଲାଣି !'' ବାସ୍ ! ''ବେଳ ହେଲାଣି''— ଏହି ପଦକ କଥା ଜମିଦାରଙ୍କ କର୍ଣ୍ଣ କୁହରରେ ପ୍ରତିଧ୍ୱନିତ ହେଉଥାଏ । ସେ ଚମକି ଉଠିଲେ । ବେଳ ହେଲାଣି, ଆଉ କେତେବେଳେ ! ତତ୍‌କ୍ଷଣାତ୍ ଜମିଦାରଙ୍କ ମନରେ ଏହି ଭୋଗବିଳାସମୟ ଜୀବନ ପ୍ରତି ବିତୃଷ୍ଣା ଜାଗ୍ରତ୍ ହେଲା । ଜୀବନର ଲକ୍ଷ୍ୟ କ'ଣ ? କ'ଣ ପାଇଁ ମଣିଷ ସଂସାରକୁ ଆସିଛି ? ଆଉ କେତେ ଦିନ ପାଇଁ ଏ ଅଳୀକ ଜୀବନ ? ଏ ସମ୍ପତ୍ତି ! ବିଶ୍ୱସ୍ତ ମୋହରିରଙ୍କୁ ସବୁକିଛି ଅବଗତ କରି ଦେଇ ସେଦିନ ରାତ୍ରିରେ ହିଁ ସେ ନିକଟସ୍ଥ ଗଙ୍ଗାନଦୀ କୂଳରେ ଥିବା ଜଣେ ସାଧୁଙ୍କ ଆଶ୍ରମକୁ ଚାଲିଗଲେ ଚିରଦିନ ଲାଗି । ଆଶ୍ରମର ମହାପୁରୁଷ ସାଧୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ସାଧନାର ପଥ ଗ୍ରହଣ କଲେ । ଏହା ଥିଲା ଯଥାର୍ଥ ଗ୍ରହଣଶୀଳତାର ପ୍ରଭାବ । ପଦେ କଥାରେ ସବୁ ବଦଳିଯାଏ । ଦିବ୍ୟଭାବନା ହୃଦୟକୁ ଭେଦିଯାଏ । ସବୁ ଓଲଟପାଲଟ ହୋଇଯାଏ । ଦିବ୍ୟଜନନୀ କହନ୍ତି :

"Receptivity: conscious of the Divine Will and surrendered to it."

(CWM, Vol. 14, P. 146)

''ଗ୍ରହଣଶୀଳତା : ଦିବ୍ୟ ସଂକଳ୍ପ ସମ୍ପର୍କରେ ସଚେତନ ହେବା ଓ ତାହା ନିକଟରେ ସମର୍ପିତ ହେବା ।''

ଦିବ୍ୟଜନନୀ ଶ୍ରୀମା ବିଭିନ୍ନ ସ୍ତରର ଗ୍ରହଣଶୀଳତା ସମ୍ପର୍କରେ କହିଛନ୍ତି, ଯଥା :

(1) Physical receptivity: that which one should not have except towards the Divine.

ଶାରୀରିକ ଗ୍ରହଣଶୀଳତା : ଏହି ଗ୍ରହଣଶୀଳତା କେବଳ ଦିବ୍ୟ ପରମସତ୍ତାଙ୍କ ଲାଗି ରହିଥାଏ, ଅନ୍ୟଥା ଆଦୌ ନୁହେଁ ।

(2) Mental receptivity: always ready to learn.

ମାନସିକ ଗ୍ରହଣଶୀଳତା : ସର୍ବଦା ଶିକ୍ଷା କରିବା ପାଇଁ ପ୍ରସ୍ତୁତ ହୋଇ ରହିଥାଏ ।

(3) Vital receptivity happens only when the vital understands that it must be transformed.

ପ୍ରାଣିକ ଗ୍ରହଣଶୀଳତା : ଯେତେବେଳେ ପ୍ରାଣସତ୍ତା ବୁଝିପାରେ ଯେ ତାହାର ରୂପାନ୍ତର ହେବା ଅବଶ୍ୟ ଆବଶ୍ୟକ । ସେତେବେଳେ ଏହା ଘଟିଥାଏ ।

(4) Emotional receptivity: emotions wanting to be divinised.

ସଂବେଗଗତ ଗ୍ରହଣଶୀଳତା : ଆମର ସଂବେଗଗୁଡ଼ିକ ଦିବ୍ୟଭାବର ସ୍ତରକୁ ଉନ୍ନୀତ ହେବା ଲାଗି ଇଚ୍ଛୁକ ହୋଇ ରହିଥିବେ ।

(5) Psychic receptivity: the psychic responds joyously to the ascending force.

ଚୈତ୍ୟ ଗ୍ରହଣଶୀଳତା : ଆରୋହଣକ୍ଷମ ଶକ୍ତିଟି ପ୍ରତି ଚୈତ୍ୟ ଅଂଶଟି ଉଲ୍ଲସିତ ହୋଇ ଅନୁସ୍ପନ୍ଦନ ଜଣାଉଥିବ ।

(6) Integral receptivity : the whole being is aware of the Divine Will and obeys it.

ପୂର୍ଣ୍ଣାଙ୍ଗ ଗ୍ରହଣଶୀଳତା : ତୁମର ସମଗ୍ର ସତ୍ତା ପରମ ଦିବ୍ୟ ଇଚ୍ଛାଟି ସମ୍ପର୍କରେ ସଜ୍ଞାନ ହୋଇ ରହିଥିବ ଓ ତାହାର ନିର୍ଦ୍ଦେଶ ପାଳନ କରୁଥିବ ।

(7) Supramentalised receptivity : the receptivity of tomorrow.

ଅତିମାନସିକ ଗ୍ରହଣଶୀଳତା : ଆଗାମୀ କାଲି ଉଦ୍ଦେଶ୍ୟରେ ରହିଥିବା ଗ୍ରହଣଶୀଳତା ।

(CWM, Vol. 14, P. 146-147)

ଦିବ୍ୟଜନନୀ ଶ୍ରୀମା ଲକ୍ଷ୍ୟ କରିଥିଲେ ଯେ ଫୁଲଗୁଡ଼ିକ ଅତ୍ୟଧିକ ଗ୍ରହଣଶୀଳ । ସେ ଯେତେବେଳେ ଗୁହ୍ୟବିଦ୍ୟା ଶିକ୍ଷା କରିବା ଲାଗି ଆଲଜେରିଆ ଯାଇ ତେଓଁଙ୍କ ପରିବାରରେ ବସବାସ କରିଥିଲେ ସେତେବେଳେ ଶ୍ରୀମତୀ ତେଓଁ ତାଙ୍କୁ ଡାଳିମ୍ବ ଫୁଲର କେତୋଟି ପାଖୁଡ଼ା ଦେଇ ତାହାକୁ ଯତ୍ନର ସହ ନିଜ ନିକଟରେ ସର୍ବଦା ରଖିବା ଲାଗି ପରାମର୍ଶ ଦେଇଥିଲେ । ଶ୍ରୀମତୀ ତେଓଁଙ୍କ ନିର୍ଦ୍ଦେଶ ଅନୁଯାୟୀ ଶ୍ରୀମା ଗୋଟିଏ ଲକେଟରେ ପାଖୁଡ଼ାଗୁଡ଼ିକୁ ଯତ୍ନର ସହ ରଖି ଗଳା ହାରରେ ବ୍ୟବହାର କରୁଥିଲେ । ତାହା ତାଙ୍କୁ ଏକ ସୁଖକର ଅନୁଭୂତି ପ୍ରଦାନ କରୁଥିଲା । ସେ ଆପଣାକୁ ଏକ ନିରୁପଦ୍ରବ ନିରାପତ୍ତା ମଧ୍ୟରେ ସୁରକ୍ଷିତ ରହିଥିଲା ଭଳି ଅନୁଭବ କରୁଥିଲେ । ଦିନେ

ସେ ହଠାତ୍ ଅସ୍ୱସ୍ତି ଅନୁଭବ କଲେ । ଏହାର କାରଣ ସେ ଜାଣି ପାରିଲେ ନାହିଁ । କିନ୍ତୁ ପରେ ଆବିଷ୍କାର କଲେ ଯେ ଶ୍ରୀମତୀ ତେଓଁ ଦେଇଥିବା ଡାଲିମ୍ବ ଫୁଲପାଖୁଡ଼ାଗୁଡ଼ିକ ଲକେଟ୍‌ଟି ଖୋଲିଯିବା ହେତୁ କେଉଁଠି ପଡ଼ିଯାଇଛି । ଏହି ଘଟଣାରୁ ଶ୍ରୀମା ଅନୁମାନ କରିନେଲେ ଯେ ଫୁଲମାନଙ୍କର ବିଭିନ୍ନ ଧରଣର ଗ୍ରହଣଶୀଳତା ରହିଛି । ସେଗୁଡ଼ିକ ମଧ୍ୟ ଅଭିମନ୍ତ୍ରିତ ହୋଇପାରନ୍ତି । ତେଣୁ କୌଣସି ବିଶେଷ ଶକ୍ତି ସଞ୍ଚାରିତ କରିବା ଲାଗି ତାହାକୁ ଏକ ମାଧ୍ୟମ ରୂପେ ବ୍ୟବହାର କରାଯାଇପାରେ । ସେଥିଲାଗି ହୁଏତ ହିନ୍ଦୁ ପରମ୍ପରାରେ ଦେବଦେବୀମାନଙ୍କୁ ସେମାନଙ୍କ ଅଭୀଷ୍ଟ ଫୁଲ ଦେଇ ପୂଜା କରାଯାଇ ଥାଏ । ଯେପରି ମନ୍ଦାର ଫୁଲ ହେଲା ଶକ୍ତିର ପ୍ରତୀକ ଯାହା ଦୁର୍ଗାଙ୍କୁ ଅର୍ପଣ କରାଯାଏ, ଧୁତୁରା ହେଉଛି ତପସ୍ୟାର ପ୍ରତୀକ ଯାହା ମହାଦେବ ଶିବଙ୍କୁ ଅର୍ପଣ କରାଯାଏ । ସେହିପରି ତୁଳସୀ, ବିଲ୍ୱପତ୍ର ଆଦି ଭକ୍ତିର ପ୍ରତୀକ ଓ ଧଳା ଗୋଲାପ ଶାନ୍ତିର ପ୍ରତୀକ । ଦିବ୍ୟଜନନୀ ଅସଂଖ୍ୟ ଫୁଲର ଆଧ୍ୟାତ୍ମିକ ନାମକରଣ କରି ଯାଇଛନ୍ତି ଓ ତାହା ଏତେ ବ୍ୟାପକ ଓ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ଯେ ସେ ସମ୍ପର୍କରେ ଗଭୀର ଗବେଷଣା କରାଯାଇପାରେ । ପୁଷ୍ପ ପ୍ରସାଦ (Blessing packet)ଟିଏ ପାଇବା ଲାଗି ମାତୃଭକ୍ତ, ସାଧକ ଓ ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥା'ନ୍ତି । କାରଣ ଗ୍ରହଣଶୀଳ ଅବସ୍ଥାରେ ବିଶ୍ୱାସର ସହ ତାକୁ ନିଜ ପାଖରେ ରଖିବା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଯାଏ ଓ ଅନେକ ବିପଦ ଟଳି ଯାଇଥାଏ । ଏହା ବ୍ୟକ୍ତିଗତ ଅନୁଭୂତିର ଏକ ବିଷୟ ।

ଶ୍ରୀମା ଉଲ୍ଲେଖ କରିଛନ୍ତି : ''ଫୁଲ ଖୁବ୍ ଗ୍ରହଣଶୀଳ । ଯେଉଁ ଫୁଲଗୁଡ଼ିକର ମୁଁ ପ୍ରତୀକାତ୍ମକ ନାମ ଦେଇଛି, ସେଗୁଡ଼ିକ ଠିକ୍ ସେହି ଶକ୍ତି ଗ୍ରହଣ କରିଥା'ନ୍ତି, ଯାହା ମୁଁ ତାଙ୍କ ମଧ୍ୟରେ ସଂସ୍ଥାପନ କରିଥାଏ ଓ ପ୍ରେରଣ କରେ, ବ୍ୟକ୍ତି ତାହା ସଦାସର୍ବଦା ଗ୍ରହଣ କରିବାକୁ ସମର୍ଥ ହୁଏ ନାହିଁ । କାରଣ ସେ ଫୁଲଠାରୁ କମ୍ ଗ୍ରହଣଶୀଳ ନିଜର ଅବଚେତନା ହେତୁ ତଥା ଗ୍ରହଣଶୀଳତାର ଅଭାବ ହେତୁ ଶକ୍ତିର ଅପବ୍ୟୟ କରିଥାଏ । ଶକ୍ତି ଅକ୍ଷୟ ଥାଏ ଏବଂ ଫୁଲ ଏହାକୁ ଚମତ୍କାର ରୂପେ ଗ୍ରହଣ କରିଥାଏ ।''

(ଫୁଲ ଓ ସେମାନଙ୍କ ଆଧ୍ୟାତ୍ମିକ ମହତ୍ତ୍ୱ, ଶ୍ରୀଅରବିନ୍ଦ ସୋସାଇଟି : ୨୦୧୨, ସଂକଳନ - ବିଜୟ, ପୃଷ୍ଠା - ୧୯)

ପ୍ରତ୍ୟେକ ଅଭୀପ୍ସା ଉର୍ଦ୍ଧ୍ୱରୁ ଏକ ଉତ୍ତର ଡାକି ଆଣେ । ଏହାର ଅର୍ଥ ପ୍ରତିଟି ଅଭୀପ୍ସାର ଏକ ଉତ୍ତର ରହିଛି । ମାତ୍ର, ଯଦି ଜଣେ ଗ୍ରହଣଶୀଳ ନୁହେଁ, ଧୀର, ସ୍ଥିର, ସଚେତନ ଓ ଏକାଗ୍ର ହୋଇ ରହେ ନାହିଁ ତେବେ ସେ କିଛି ବି ଉତ୍ତର ପାଏ ନାହିଁ । ପୁଣି ଅଜ୍ଞାନତା କବଳିତ ହୋଇ ଯେଉଁ ବ୍ୟକ୍ତି ଆପଣା ଧାରଣ ସାମର୍ଥ୍ୟର ବହିର୍ଭୂତ ବିଷୟଗୁଡ଼ିକୁ ଦିବ୍ୟ ପରମସତ୍ତାଙ୍କ ନିକଟରୁ ଆଶା କରେ ତେବେ ସେ ଆଦୌ ଗ୍ରହଣଶୀଳ ହୋଇପାରେ ନାହିଁ । ଭଗବାନ୍ ଆମକୁ ଯାହା ଦେଇଛନ୍ତି ସେତିକିରେ ସନ୍ତୁଷ୍ଟ ହେବା ଶ୍ରେୟସ୍କର ।

ଅଭୀପ୍ସା ଓ ଗ୍ରହଣଶୀଳତା ଯୁଗପତ୍ ଏକ ସଙ୍ଗେ କ୍ରିୟାଶୀଳ ହେଉଥାଏ । ପ୍ରଥମେ ଜଣେ ଅଭୀପ୍ସାର ଜ୍ୱଳନ୍ତ ଅଗ୍ନିଶିଖା ଉପରେ ସଚେତନ ହୁଏ ଏବଂ ମୁହୂର୍ତ୍ତକ ପରେ ହିଁ ତା' ଭିତରର ଗ୍ରହଣଶୀଳ ସତ୍ତାଟି ଉର୍ଦ୍ଧ୍ୱରୁ ଆସୁଥିବା ଶକ୍ତି ଓ ଚେତନା ସମ୍ପର୍କରେ ସଚେତନ ହୋଇପାରିବ ।

ପରିଶେଷରେ ବହୁବାର କଥିତ ଗଳ୍ପଟିଏ ଉପସ୍ଥାପନ କରୁଛି । ଏକଦା ଜଣେ ପଥିକ ଏକ ଶ୍ମଶାନ ଅତିକ୍ରମ କରି ଯାଉଥିବା ବେଳେ ଏକତ୍ର ପଡ଼ିଥିବା ଚାରୋଟି ଖପୁରୀକୁ ଲକ୍ଷ୍ୟ କଲେ । କୌତୂହଳବଶତଃ ସେ ସେହି ଚାରୋଟି ଖପୁରୀକୁ ନେଇ ଶ୍ମଶାନରେ ସାଧନାରତ ଜଣେ ସାଧୁଙ୍କ ନିକଟକୁ ଗଲେ । ସାଧୁ ଧ୍ୟାନମଗ୍ନ ଥିଲେ । ତେବେ ଜଣେ ଆଗନ୍ତୁକର ଉପସ୍ଥିତି ଅନୁଭବ କରି ସେ ଚକ୍ଷୁ ଖୋଲିଲେ ଓ ଆଗନ୍ତୁକଙ୍କୁ ପ୍ରଶ୍ନ କଲେ : ''ଆସିବାର ଅଭିପ୍ରାୟ ?'' ଆଗନ୍ତୁକ ପଥିକ ସାଷ୍ଟାଙ୍ଗ ପ୍ରଣିପାତ କରି ସାଧୁଙ୍କୁ ଚାରୋଟି ଖପୁରୀ ଦେଖାଇ ଅନୁରୋଧ କଲେ – ''ଆପଣ ଏହି ଚାରୋଟି ଖପୁରୀ ମଧ୍ୟରୁ କେଉଁଟି ସବୁଠୁ ଉତ୍ତମ ବ୍ୟକ୍ତିର ତାହା ଦୟାପୂର୍ବକ ବତାଇ ଦିଅନ୍ତୁ । ମୁଁ ସେହି ଖପୁରୀଟି ନେଇ ପାଖରେ ରଖିବାକୁ ଚାହେଁ ।'' ସାଧୁ ଚାରୋଟି ଖପୁରୀକୁ ନିରୀକ୍ଷଣ କରି ଗୋଟିଏ କୁଶକୁ ମନ୍ତ୍ର ଦ୍ୱାରା ଶୁଦ୍ଧପୂତ କଲେ ଓ ତାହାକୁ ପ୍ରଥମ ଖପୁରୀର କର୍ଣ୍ଣରେ ପ୍ରବେଶ କରାଇଲେ । କୁଶଟି କର୍ଣ୍ଣକୁହର ମଧ୍ୟକୁ ପ୍ରବେଶ କରି ପାରିଲା ନାହିଁ । ଦ୍ୱିତୀୟ ଖପୁରୀର କର୍ଣ୍ଣରେ ଏହା ପ୍ରବେଶ କରିବା ଯୋଗୁଁ କୁଶଟି କର୍ଣ୍ଣରେ ପ୍ରବେଶ କରିଗଲା ସତ, କିନ୍ତୁ ଅପର କର୍ଣ୍ଣ ଦେଇ ବାହାରକୁ ଚାଲି ଆସିଲା । ତୃତୀୟ ଖପୁରୀର କର୍ଣ୍ଣରେ କୁଶଟି ପ୍ରବେଶ କରିବାରୁ ତାହା ତା'ର ମୁଖଦେଇ ବାହାରକୁ ଚାଲିଆସିଲା । ଚତୁର୍ଥ ଖପୁରୀର କର୍ଣ୍ଣରେ ପ୍ରବେଶ କରି କୁଶଟି ତା'ର ହୃଦୟ ଦିଗରେ ଗତିକଲା । ସାଧୁ କହିଲେ : ନିଶ୍ଚିତ ରୂପେ ଏହି ଚତୁର୍ଥ ଖପୁରୀଟି ହେଉଛି ଉତ୍ତମ ବ୍ୟକ୍ତିର । କାରଣ ପ୍ରଥମ ବ୍ୟକ୍ତିଟି

*(ଅବଶିଷ୍ଟାଂଶ ୩୯ ପୃଷ୍ଠାରେ ଦେଖନ୍ତୁ)*

# କବି ନିଶିକାନ୍ତ

## (୯)

ଆମର ନିଶ୍ଚିତ ରୂପେ ସ୍ମରଣରେ ଥିବ ଯେ ପଣ୍ଡିଚେରୀରେ ପଦାର୍ପଣ କରିବା ପୂର୍ବରୁ ନିଶିକାନ୍ତ ଯେତେବେଳେ ଦିଗହରା ହୋଇ ଘୂରି ବୁଲୁଥିଲେ ସେତେବେଳେ ସେ କାଟୋୟା ନିକଟସ୍ଥ ଜଣେ ବୈଷ୍ଣବ ସାଧୁଙ୍କ ଆଶ୍ରମରେ ଆଶ୍ରୟ ନେଇଥିଲେ । ଦିନେ କଥା ପ୍ରସଙ୍ଗରେ ସାଧୁ ବାବା ତାଙ୍କୁ କହିଥିଲେ : ''... ତୋର ଶରୀର ଉପର ଦେଇ ସାରା ଜୀବନ ଦାରୁଣ ଝଡ଼ ବହିବ । ଶରୀରର କଷ୍ଟ ତୋତେ ଆଜୀବନ ସହ୍ୟ କରିବାକୁ ହେବ । ଏଇ କଷ୍ଟରୁ ତୁ କେବେ ବି ମୁକ୍ତି ପାଇବୁ ନାହିଁ ।''

ଏହି ପ୍ରସଙ୍ଗରେ ଆମେ ସ୍ମରଣ କରିପାରୁ ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ମଧ୍ୟ ନିଶିକାନ୍ତଙ୍କ ସମ୍ବନ୍ଧରେ ଦିଲୀପଙ୍କୁ ସେହି ସମାନ ଭବିଷ୍ୟବାଣୀ କରିଥିଲେ, ''ନିଶିକାନ୍ତ ସ୍ୱଧର୍ମରେ କବି ନିଶ୍ଚୟ । ତେବେ ଅଧ୍ୟାତ୍ମ ସାଧନା ହେବ ତା' ସକାଶେ ଭୟଙ୍କର କଠିନ ପଥ । ତା'ର ଶରୀର ତାକୁ ଅଶେଷ କଷ୍ଟ ଭିତରକୁ ଠେଲି ଦେବ । ତେଣୁ ଭଲ ହେବ ସେ ଯେମିତି ଏଠାରୁ ଅନ୍ୟତ୍ର ଚାଲିଯାଉ, ଯଶଖ୍ୟାତିରେ ତା'ର କୌଣସି ଅଭାବ ହେବ ନାହିଁ ।''

('କବି ନିଶିକାନ୍ତ', ଡାଲିୟା ସରକାର,
ପୃ. ୩୨-୩୩, ୮୧-୮୨)

ପୁନଶ୍ଚ ଶ୍ରୀଅରବିନ୍ଦ ନିଶିକାନ୍ତଙ୍କୁ ଜଣାଇଛନ୍ତି : ''ଯଦି ତୁମେ ବାହାରେ ରହିବ ତେବେ ଅଧିକତର ସ୍ୱାସ୍ଥ୍ୟବାନ୍ ହେବ ।...'' କବି ପଚାରି ବସିଛନ୍ତି : ''ଏଠାରେ ରହିଲେ କେଉଁ ପ୍ରକାରର ଶାରୀରିକ ଯନ୍ତ୍ରଣା ଭୋଗିବି ?'' – ଗୁରୁଦେବ ଜଣାଇଛନ୍ତି : ''ଯଦି ଜଣେ ତୀଖ ଭାବରେ ଉପରକୁ ଉଠିଥିବା ଉତ୍ତୁଙ୍ଗ ପାହାଡ଼ର ଶୀର୍ଷରୁ ସିଧା ରସାତଳରେ ଆସି କଚାଡ଼ି ହୋଇ ପଡ଼େ ତେବେ ଯେମିତି ଶାରୀରିକ ଯନ୍ତ୍ରଣା ଭୋଗେ ସେହିପରି ।'' ନିଶିକାନ୍ତ ପୁନଶ୍ଚ ଗୁରୁଦେବଙ୍କୁ ଜଣାଇଛନ୍ତି : ''ମୁଁ ଏହା ସହ୍ୟ କରିବା ସକାଶେ ପ୍ରସ୍ତୁତ । କିନ୍ତୁ ମୋର ଆଧ୍ୟାତ୍ମିକ ପ୍ରଗତି !'' ଗୁରୁଦେବ ଜଣାଇଛନ୍ତି : ''ଏଠାରେ ରହିଲେ ତୁମର ଗୋଟିଏ ଜୀବନରେ ଯେତିକି ଆଧ୍ୟାତ୍ମିକ ପ୍ରଗତି ହେବ, ଅନ୍ୟତ୍ର ରହିଲେ ଦଶଟି ଜୀବନ ଲାଗିଯିବ ।''

– ଏ ସମସ୍ତ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହୋଇ ନିଶିକାନ୍ତ ଆଶ୍ରମରେ ରହିବାକୁ ସିଦ୍ଧାନ୍ତ ନେଇଛନ୍ତି ।

('Mother India', Dec. 2009, P. 1013)

ସଚରାଚର ଯାହା ପ୍ରାୟ ସମସ୍ତଙ୍କ କ୍ଷେତ୍ରରେ ଉପୁଜି ଥାଏ, ନିଶିକାନ୍ତଙ୍କ ସାଧନାର ଉନ୍ନତିର ଊର୍ଦ୍ଧ୍ୱମୁଖୀ କୁଣ୍ଡଳାକାର (spiral) ଗତିର ନିମ୍ନଗାମୀ ମୁହୂର୍ତ୍ତ ଉପସ୍ଥିତ ହେଲା । ଆପାତ ମଧୁର ଗତିବିଧିରେ ଅବନତିର କରାଳ ଲହରିରେ ସେ ଦିଶହରା ହୋଇ ଉଠିଲେ ।

ଏବେ ନୀରଦବରଣଙ୍କର ବର୍ଣ୍ଣନାରୁ : ''ନିଶିକାନ୍ତଙ୍କର ସାଧନା ଜୀବନରେ ଆରମ୍ଭ ହେଲା ସେହି ପରୀକ୍ଷାର ସମୟ । ଦିନବେଳା କବିତା-ଲେଖାରେ ମଗ୍ନ ରହୁଥିବା ବେଳେ ରାତ୍ରିର ଚନ୍ଦ୍ରାଲୋକରେ ବା ତାରକାଖଚିତ ଗଗନ ତଳେ ଘର ଛାତ ଉପରେ ଅଯୌଗିକ (ରାଜସିକ ଆହାରର) ଭୋଗ-ବିଳାସର ବ୍ୟବସ୍ଥା କରିବାକୁ ଲାଗିଲେ । ନିଶିକାନ୍ତ ତ ରନ୍ଧାରନ୍ଧିରେ ଦ୍ରୌପଦୀ ଓ ଭୋଜନରେ ବୃକୋଦର । କିନ୍ତୁ ଆଶ୍ଚର୍ଯ୍ୟର କଥା, ଅଧିକ ରାତ୍ରି ପର୍ଯ୍ୟନ୍ତ ଏଇ ସ୍ୱେଚ୍ଛାଚାରରେ ମଜ୍ଜି ରହିବା ପରେ ସେ କବିତା ଲେଖିବାକୁ ବସୁଥିଲେ, ବେଶ୍ ଅନେକ କ୍ଷଣ ଧରି । ସେଇଥି ପାଇଁ ମୁଁ କହୁଥିଲି ବ୍ୟକ୍ତିଟି କେବଳ genius (ପ୍ରତିଭାବାନ୍) ନୁହେଁ, genii (ଆରବୀୟ ଉପନ୍ୟାସରେ ବର୍ଣ୍ଣିତ ବହୁ ଅଦ୍ଭୁତ ଶକ୍ତିସମ୍ପନ୍ନ ଅସୁର) ମଧ୍ୟ ।

''କିନ୍ତୁ ଏହା ପରଠୁ ନୀଳାକାଶରେ ଖଣ୍ଡ କଳାମେଘର ଛାୟା ଦୃଶ୍ୟମାନ ହେଲା ।... କବିତା-ସୃଜନୀ-ପ୍ରେରଣାର ଧାରା କ୍ଷୀଣକାୟ ହେବାକୁ ଆରମ୍ଭ କଲା । ତା' ସ୍ଥାନରେ ଦେଖା ଦେଲା ତାଙ୍କର ଆଧ୍ୟାତ୍ମିକ-ବିବେକ ଦଂଶନ – କବିତା ହେଲା, ଛବି ହେଲା, କିନ୍ତୁ ଅସଲ ବସ୍ତୁର ଯେ କୌଣସି ଚିହ୍ନ ନାହିଁ ! – ଏଇ ମନୋଭାବ ତାଙ୍କୁ ପୀଡ଼ା ଦେବାକୁ ଲାଗିଲା – 'ଭଗବାନ୍ କାହାନ୍ତି ? ଭଗବାନଙ୍କ ଠାରୁ କ'ଣ ପାଇଲି ?' ଏଇ ସୂକ୍ଷ୍ମ ବେଦନାଟା ତାଙ୍କ କବିତା-ରଚନାର ଫାଙ୍କେ ଫାଙ୍କେ ତୀବ୍ର ହେବାକୁ ଲାଗିଲା । – 'ସବୁ କବିତା ପୋଡ଼ି ଦେଇ, ଛବିସବୁର ମାୟା ତ୍ୟାଗ କରି ମୁଁ ପୁଣି କ'ଣ ସେହି ମୋହରେ ପଡ଼ିବି ?'...

''ତାଙ୍କ ମଧ୍ୟରେ ଏହି ଦ୍ୱନ୍ଦ୍ୱ ଲାଗି ରହିଲା ଏବଂ

ଭିତରର ଲୁକ୍କାୟିତ ଦୋଷତ୍ରୁଟି, ବାଧାବିପତ୍ତିସବୁ ବାହ୍ୟ ଚେତନାରେ ମୂର୍ତ୍ତିମନ୍ତ ହୋଇ ଘୂରିବାକୁ ଲାଗିଲେ । ମୋର ଦୃଢ଼ ବିଶ୍ୱାସ, ଦୁଇ-ତିନି ବର୍ଷ ଧରି ଯୋଗ-ଶକ୍ତି ତାଙ୍କୁ ସୃଜନ-କ୍ରିୟାର ତୀବ୍ର ଆନନ୍ଦରେ ନିମଜ୍ଜିତ ରଖାଇ ଏବେ ତାଙ୍କ ଅବଚେତନାକୁ ସ୍ପର୍ଶ କରିଛି । ଆଉ ଫଳସ୍ୱରୂପ ଆରମ୍ଭ ହୋଇଛି ପ୍ରତିକ୍ରିୟା, ଦଂଶନ – ଏହା ହେଉଛି ପରୀକ୍ଷାର ସମୟ । ଆଶ୍ରମର ଅନ୍ୟତମ ପ୍ରତିଭାବାନ୍ କବିଙ୍କ କ୍ଷେତ୍ରରେ ଏହି ସମାନ ସମସ୍ୟା ଉପୁଜିଥିବା ବେଳେ ଗୁରୁଦେବ ତାଙ୍କୁ ଲେଖିଥିଲେ : 'ସାଧକ ସର୍ବଦା ତୁରୀୟ ଚେତନାରେ ବାସ କରିପାରେ ନାହିଁ, କେବେ କେବେ ନିମ୍ନକୁ ଆସିବାକୁ ପଡ଼ିଥାଏ ।' ('One cannot all the time remain high up, one has to come down some time or other.') ପରିଷ୍କାର ବୁଝାଗଲା ନିଶିକାନ୍ତଙ୍କର ଆଶ୍ରମରେ ରହିବାର ଅନୁମତି ପ୍ରାପ୍ତ ହେବାର ଅବ୍ୟବହିତ ପରେ ଶ୍ରୀମା ତାଙ୍କୁ କହିଥିବା ଭବିଷ୍ୟ-ବାଣୀ । ପୁନଶ୍ଚ ନିଶିକାନ୍ତଙ୍କର ଏହି ନିରାଶ ଓ ଅସନ୍ତୋଷ ଅବସ୍ଥାରେ ଶ୍ରୀମା କୌଣସି ଏକ କାରଣରୁ ଅସୁସ୍ଥ ହୋଇ ପଡ଼ିଲେ । ଆଶ୍ରମର ନିୟମିତ ଧ୍ୟାନ, ପ୍ରଣାମ ଇତ୍ୟାଦି ସ୍ଥଗିତ ରହିଲା; ଶ୍ରୀଅରବିନ୍ଦ ମଧ୍ୟ ଆମମାନଙ୍କର କବିତା ଦେଖିବା ବନ୍ଦ କରିଦେଲେ ।* ସେତେବେଳେ ନିଶିକାନ୍ତଙ୍କର କବିତା ଲେଖିବା ଛଡ଼ା ଆଉ କୌଣସି କାମ ନ ଥିଲା । ସେଇଟିକୁ ବି ସେ ଛାଡ଼ିଦେଲେ । 'ଶ୍ରୀଅରବିନ୍ଦ ଯଦି କବିତା ଦେଖିବେ ନାହିଁ, ତେବେ କବିତା ଲେଖି ଲାଭ କ'ଣ ?' – ଏଇଟି ଥିଲା ତାଙ୍କର ଯୁକ୍ତି । ଯୁକ୍ତିଟି ଗୋଟିଏ ଦିଗରୁ ହାସ୍ୟକର ନ ହେଲେ ବି, ଗୁରୁଦେବ ଉତ୍ତର ଦେଲେ, 'କବି ଲେଖିବ ତା'ର ଆନ୍ତର ପ୍ରେରଣାରୁ ।' ନିଶିକାନ୍ତଙ୍କ ସଦୃଶ ଆମମାନଙ୍କୁ ବି ସେ ବ୍ୟଥାଟି ଆଘାତ ଦେଇ ଥିଲା ।...

''ଏଇ ଅବସ୍ଥାରେ ନିଶିକାନ୍ତ ଯଦି ଅନ୍ୟ କାମ ହାତକୁ ନେଇଥା'ନ୍ତେ, ତା'ହେଲେ ବିପଦ ମୋଚନ ହୋଇ ପାରିଥା'ନ୍ତା । କିନ୍ତୁ ତା' ନ କରି ସେ ଏମିତି ଗୋଟାଏ ଓଲଟା ପଥରେ ପାଦ ବଢ଼ାଇଲେ ଯେ ତାଙ୍କୁ କୌଣସି ପ୍ରକାରେ ଅଟକାଇ ହେଲା ନାହିଁ । 'ଏଠାରେ ଆଉ ଭଲ ଲାଗୁନି, ଚାପ ବେଶ୍ ବଢ଼ୁଛି, କିଛି ଦିନ ବାହାରୁ ଘୂରି ଆସେ । କେତେ ଜଣ ଶିଳ୍ପୀବନ୍ଧୁଙ୍କ ମେଳରେ ନୀଳଗିରି ଯିବି, ପରେ ବମ୍ବେ ଇତ୍ୟାଦି ।' ଏଠାରେ ରହିବାର ତିନି, ଚାରି ବର୍ଷ ଭିତରେ ତାଙ୍କର ଏଇ ଅବସ୍ଥା ! ଗୁରୁଦେବ ତାଙ୍କୁ ଧରି ରଖିବାକୁ ଚେଷ୍ଟା କଲେ, କହିଲେ ଯେ ଏଠାରୁ ଚାଲିଗଲେ ବି ପ୍ରକୃତିର ଦୁର୍ବଳତାକୁ ଏଡ଼ାଇ ଦେଇ ହୁଏ ନାହିଁ ବା ସମୂଳେ ସ୍ଥାନାନ୍ତରିତ କରି ହୁଏ ନାହିଁ । ଗୁହାର ଅଭ୍ୟନ୍ତରରେ ଆଶ୍ରୟ ନେଲେ ବି ପ୍ରାଣ (vital) ଅନବରତ ସାଥିରେ ହିଁ ରହିଥିବ । ତେଣୁ ଏଇଠି ରହି ହିଁ ନିମ୍ନ ପ୍ରକୃତିର ବାଧାସବୁକୁ ଜୟ କରିବା ଉଚିତ ।

''କୌଣସି ଲାଭ ହେଲାନି । ଏଇ ହେଉଛି ମଣିଷର ସ୍ୱଭାବ । ଦୁଇ, ତିନି ବର୍ଷ ଭିତରେ ଭଗବତ୍ ପ୍ରାପ୍ତି । ଯୋଗ ସମ୍ବନ୍ଧରେ ଆମମାନଙ୍କର ଧାରଣା ଯେ କେତେ ଅପରିପକ୍ୱ ଓ ବାଳସୁଲଭ ତା'ର ପରିଚୟ ମୁଁ ନିଜେ ବି ଦେଇଛି ପ୍ରଚୁର । 'କିଛି ବି ହେଉନି, କିଛି ବି ପାଇଲି ନାହିଁ' – ଆମମାନଙ୍କ ସଦୃଶ ଅନଭିଜ୍ଞ ଯୋଗୀର ଯୁକ୍ତିହୀନ ଅଭିଯୋଗ ।...

''ମୂଳ କଥାକୁ ଫେରୁଛି । ବାହାରକୁ ଯାଇ ମଧ୍ୟ ନିଶିକାନ୍ତଙ୍କର କୌଣସି ଉପକାର ହେଲାନି; ନା ପାଇଲେ ଶାନ୍ତି, ନା କମିଲା ବାଧା ।... ବାଧ୍ୟ ହୋଇ କିଛି ଦିନ ପରେ ସେ ଆଶ୍ରମକୁ ଫେରି ଆସିଲେ ଏଇ ସଂକଳ୍ପ ନେଇ ଯେ କବିତା-ଫବିତା ଆଉ ନୁହେଁ, ଭଗବାନଙ୍କ ଦର୍ଶନ ଚାହେଁ । ଶ୍ରୀଅରବିନ୍ଦ ତାଙ୍କୁ ଜଣାଇଲେ ଯେ ଏବେ ସେମାନଙ୍କର (ଶ୍ରୀମା-ଶ୍ରୀଅରବିନ୍ଦଙ୍କର) ସାଧନା ଅବଚେତନା ସ୍ତରକୁ ଓହରି ଆସିଛି, ଏବେ କାହାରିକୁ କବିତା ଲେଖିବାରେ ପ୍ରେରଣା ଦେବା ସମ୍ଭବ ନୁହେଁ; ଶ୍ରୀମା ତାଙ୍କୁ କୌଣସି ଶାରୀରିକ କାମ ଗ୍ରହଣ କରିବାକୁ ଉପଦେଶ ଦେଲେ । ସାବ୍ୟସ୍ତ ହେଲା ସେ ଭୋଜନାଳୟରେ ରନ୍ଧାରନ୍ଧିର କାମ ନେବେ । କାର୍ଯ୍ୟଟି ପ୍ରଥମେ ପ୍ରଥମେ ବେଶ୍ ଭଲ ଭାବରେ ଚାଲିଲା । କବିଙ୍କର ନୂତନ ଧରଣର ରାନ୍ଧଣାରେ

* ଏହି ସମୟରେ ଆଶ୍ରମରେ ଅନେକ କବିଙ୍କର ଆବିର୍ଭାବ ହୋଇଥିଲା । ଏଇ ଯୁଗକୁ କୁହାଯାଉଥିଲା ଆଶ୍ରମର ଶିଳ୍ପକଳା ସୃଷ୍ଟିର ଯୁଗ : ଗାନ, ବାଜଣା, ଛବି, ସାହିତ୍ୟ, କବିତା ଇତ୍ୟାଦି । ଶ୍ରୀମା ଓ ଶ୍ରୀଅରବିନ୍ଦ ସମସ୍ତଙ୍କୁ ଶକ୍ତି ସାମର୍ଥ୍ୟ ଦେଇ ସାହାଯ୍ୟ କରୁଥିଲେ, ଚିଠିପତ୍ରରେ ଉତ୍ସାହ ଦେଉଥିଲେ, ରଚନା ଶୁଦ୍ଧ କରି ଦେଉଥିଲେ । ଏହି ଯୁଗରେ ଅକବି କବି ହୋଇଛି, ବର୍ଣ୍ଣାନ୍ଧ ଶିଳ୍ପୀ ହୋଇଛି ଏବଂ ବଧିର ଶ୍ରବଣ ଶକ୍ତି ପାଇଛି ।

('ରଚନା-ବିଚିତ୍ରା', ପୃ. ୧୬୧) – ନୀରଦବରଣ

ସମସ୍ତେ ଖୁସୀ । ଶ୍ରୀଅରବିନ୍ଦ ମୋତେ ଲେଖିଲେ, 'His cooking is excellent.' (ତା'ର ରାନ୍ଧଣା ବେଶ୍ ଉତ୍କୃଷ୍ଟ ।) ସମସ୍ତଙ୍କ ମୁହଁରେ ପ୍ରଶଂସା, ସାଧକମାନଙ୍କର ଭୋଜନର ପରିମାଣ ବି ବଢ଼ିଗଲା ! କିନ୍ତୁ ଦୁର୍ଭାଗ୍ୟର ବିଷୟ ଶନି ଗ୍ରହ ହାତରୁ ସେ ନିଷ୍କୃତି ପାଇଲେ ନାହିଁ । ପ୍ରାୟ ବର୍ଷକ ଭିତରେ ସେ ରନ୍ଧାରନ୍ଧି କାର୍ଯ୍ୟ ଛାଡ଼ିଦେଲେ ।''*

('ରଚନା-ବିଚିତ୍ରା', ପୃ. ୧୬୬ - ୬୮)

ଏବେ ସୁଭାଷ ଘୋଷାଲଙ୍କ ରଚନାରୁ : ''ନିଶିକାନ୍ତ ଆଶ୍ରମ ବିଦ୍ୟାଳୟରେ କିଛି ଦିନ ବଙ୍ଗଳା ଶିକ୍ଷକ ବି ଥିଲେ । ଶିକ୍ଷକତା କ୍ଷେତ୍ରରେ ତାଙ୍କର ବ୍ୟର୍ଥତା ହିଁ ମୁଖ୍ୟ ହୋଇ ଉଠିଲା । ଜଣେ (ଉଦ୍ଦଣ୍ଡ) ଛାତ୍ର ବ୍ୟଙ୍ଗ ଚିତ୍ରଟିଏ ଆଙ୍କି ତାଙ୍କ ଶ୍ରେଣୀରେ ଝୁଲାଇ ଦେଇଥିଲା – 'ଅନ୍ଦାଜ ଚାଳିଶ ବର୍ଷର ଜଣେ ଭଦ୍ରଲୋକ ଢିମା ଢିମା ଶିବନୟନ ମେଲି ବସି ଅଛନ୍ତି । ମଥାର କୁଞ୍ଚୁକୁଞ୍ଚିଆ କେଶ ଝରଣା ସଦୃଶ କାନ୍ଧ ଟପି ପିଠି ଓ ଛାତି ପର୍ଯ୍ୟନ୍ତ ଲମ୍ବି ଆସିଛି; ମୋଟା ଓଠ ଦୁଇଟି ଖୋଲା – ଯେମିତି ସର୍ଦି ହୋଇଛି । ପରିହିତ ପଞ୍ଜାବୀକୁ ଠେଲି ଆତ୍ମଜାହିର କରୁଛି ଶରୀର ତୁଳନାରେ ବେଶୀ ଗୁରୁତ୍ୱପୂର୍ଣ୍ଣ ଉଦରଟି । ତାଙ୍କୁ ଘେରି ଦଳେ ବଙ୍ଗାଳୀ-ଗୁଜରାତି-ହିନ୍ଦୁସ୍ଥାନୀ ପୁଅ-ଝିଅ ଦୌଡ଼ା ଦୌଡ଼ି କରୁଛନ୍ତି ଆଉ ବିଲମ୍ବିତ ସ୍ୱରରେ ଗାଉଁଲି ଗୀତ (ଢଗ)ଟିଏ ଗାଉଛନ୍ତି : 'କବି ରେଗେ ଆଗୁନ୍ (ନିଆଁ), ତେଲେ ତେଲେ ବେଗୁନ୍ (ବାଇଗଣ) !' ଶ୍ରେଣୀକୁ ପ୍ରବେଶ କରି କବି ଏଇ ଛବିଟି ଦେଖି ବେଶ୍ ଅପଦସ୍ଥ ହୋଇ ଉଠିଥିଲେ (ଜଳରେ ରହୁଥିବା ମୀନ ଡଙ୍ଗାରେ ଆସି ପଡ଼ିବାର ଦୁର୍ଦ୍ଦଶା) । ଏହାପରେ ଜଳର ମୀନ ଜଳକୁ ଫେରି ଯାଇଥିଲେ ।''

('ନିଶିକାନ୍ତ', ପୃ. ୧୭)

ପୁନଶ୍ଚ ନୀରଦବରଣଙ୍କ ରଚନାରୁ : ''(କାମ ଛାଡ଼ି ଦେବା ପରେ) ଉଚ୍ଚ ପ୍ରେରଣାରୁ ବିଚ୍ୟୁତ ହୋଇ କ୍ରମଶଃ ତାଙ୍କର ପ୍ରତିଭା ନିମ୍ନ ପ୍ରେରଣା ଦିଗକୁ ମୋଡ଼ ନେଲା । ଛେନା, ରସଗୋଲା, କେକ୍ ବା ପୋଡ଼ପିଠା, ବିସ୍କୁଟ, ସନ୍ଦେଶ ଇତ୍ୟାଦି ନାନା ଖାଦ୍ୟଦ୍ରବ୍ୟ ପ୍ରସ୍ତୁତ କରି ନିଜକୁ ଭୁଲାଇ ରଖିବାକୁ ଚେଷ୍ଟା କଲେ । ଏଥିସହ ବନ୍ଧୁମାନଙ୍କ ସହିତ ଖିଆପିଆ, ଘୂରାଘୂରି କରିବା, ପଦବ୍ରଜରେ ଦୂରକୁ ସାନ୍ଧ୍ୟ ଭ୍ରମଣରେ ଯିବା ଇତ୍ୟାଦିରେ ବ୍ୟସ୍ତ ରହିବା ହୋଇଉଠିଲା ତାଙ୍କର ଦୈନନ୍ଦିନ ଜୀବନଯାତ୍ରା । ଆଉ ମଝିରେ ମଝିରେ କବିତା ରଚନା, ସେଇଟି ବି କୌଣସି ପ୍ରୟୋଜନ ହେଲେ । (ତନ୍ମଧ୍ୟରୁ ବନ୍ଧୁମାନଙ୍କୁ ସେମାନଙ୍କ ଜନ୍ମଦିନରେ କବିତା ଲେଖି ଉପହାର ଦେବା ଅନ୍ୟତମ ଥିଲା ।)

''ଶରୀର ମଜଭୁତ ଥିଲା – ସମସ୍ତ ପରିଶ୍ରମ, ଅତ୍ୟାଚାର, ଅନାଚାର ସେ ସହ୍ୟ କରି ନେଉଥିଲେ । ଦିନେ ତାଙ୍କର ଖିଆଲ ହେଲା 'ଭିନେଗାର୍' ତିଆରି କରିବେ । ପ୍ରଚୁର ଖଟା କଞ୍ଚା ଆମ୍ବକୁ ପାଣି ଦେଇ ଚୁଲିରେ ଫୁଟାଇ ରସ ବାହାର କରି ତା'ର ତୀବ୍ରତା ପରଖିବା ପାଇଁ ପିଇଲେ ପ୍ରାୟ କପେ କଡ଼ା ରସ । ବିଷମ ଫଳ ହେଲା 'ଅଲସର୍' ! ତାଙ୍କ ଦେହ ଉପରେ ପ୍ରଥମ ଆସୁରିକ ଆକ୍ରମଣ; ତା'ପରେ ଅତ୍ୟଧିକ ଭୋଜନ ଫଳରେ 'ଡାଏବେଟିସ୍', 'ବ୍ଲଡ୍ ପ୍ରେସର୍' ଅନତିଦୂରରେ ରହି ଦେହରେ ପ୍ରବେଶ କରିବାକୁ ଟାକି ବସିଥିଲା । କିନ୍ତୁ ତାଙ୍କର ପ୍ରଚୁର ପ୍ରାଣଶକ୍ତିରେ ସେ ଏଇ ସମବେତ ଆକ୍ରମଣରେ ସିଧା ଦଣ୍ଡାୟମାନ ଥିଲେ ।

''ତାଙ୍କ ବିବିଧ ଅସୁସ୍ଥତାର ଦୀର୍ଘ ଫର୍ଦ୍ଦ ଦେବା ଏବେ ସମୀଚୀନ ନୁହେଁ । ଏତିକି କେବଳ କହି ରଖୁଛି ଯେ ପ୍ରାୟ ତିରିଶ ବର୍ଷ ଧରି ବଂଶାନୁକ୍ରମ ସୂତ୍ରରେ ସେ ତାଙ୍କର ଶାରୀରିକ ବ୍ୟାଧିସବୁ ସହିତ ବୀର ଯୋଦ୍ଧା ସଦୃଶ ଗୋଟିଏ ଅନବରତ ଲଢ଼ାଇ କରି ଯାଇଛନ୍ତି, ଯାହାକୁ କହିପାରୁ ଏକ ମହାସମର, 'ଏପିକ୍ ଷ୍ଟ୍ରଗଲ୍', ଏବଂ ସେ ଏସବୁର ସମ୍ମୁଖୀନ ହୋଇଛନ୍ତି

---

* ପରବର୍ତ୍ତୀକାଳରେ କଥା ପ୍ରସଙ୍ଗରେ କବି ଜନୈକ ସାଧିକାଙ୍କୁ ରସିକତା ସହ କହିଥିଲେ, ''ଶ୍ରୀଅରବିନ୍ଦଙ୍କ ସମୟରେ ମୋତେ ଥରେ କୁହାଗଲା ଭୋଜନାଳୟରେ ରନ୍ଧାରନ୍ଧିର କାମ ନେବାକୁ । ମୁଁ ଖୁସୀ ମନରେ 'ଆଳୁଦମ୍' ପ୍ରସ୍ତୁତ କରୁଥିଲି । ତରକାରିଟି ଏମିତି ସୁସ୍ୱାଦୁ ହୋଇ ଉଠୁଥିଲା ଯେ ସମସ୍ତେ ଦୁଇ ଥର ଭାତ ଆଣି ଖାଇବାକୁ ଲାଗିଲେ । ଅର୍ଥାତ୍ ଭୋଜନର ପରିମାଣ ଦ୍ୱିଗୁଣ ବଢ଼ିଗଲା । (ସେତେବେଳେ ଆଶ୍ରମର ଆର୍ଥିକ ଅବସ୍ଥା ସେତେ ସ୍ୱଚ୍ଛଳ ନ ଥିଲା ।) ତେଣୁ ଦ୍ୟୁମାନ୍ ଭାଇଙ୍କର ମେଜାଜ ଅସମ୍ଭବ ଭାବରେ ବିଗିଡ଼ି ଗଲା । ସେ କହି ଉଠିଲେ, 'ଯଦି କବି ଏମିତି ରନ୍ଧାରନ୍ଧି କରନ୍ତି, ତେବେ ଭୋଜନାଳୟର ଖର୍ଚ୍ଚ ତୁଲାଇବା ତାଙ୍କ ପକ୍ଷରେ ବେଶ୍ କଷ୍ଟକର ହୋଇ ଉଠିବ ।' ''

(Mother India, Dec. 2009, P. 1020)

ବୀରୋଚିତ ଅମ୍ଲାନ ବଦନରେ । ସାଧନା କରିବାକୁ ଆସି କାହିଁକି ତାଙ୍କୁ ଏତେ ଦାରୁଣ କଷ୍ଟଭୋଗ ସହିବାକୁ ହେଲା – ଏ ପ୍ରଶ୍ନର ଉତ୍ତର ମୁଁ କହିପାରିବି ନାହିଁ । ବିଶ୍ୱର ଏହି କୁହେଳିକା ସମ୍ବନ୍ଧରେ କବି ଚମତ୍କାର ଏକ କବିତା 'ପ୍ରଶ୍ନ'ରେ ଏହି ପ୍ରଶ୍ନଟି ଉତ୍ଥାପନ କରିଛନ୍ତି : 'ଆମାରେ ଉତ୍ତର ଦାଓ ପ୍ରିୟ,...' ।

*

''ଗୁରୁଦେବ ପ୍ରାୟ ତାଙ୍କର ଖବର ନେଉଥିଲେ; ମଝିରେ ମଝିରେ ତାଙ୍କ ରଚିତ କବିତା ମଧ୍ୟ ଶୁଣୁଥିଲେ, କିନ୍ତୁ କୌଣସି ଦିନ ତାଙ୍କର ବାଳବତ୍ ଆଚରଣରେ ବିରକ୍ତି ପ୍ରକାଶ କରି ନାହାନ୍ତି, ବରଂ ହସୁଥିଲେ । ନିଶିକାନ୍ତଙ୍କର ଶରୀର କିନ୍ତୁ କ୍ରମଶଃ ଭାଙ୍ଗି ପଡ଼ିବାକୁ ଲାଗିଲା ଏବଂ ବାଧା ବି ଆସିଲା ପ୍ରବଳ, ଭିତର ଓ ବାହାର ଚାପରେ କେତେଥର 'ଚାଲିଯିବି, ଚାଲିଯିବି' ଅବସ୍ଥା ଉପୁଜିଛି । ଅବଶେଷରେ ଦିନେ ଗୁରୁଦେବ (ମୋ ମାର୍ଫତ୍‌ରେ) ତାଙ୍କ ପ୍ରତି ଅମୋଘ ମନ୍ତ୍ର ପ୍ରୟୋଗ କଲେ, 'Let him stick any how.' ('କୌଣସି ପ୍ରକାରେ ଲାଗି ରହୁ ।')...

''ଇତିପୂର୍ବରୁ କହିଛି ଗୁରୁଦେବ ବରାବର ହିଁ ନିଶିକାନ୍ତଙ୍କ ପ୍ରତି ସଦୟ । ମନେ ପଡ଼େ ଦିନେ ହଠାତ୍ କଥା ନାହିଁ, ବାର୍ତ୍ତା ନାହିଁ, ଗୁରୁଦେବ କହିଲେ, 'ଆଜି ଦେଖୁଥିଲି କିଏ କି ରକମ ଅଛି । ନିଶିକାନ୍ତର କଥା ବି ଭାବୁଥିଲି ।' ମୁଁ ତ ଅବାକ୍ ! ନୀରବ ନିଶ୍ଚଳରେ ବସି ଗୁରୁ ଏସବୁ କାର୍ଯ୍ୟ କରନ୍ତି । ମୋର ତ ଧାରଣା ଥିଲା ସେ ସେତେବେଳେ ଅତିମାନସ ଲୋକର ତଥ୍ୟ ସଂଗ୍ରହରେ ବ୍ୟସ୍ତ, ଏ ମର୍ତ୍ତ୍ୟଲୋକର ନୁହେଁ । ଅବଶ୍ୟ ସ୍ମରଣରେ ଆସିଲା ଏ ପ୍ରକାର ଖବର ଶ୍ରୀରାମକୃଷ୍ଣ ବି ନେଉଥିଲେ ।''

('ରଚନା-ବିଚିତ୍ରା') – ନୀରଦବରଣ

ପରିଶେଷରେ ନିଶିକାନ୍ତଙ୍କର 'ଅଚଳ ପ୍ରଗତି'କବିତାରୁ ପଂକ୍ତିଟିଏ । ପଂକ୍ତିଟିର ମର୍ମାର୍ଥ ଏହିପରି :

''ଦେହ ଦୁର୍ଯୋଗରେ ସୁଯୋଗ ପାଇଛି
ଯୋଗଯାତ୍ରାର ପଥେ;
ରୋଗ ଶଯ୍ୟାରେ ମୁଁ ଗତି କରେ
ଗଗନଚୁମ୍ବୀ ପ୍ରଗତିର ପର୍ବତେ ।''

('ଚିରନ୍ତନୀ' କାବ୍ୟଗ୍ରନ୍ଥ)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

---

(*ପୃଷ୍ଠା ୩୫ର ଅବଶିଷ୍ଟାଂଶ*)

କୌଣସି ଉତ୍ତମ ଉପଦେଶ ଆଦୌ ଶୁଣୁ ନଥିଲା, ପାଳନ କରିବା ଦୂରେ ଥାଉ । ଦ୍ୱିତୀୟ ବ୍ୟକ୍ତି ଜଣକ ଯେଉଁ ଶାଶ୍ୱତ ଦିବ୍ୟବାଣୀ ଶୁଣେ ତାହା ଏପଟ କାନରେ ପଶି ଆରପଟ କାନ ଦେଇ ଚାଲିଯାଏ । ତୃତୀୟ ବ୍ୟକ୍ତି ଜଣକ ଯେଉଁ ପବିତ୍ର ଶାସ୍ତ୍ରର ଆଲୋଚନା ଶୁଣେ ସେସବୁ ଅନ୍ୟମାନଙ୍କ ଆଗରେ ବ୍ୟକ୍ତ କରି ଜଣେ ପଣ୍ଡିତ ବୋଲି ଗର୍ବ କରେ । ଚତୁର୍ଥ ବ୍ୟକ୍ତି ସତ୍‌ସଙ୍ଗ କରି ଯେଉଁ ଶାଶ୍ୱତ ଦିବ୍ୟ ବାଣୀ ସବୁ ଶୁଣିଥାଏ, ତାକୁ ବାରଂବାର ମନନ କରି ଆତ୍ମସ୍ଥ କରିଥାଏ ଓ ଆପଣାର ଦୈନନ୍ଦିନ ଜୀବନରେ ଅଭ୍ୟାସ କରିଥାଏ, ପ୍ରୟୋଗ କରିଥାଏ । ତେଣୁ ସେ ହିଁ ଯଥାର୍ଥରେ ଜଣେ ଉତ୍ତମ ବ୍ୟକ୍ତି । ପଥିକ ଉତ୍ତରରେ ସନ୍ତୁଷ୍ଟ ହୋଇ ଚତୁର୍ଥ ଖପୁରୀଟି ନେଇ ଘରକୁ ଫେରିଲେ ।

କୁରୁକ୍ଷେତ୍ରରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଶ୍ରୀକୃଷ୍ଣ ଯେତେବେଳେ ପାଣ୍ଡବମାନଙ୍କ ତରଫରୁ ପାଞ୍ଚୋଟି ପଡ଼ା ମାଗିବା ପାଇଁ କୁରୁସଭା ସ୍ଥଳକୁ ଯାଇଥିଲେ ସେତେବେଳେ ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ଅପମାନିତ କରି ତାଙ୍କୁ ବନ୍ଦୀ କରିବା ଲାଗି ସୈନ୍ୟମାନଙ୍କୁ ଆଦେଶ ଦେଇଥିଲା । ଉକ୍ତ ଅବସରରେ ଅବତାର ପୁରୁଷ ଶ୍ରୀକୃଷ୍ଣ ନିଜର ଦୁର୍ଲଭ ବିଶ୍ୱରୂପ ପ୍ରଦର୍ଶନ କରିଥିଲେ । କିନ୍ତୁ ଦୁର୍ଯ୍ୟୋଧନ ତାଙ୍କୁ ଚିହ୍ନିପାରି ନ ଥିଲା । ଏହା ଏକ ଯାଦୁକରର ମାୟାଜାଲ ବୋଲି କହି ସଭାରେ ତାଚ୍ଛଲ୍ୟ ପ୍ରକାଶ କରିଥିଲା । ଏହା ଗ୍ରହଣଶୀଳତା ଅଭାବର ଏକ ଜ୍ୱଳନ୍ତ ନିଦର୍ଶନ । ଅହଂକାର, ଦମ୍ଭ, ସ୍ୱାର୍ଥପରତା, ଅଭିମାନ ପ୍ରଭୃତି ଗ୍ରହଣଶୀଳତାର ସମସ୍ତ ପ୍ରବେଶ ଦ୍ୱାରକୁ ବନ୍ଦ କରି ଦେଇଥା'ନ୍ତି । ଅନ୍ୟପକ୍ଷେ ଅଭୀପ୍ସା, ବିଶ୍ୱାସ, ସମର୍ପଣଭାବ, ଆନ୍ତରିକତା ରୂପକ ଇନ୍ଧନ ଗ୍ରହଣଶୀଳତାକୁ ସଂବୃଦ୍ଧ କରିଥାଏ । ❑

# ସୁସ୍ଥତାର ପରମ ଗୋପନୀୟତା

## (୧୦)

**ସୂର୍ଯ୍ୟକାନ୍ତି ମହାନ୍ତି**

### ଶୃଙ୍ଖଳା

ମନୁଷ୍ୟ ଶରୀରର ବାରଟି ମନଃଶକ୍ତି ମଧ୍ୟରୁ ଶୃଙ୍ଖଳା ଶକ୍ତି ହେଉଛି ଏକ ଶକ୍ତି । ଏହା ଅବଚେତନ ମନର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ଏବଂ ସୋଲାର୍ ପ୍ଲେକ୍ସସ୍‌ରେ ସ୍ନାୟୁ କେନ୍ଦ୍ରରେ ଓ ନାଭିର ପଛପଟେ ଅବସ୍ଥିତ । ଭାରତୀୟ ଦର୍ଶନ ଅନୁଯାୟୀ ଏହା ମଣିପୁର ଚକ୍ର ଭାବରେ ପରିଚିତ – ଯାହାର ରଙ୍ଗ ହଳଦୀ, ମୌଳିକ ଉପାଦାନ ଅଗ୍ନି ଏବଂ ଧ୍ୱନି ରାମ୍ ଅଟେ ।

ଏ ବିଶ୍ୱବ୍ରହ୍ମାଣ୍ଡ ସର୍ବଦା ଏକ ଦିବ୍ୟ ଶୃଙ୍ଖଳାରେ ପରିଚାଳିତ । ସେହିପରି ମଣିଷ ଶରୀରରେ ମଧ୍ୟ ସମସ୍ତ ପ୍ରକ୍ରିୟା ଶୃଙ୍ଖଳିତ ଭାବରେ କାର୍ଯ୍ୟରତ । ମାତ୍ର ମନ, ଶରୀର ଓ ପରିବେଶରେ ଅସଂହତି ଦେଖା ଦେଲେ ଏହା ଶୃଙ୍ଖଳା ଶକ୍ତିର ସଠିକ ବ୍ୟବହାର ଆବଶ୍ୟକ କରେ । ଏହା ମୁଖ୍ୟତଃ ଅନ୍ତର୍ଦେଶରୁ ହିଁ ଆରମ୍ଭ ହୁଏ ଯାହା ବହିର୍ଦେଶରେ ପ୍ରକାଶିତ ହୁଏ । ଯେହେତୁ ଏହି ଶୃଙ୍ଖଳା ଶକ୍ତିର ଅବସ୍ଥିତି ନାଭି କେନ୍ଦ୍ରର ଆବେଗିକ ଓ ଅବଚେତନ ଅଞ୍ଚଳରେ ଅଛି, ତେଣୁ ଏହା ସୂଚୀତ କରେ ଶୃଙ୍ଖଳା ହେଉଛି ପ୍ରଥମରେ ଏକ ଆବେଗିକ ଗୁଣ ସମ୍ପନ୍ନ ଶକ୍ତି ।

ଏଣୁ ଯେତେବେଳେ ମନେହୁଏ ଯେ ଜଣକ ଜୀବନରେ ସବୁକିଛି ବିଶୃଙ୍ଖଳିତ ହୋଇଯାଇଛି, ତାହାର ଅର୍ଥ ହେଉଛି ସେ ବ୍ୟକ୍ତିର ମନୋଭାବ ଓ ଆବେଗରେ ଗୋଳମାଳ ହୋଇଛି । ଏ ପରିସ୍ଥିତିରେ ନିଜର ଭାବନା ଓ ଅନୁଭୂତିକୁ ଶୃଙ୍ଖଳିତ କରିଲେ ବାହାରର ଲୋକ, ପରିସ୍ଥିତି ଏବଂ ଏପରିକି ଏ ବିଶ୍ୱ ବି ଶୃଙ୍ଖଳିତ ଭାବରେ ଉତ୍ତର ଦିଏ । ସେସମୟରେ ଜଣକର ଉଦ୍‌ବେଗ ଓ ଅବସାଦ ଆଦି ଭାବ ଉଭେଇଯାଏ । ଏପରିକି ସ୍ନାୟୁଗତ ଅବନତି, ହୃଦ୍‌ଘାତ, ଅତ୍ୟଧିକ ରକ୍ତଚାପ ଆଦି କମ୍ ହୋଇଯାଏ । ଏଣୁ ଡାକ୍ତର ବା ମାନସିକ ଚିକିତ୍ସାଳୟର ଆବଶ୍ୟକତା ବି କମ୍ ପଡ଼େ ।

ମାତ୍ର ଏହାକୁ ନିଜ ଭିତରେ କିପରି କାର୍ଯ୍ୟ କରିବାକୁ ଦିଆଯାଏ ? ଯେତେବେଳେ ଜଣେ ଏହି ଶୃଙ୍ଖଳା ମନଃଶକ୍ତିକୁ ଆବାହନ କରେ ସେତେବେଳେ ତା' ଶରୀରର ସମସ୍ତ ଅଙ୍ଗ ଏହି ଦିବ୍ୟ ଶକ୍ତି ଅନୁଯାୟୀ କାର୍ଯ୍ୟ କରିବା ଆରମ୍ଭ କରେ । ଏଣୁ କୁହାଯାଏ ଯେ ଜୀବନର ସମସ୍ତ କର୍ମ ସୁନ୍ଦର ଓ ଶୃଙ୍ଖଳିତ ଭାବରେ କର । ଯଦି ପରିବାର ମଧ୍ୟରେ ଅସଙ୍ଗତି ଦେଖାଦିଏ, ଏହାର ଅର୍ଥ – ପରିବାରର ସଦସ୍ୟମାନଙ୍କର ବିଶୃଙ୍ଖଳିତ ମନୋଭାବ ବା ବୁଝାମଣାର ଅଭାବ ହୋଇଛି । ସେହିପରି କାର୍ଯ୍ୟକ୍ଷେତ୍ର ବା ବ୍ୟବସାୟ କ୍ଷେତ୍ରରେ ଉଦ୍‌ବେଗ ସୃଷ୍ଟି ହେଲେ ମାନସିକ ଓ ଶାରୀରିକ ଅସୁସ୍ଥତା ସହିତ ଆର୍ଥିକ କ୍ଷତି ସହିବାକୁ ହୁଏ ।

ସାଧାରଣତଃ କୁହାଯାଏ ଯେ ଦିନଟିକୁ ସୁବ୍ୟବସ୍ଥିତ ଭାବରେ ଚଳାଇବାକୁ ହେଲେ ପ୍ରଥମେ ନିଜକୁ ସଙ୍ଗଠିତ ଓ ସୁଶୃଙ୍ଖଳିତ କରିବା ଆବଶ୍ୟକ ଏବଂ ଜୀବନରେ ସାଫଲ୍ୟ ଲାଭ କରିବାକୁ ହେଲେ ପ୍ରଥମେ ଏକ ଚମତ୍କାର ଯୋଜନା ପ୍ରସ୍ତୁତ କରି ଏହାକୁ ସମ୍ପାଦନ କର । ବିଭିନ୍ନ ଲୋକ ଭିନ୍ନ ଭିନ୍ନ କ୍ଷେତ୍ରରେ ଓ ଭିନ୍ନ ଭିନ୍ନ ଭାବରେ କାମ କରୁଥିଲେ ମଧ୍ୟ ସମାନ ଭାବରେ ସଫଳ ବ୍ୟକ୍ତି ହୋଇଥା'ନ୍ତି । ଏଣୁ ସେମାନଙ୍କ ଜୀବନ ଶୈଳୀ ବା କାର୍ଯ୍ୟଧାରାକୁ ନେଇ କୌଣସି ଭଲ ବା ମନ୍ଦ – ଏପରି ବିଚାର କରାଯାଇ ନ ପାରେ, ବରଂ ପ୍ରତ୍ୟେକେ ନିଜ ଜୀବନର କାର୍ଯ୍ୟକ୍ରମର ଶୃଙ୍ଖଳାକୁ ଖୋଜି ବାହାର କରିବା ଆବଶ୍ୟକ । ପୁନଶ୍ଚ ଦେଖାଯାଏ ଯେ ଅନେକ ଲୋକଙ୍କର ଜୀବନରେ ଆପେକ୍ଷିକ ଅସଂହତି କାରଣରୁ ପାକସ୍ଥଳୀ ଏବଂ ନାଭି ନିକଟବର୍ତ୍ତୀ ଅଞ୍ଚଳରେ ଶାରୀରିକ ଅସୁସ୍ଥତା ଦେଖାଦିଏ । ଏହି ପରିସ୍ଥିତିରେ ନିଜକୁ ନିଜେ ବାରଂବାର କହିହୁଅ 'ଦିବ୍ୟ ଶୃଙ୍ଖଳା ମୋ ଭିତରେ କାର୍ଯ୍ୟକାରୀ ହେଉ' । ଏପରି କଲେ ଧୀରେ ଧୀରେ ସୁସ୍ଥତା ଆସିଥାଏ । ଏପରିକି ଆର୍ଥିକ ଓ ପାରିବାରିକ ସଙ୍କଟ କ୍ଷେତ୍ରରେ ବି ଏହି ସକାରାତ୍ମକ ଭାବ କାର୍ଯ୍ୟ କରିଥାଏ ।

ଏମିତି ଏକ ଘଟଣା ଘଟିଥିଲା ଏକ ମରୁଭୂମି ଅଞ୍ଚଳରେ । କାର୍‌ରେ ସ୍ୱାମୀ ଓ ସ୍ତ୍ରୀ ତାଙ୍କର ଛୋଟ ପୁଅଟିକୁ ନେଇ ମରୁଭୂମି ରାସ୍ତା ଦେଇ ଯାତ୍ରା କରିବା ସମୟରେ ହଠାତ୍ ବ୍ରେକ୍ ଅଚଳ ହୋଇଗଲା । ସେମାନେ କ'ଣ କରିବେ ବୋଲି ବ୍ୟସ୍ତ ହୋଇ

ପଡ଼ିଲେ । ତେବେ ସ୍ତ୍ରୀ ଜଣକ ଶାନ୍ତ ଭାବରେ ଏ ବିଶ୍ୱରେ, ଶରୀର ମଧ୍ୟରେ ତଥା ନାଭି କେନ୍ଦ୍ରରେ କାମ କରୁଥିବା ଶୃଙ୍ଖଳା ଶକ୍ତିକୁ ପ୍ରାର୍ଥନା କରି ଆବାହନ କରିବାକୁ ଲାଗିଲେ । ଆଶ୍ଚର୍ଯ୍ୟର କଥା ଯେ ଅଳ୍ପ ସମୟ ମଧ୍ୟରେ ସେହି ମରୁଭୂମି ଅଞ୍ଚଳରେ ଏକ ସର୍ଭିସ୍ ଷ୍ଟେସନ ମିଳିଗଲା । ସେମାନେ ଜାଣି ଆଶ୍ଚର୍ଯ୍ୟ ହେଲେ ଯେ ପ୍ରାୟ ପଚାଶ ମାଇଲ ପରିମିତ ଅଞ୍ଚଳରେ ସେହି ଏକମାତ୍ର ସର୍ଭିସ୍ ଷ୍ଟେସନଟି ରହିଥିଲା ।

ଏହିପରି ଆହୁରି ବହୁ ଘଟଣାରେ ଦିବ୍ୟ ଶୃଙ୍ଖଳାକୁ ଆବାହନ କରି ଲୋକମାନେ ଶାରୀରିକ ସୁସ୍ଥତା ଲାଭ ଏବଂ ଭୟ ଆଦି ପରିବେଶରୁ ମୁକ୍ତି ପାଇଛନ୍ତି । ଅବଶ୍ୟ ଏଥିପାଇଁ ଆବଶ୍ୟକ ହୋଇଥାଏ ଜଣକ ଜୀବନର କାର୍ଯ୍ୟଧାରାରେ, ଭାଷାରେ, ଭାବନାରେ ଓ କଳ୍ପନାରେ ଶୃଙ୍ଖଳିତ ଆଚରଣ । ତା'ହେଲେ ତା' କୋଷର ପୁନର୍ଗଠନ ହୋଇପାରେ ଏବଂ ଏପରିକି ନିଜର ଲୁକ୍‌କାୟିତ ପ୍ରତିଭା ବି ପ୍ରକାଶିତ ହୁଏ । ସାଧାରଣତଃ ଏହାକୁ ଅଲୌକିକ ପରିବର୍ତ୍ତନ କୁହାଯାଏ । ତଥାପି ବି ଯଦି ଜଣେ ଗୋଟିଏ ପଟେ ସମୃଦ୍ଧି ଚାହିଁଲା ବେଳେ ଅନ୍ୟପଟେ ବିଶୃଙ୍ଖଳିତ ଭାବନା ଧରି ରଖେ, ତା'ହେଲେ ଜୀବନ ଓ ପରିବେଶରେ ସୃଷ୍ଟି ହୁଏ ଅସଂହତି । ଯେପରି ଏକ ସମାଜର ପରିଚାଳନା ପାଇଁ ଆଇନ ଶୃଙ୍ଖଳା (law and order)ର ଆବଶ୍ୟକ ହୁଏ, ସେହିପରି ମନ ଓ ଶରୀରର ସୁସ୍ଥତା ପାଇଁ ନିଜ ଭିତରର ଆଇନ ଶୃଙ୍ଖଳା ବି ଆବଶ୍ୟକ । ଏସବୁ ମଣିଷ ଜାଣିବା ଦରକାର । ତା'ହେଲେ ଯାଇ ସେ ତା' ନିଜ ଜୀବନକୁ ପରିଚାଳିତ କରିପାରିବ ।

ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଶାରୀରିକ ସୁସ୍ଥତା ପାଇଁ ଦିବ୍ୟ ଶୃଙ୍ଖଳାକୁ ଆବାହନ କଲେ ପ୍ରାୟତଃ ଜଣକର ଖାଦ୍ୟ ଖାଇବାର ରୁଚି ବଦଳି ଯାଏ । କେବଳ ତା'ର ସ୍ୱାସ୍ଥ୍ୟ ପାଇଁ ଯାହା ସର୍ବୋତ୍ତମ ଖାଦ୍ୟ, ତାହା ହିଁ ସେ ଖାଇବାକୁ ଇଚ୍ଛା କରେ । ଏପରିକି ଧୂମପାନ ବନ୍ଦ କରିବାକୁ ଓ ଓଜନ କମାଇବାକୁ ଇଚ୍ଛା କଲେ ଏକ ଦିବ୍ୟଶକ୍ତି ତା'କୁ ସାହାଯ୍ୟ କରିଥାଏ । ଯେ-ପର୍ଯ୍ୟନ୍ତ ଜଣେ ପ୍ରକୃତିର ମନ୍ଥର ଧାରା ଉପରେ ବିଶ୍ୱାସ କରୁଥାଏ ସେପର୍ଯ୍ୟନ୍ତ ସେ ମନ୍ଥର ନିୟମରେ ଚାଲିଥାଏ । ମାତ୍ର ଯେତେବେଳେ ସେ ନିଜ ଭିତରେ କାର୍ଯ୍ୟ କରିବାକୁ ଏକ ଉଚ୍ଚତର ଶକ୍ତିକୁ ଆବାହନ କରେ ସେତେବେଳେ ଏକ ଭିନ୍ନ ଧରଣର ନିୟମର ଅନ୍ତର୍ଭୁକ୍ତ ହୋଇଯାଏ । ଏହିପରି ଭାବରେ ଜଣେ ତା' ଭାବନା ମାଧ୍ୟମରେ ନିର୍ମାଣ କରିପାରେ ନୂତନ କୋଷ । ଶୃଙ୍ଖଳିତ ଭାବନା ସୃଷ୍ଟି କରେ ଶୃଙ୍ଖଳିତ କୋଷ ।

ଏକଦା ଜଣେ ବ୍ୟବସାୟୀ ଆର୍ଥିକ କ୍ଷତିର ଦୁଃଖରେ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଲେ । ଦିନେ ସେ ଶାନ୍ତି ଓ ସମୃଦ୍ଧି ଲାଭର ଗୁପ୍ତ ରହସ୍ୟ ବିଷୟରେ କୌଣସି ସାଧୁଙ୍କର ଭାଷଣ ଶୁଣିଲେ । ତାଙ୍କ ମନକୁ ସେକଥା ଛୁଇଁଲା । ତା'ପରେ ସେ ନିଜ ରାସ୍ତାରେ ପୁଣି ଥରେ ଆଗେଇ ଯିବା ପାଇଁ ମନ ଦୃଢ଼ କଲେ । ଆଉ ପରବର୍ତ୍ତୀ ସମୟରେ ସେହି ବ୍ୟକ୍ତି ହିଁ ବ୍ୟବସାୟରେ ଚରମ ଶିଖରରେ ପହଞ୍ଚି ପାରିଥିଲେ ।

ସେହିପରି ଅନ୍ୟ ଏକ ଘଟଣା । ଜଣେ ରୋଗୀର ଶରୀରରେ ବିଭିନ୍ନ ପ୍ରକାର ଶାରୀରିକ ଜଟିଳତା ଦେଖା ଦେଲା । ସମସ୍ତ ପ୍ରକାର ଚିକିତ୍ସା ସତ୍ତ୍ୱେ ବି ଯନ୍ତ୍ରଣା କମ୍ ହେଲା ନାହିଁ । ଶେଷରେ ସେ ଜଣେ ଆଧ୍ୟାତ୍ମିକ ଗୁରୁଙ୍କ ନିକଟକୁ ଯାଇ ନିଜର କଷ୍ଟ ଜଣାଇଲା । କଥା ପ୍ରସଙ୍ଗରେ ଗୁରୁ ତା' ଜୀବନ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଲେ । ସେ ଜାଣିବାକୁ ପାଇଲେ ଯେ ରୋଗୀ ତା' ପରିବାରଠାରୁ ଅନ୍ୟାୟର ଶିକାର ହୋଇଛି । ସେହି ଚିନ୍ତାରୁ ସେ ମୁକୁଳି ପାରୁ ନାହିଁ । ଏଣୁ ଗୁରୁ ତାକୁ ପରାମର୍ଶ ଦେଇଥିଲେ ନିଜ ମୁଣ୍ଡରୁ ସେ ଚିନ୍ତାଧାରାକୁ ବାହାର କରି ଦେବାକୁ । ଶୀଘ୍ର ନ ହେଲେ ବି ଧୀରେ ଧୀରେ ରୋଗୀ ତାହା ହିଁ କରିବାକୁ ସକ୍ଷମ ହେଲା । ତା'ପରେ ତା' ମନ ଭିତରୁ ଅନ୍ୟାୟର ଭାବନା ଓ ବିଚଳିତ ଅବସ୍ଥା ଚାଲିଗଲା । ତା'ର ବିରକ୍ତିଭାବ ଓ ଉଦ୍‌ବିଗ୍ନତା କମ୍ ହେବାରେ ଲାଗିଲା । ଧୀରେ ଧୀରେ ସେ ଧୈର୍ଯ୍ୟବାନ୍ ହେଲା । ଏମିତି ସମୟ ଆସିଲା ବିନା ଚେଷ୍ଟାରେ ସେ ରାତ୍ରୀରେ ସୁନିଦ୍ରା ଗଲା । ଦିନେ ରୋଗୀ ଜଣକ କହି ଉଠିଲା 'ମୁଁ ଶାନ୍ତିରେ ଅଛି' ।

ବାସ୍ତବରେ ମନୁଷ୍ୟ ହେଉଛି ଏକ ଶକ୍ତି ଗୃହ । ଏହି ଶକ୍ତି ଗଠନମୂଳକ ଭାବରେ କାର୍ଯ୍ୟ କରେ । ମାତ୍ର ଏହାକୁ ଲାଭ କରିବାକୁ ହେଲେ ପ୍ରଥମେ ନିଜ ଭିତରର ମନଃଶକ୍ତିକୁ ଆବିଷ୍କାର କରିବାକୁ ପଡ଼ିବ ଏବଂ ଦ୍ୱିତୀୟରେ ଅଭ୍ୟାସପୂର୍ବକ, ଦକ୍ଷତାର ସହ ନିଜକୁ ଅଧିକ ଶୃଙ୍ଖଳିତ କରିବାକୁ ହେବ । ତା' ହେଲେ ଏହି ଶକ୍ତି ଅଙ୍ଗପ୍ରତ୍ୟଙ୍ଗକୁ ମଜଭୁତ କରିବ, ସମଗ୍ର ଚେତନାକୁ ଉନ୍ନତ କରିବ ଏବଂ ମନରେ ସାହସ ଓ ସହନଶୀଳତା ପ୍ରଦାନ କରିବ । ପ୍ରତିଦିନ ଔଷଧର ମହାସାଗରକୁ ଯେପରି ଖିଆ ଯାଉଛି, ଲକ୍ଷ ଲକ୍ଷ ଡାକ୍ତର ତାଙ୍କର ଶକ୍ତି ଖଟାଉଛନ୍ତି, ଏସବୁ କେବଳ ସୁସ୍ଥତା ଲାଭ ପାଇଁ ହିଁ ଚାଲିଛି । ମାତ୍ର ଯଦି ମଣିଷ

ଏକ ମହାଜାଗତିକ ଶୃଙ୍ଖଳା ଶକ୍ତିକୁ ତା' ନିଜ ଭିତରେ କାର୍ଯ୍ୟକାରୀ କରାଏ, ନିଜ ଅନ୍ତର୍ନିହିତ ଶକ୍ତିକୁ ଗଠନମୂଳକ ଭାବରେ ବ୍ୟବହାର କରେ, ତେବେ ଏ ମାନବଜାତି ଅସୁସ୍ଥତାରୁ ମୁକ୍ତି ପାଇପାରିବ ।

ଏହା ସହିତ ବ୍ୟକ୍ତିଗତ ଜୀବନରେ ମଧ୍ୟ ବିଭିନ୍ନ ପରିବର୍ତ୍ତନ ଦେଖାଦେବ । ଏପରିକି ଜୀବନ ପ୍ରତି ମଣିଷର ଦୃଷ୍ଟିଭଙ୍ଗୀ ବଦଳିଯିବ ଏବଂ ସେ ଉଚ୍ଚମନା ସମ୍ପନ୍ନ ହେବ । ତା'ର କ୍ଷୁଦ୍ର ସୀମିତ ପୃଥିବୀ ରୂପାନ୍ତରିତ ହୋଇଯିବ ଏକ ପ୍ରୟୋଜନୀୟ ବୃହତ୍ତର ଓ ମହାନ୍ ପୃଥିବୀରେ । ଏଭଳି ପରିସ୍ଥିତିରେ ତା'ର ପୃଥିବୀ ପ୍ରତି ଓ ନିଜ ଜୀବନ ପ୍ରତି କୃତଜ୍ଞତା ଭାବ ସୃଷ୍ଟି ହେବ । ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଏପରି ସମୟରେ ନାଭିର ପଛପଟେ ଥିବା ସ୍ନାୟୁ କେନ୍ଦ୍ରରୁ ଦିବ୍ୟ ଶୃଙ୍ଖଳାର ଏକ ସ୍ରୋତ ଝରି ଆସେ ଏବଂ ମଣିଷ ଲାଭ କରେ ଶକ୍ତି, ସ୍ଥିରତା, ସୁସ୍ଥତା, ସଂହତି, ସମୃଦ୍ଧି ଓ ଶାନ୍ତି । ଆଉ ସେତେବେଳେ ସେ ଅନୁଭବ କରିବ ଯେ ଏ ସମଗ୍ର ବିଶ୍ୱ-ବ୍ରହ୍ମାଣ୍ଡକୁ ଏକ ଦିବ୍ୟ ହସ୍ତ ପରିଚାଳନା କରୁଛି; ଯାହା ମଣିଷକୁ ମହାଜାଗତିକ ନିରାପତ୍ତା ପ୍ରଦାନ କରୁଥାଏ । ତା'ପରେ ସେ ଜାଣିବ ଯେ 'ଦିବ୍ୟ ଶୃଙ୍ଖଳା'ର ରହିଛି ଏକ ରହସ୍ୟମୟ ଶକ୍ତି, ଯାହା ମାଧ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ନିଜକୁ ଓ ମାନବଜାତିକୁ ସୁରକ୍ଷିତ କରି ହେବ ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.

# ତୋର ଦରଶନେ

## କୁଳମଣି ରାଉତ

ତୋର ଦରଶନେ ଆସିଥିଲି ମାଆ ଥରେ ଫେବ୍ରୁଆରୀ ମାସରେ
ଆଶ୍ରମେ ପହିଲେ ପାଇଗଲି ତୋତେ ମହମହ ଫୁଲ ବାସରେ ।
ସମାଧି ନିକଟେ ଦେଖିଲି ତୋତେ ମା ଶହ ଶହ ଭକ୍ତ ମେଳରେ
ଦିଶୁଥିଲ ମାଆ ମାର୍ଚ୍ଚ-ପାଷ୍ଟରେ ଗହଗହ ସଞ୍ଜ ବେଳରେ ।

କୋଠରି ଭିତରେ କି କିମିଆଁ କଲୁ କହିପାରୁ ନାହିଁ କଥାରେ
ମୁଁ ତୋତେ ଦେଖିଲି, କିବା ତୁ ମତେ ହେଜିପାରୁ ନାହିଁ ମଥାରେ ।
ପାଦ ଦବୁଥିଲା ହାତ ଥରୁଥିଲା ଲୁହ ଭରିଥିଲା ଆଖିରେ
କିଏ କହିଦେଲା ଚାଲରେ ଧନ ଉଡ଼େଇ ସାଧନା ପକ୍ଷୀରେ ।

ମହାଲକ୍ଷ୍ମୀ ରୂପେ ଦେଖିଲି ତୋତେ ମା ଅମୃତ ଭୋଜନାଳୟରେ
ମହାସରସ୍ୱତୀ ରୂପରେ ଦେଖିଲି ଶବ୍ଦର ଗ୍ରନ୍ଥାଗାରରେ ।
ତୋ' ଆନନ୍ଦମୟୀ ରୂପକୁ ଦେଖିଲି ଗୋଶାଳା, ହରିତ କେଦାରେ
ତୋ' ଚୈତନ୍ୟମୟୀ ସତ୍ତାକୁ ପାଇଲି ଅରୋଭିଲ୍ ମାତୃ ମନ୍ଦିରେ ।
ଅନେକ ପୁଲକ ଅନେକ ମହକ ପାଇଲି ତୋ' ଦରଶନରେ
ତୋ' କରୁଣା ବାରି ପଡୁ ସଦା ଝରି ଭିଜୁ ଆମ ଦେହ, ମନରେ । ❑

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୧)

## ଗୟାଧର ଦାଶ

### ଶିଶୁର ଆବଶ୍ୟକତା

(୫)

### ଚୈତ୍ୟ ଆବଶ୍ୟକତା :

**(କ) ଆତ୍ମନିର୍ଭରଶୀଳତା, ସ୍ୱାତନ୍ତ୍ର୍ୟ ଓ ନିରାପତ୍ତାର ଆବଶ୍ୟକତା :** ଏହା ଚୈତ୍ୟ ଆବଶ୍ୟକତାର ଗୋଟିଏ ଦିଗ । ପ୍ରତ୍ୟେକ ପିଲା ଏକ ସୁରକ୍ଷିତ ଓ ଶୃଙ୍ଖଳିତ ପରିବେଶ ମଧ୍ୟରେ କାର୍ଯ୍ୟ କରିବାକୁ ଭଲପାଏ । ପିଲାଟି ନିଜକୁ ପୂର୍ଣ୍ଣଭାବେ ସ୍ୱତନ୍ତ୍ର ବା ମୁକ୍ତ ବୋଲି ଅନୁଭବ କରି ପାରିଲେ ତା'ର ଅଗ୍ରଗତି ସ୍ୱାଭାବିକ ହୋଇଥାଏ । ପିଲାଟି ସବୁବେଳେ ସହଜ, ନିରସ କାମ କରିବାକୁ ଭଲ ପାଏନା । ତା'ର ଅନୁସନ୍ଧିତ୍ସୁ ମନ ନୂତନ କିଛି ଚାହେଁ । ତେଣୁ ସେ କଷ୍ଟକର ତଥା ଦୁଃସାହସିକ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରେ । ସେହି କ୍ଷେତ୍ରରେ ସେ ନିରାପତ୍ତା ଚାହେଁ । ତେଣୁ ପରିବେଶଟି ଏପରି ନିରାପତ୍ତା ଯୋଗାଇ ଦେବ ଯେପରି ସେ କେବେ ବି ନିଜକୁ ଅସହାୟ ବା ଅସୁରକ୍ଷିତ ବୋଲି ଅନୁଭବ କରିବ ନାହିଁ । ତା'ର ଏପରି ଧାରଣା ଜାତ ହେବା ଉଚିତ ଯେ ତା'ର କାର୍ଯ୍ୟରେ ତାକୁ ଆବଶ୍ୟକ ସମର୍ଥନ ମିଳୁଛି ଏବଂ ସେ ନିଜର ସ୍ୱାତନ୍ତ୍ର୍ୟର ଅପବ୍ୟବହାର ନ କରି ତାହାକୁ ଆତ୍ମ-ଶୃଙ୍ଖଳାରେ ପରିଣତ କରି ପାରୁଛି, ଯାହା ତା'ର ଅଗ୍ରଗତିରେ ସହାୟକ ହୋଇ ପାରୁଛି । ପିଲା ନିଜେ ସାହାଯ୍ୟ ଆବଶ୍ୟକ ନ କଲା ପର୍ଯ୍ୟନ୍ତ, ନିଜେ ନ ଚାହିଁଲା ପର୍ଯ୍ୟନ୍ତ ତା' କାମରେ ହସ୍ତକ୍ଷେପ କରିବା ଅନୁଚିତ । ସାଧାରଣତଃ ଅନେକ ପିଲା କେଉଁ ସ୍ତରରେ କି ପ୍ରକାର ସାହାଯ୍ୟ ଚାହାଁନ୍ତି ତାହା ସେମାନେ ଠିକ୍ ରୂପେ ଜାଣି ପାରନ୍ତି ନାହିଁ, ସେଥିପାଇଁ ମାତାପିତା ଓ ଶିକ୍ଷକମାନେ ତା'ର ପାଖେ ପାଖେ ଥାଇ ତା'ର କାର୍ଯ୍ୟକୁ ନିରୀକ୍ଷଣ କରିବା ଉଚିତ । ଯେତେବେଳେ ସେମାନେ ଅନୁଭବ କରିବେ ଯେ ସେମାନଙ୍କର ସାହାଯ୍ୟ ବିନା ପିଲାଟିର କାର୍ଯ୍ୟରେ ଅଗ୍ରଗତି ହୋଇପାରିବ ନାହିଁ ସେତେବେଳେ ସେମାନେ ଶ୍ରଦ୍ଧାର ସହ ତା' ଆଗରେ କିଛି ପରାମର୍ଶ ବା ସୂଚନା ରଖିବାକୁ ଚେଷ୍ଟା କଲେ ପିଲାଟିର ଆଗ୍ରହ ବଢ଼େ ଏବଂ ସେ ଦୁଃସାଧ୍ୟ କାର୍ଯ୍ୟ କରିବାକୁ ମଧ୍ୟ ପଛଘୁଞ୍ଚା ଦିଏନା । ପିଲାଠାରେ ଏପରି ଦୃଢ଼ ନିଶ୍ଚିତତା ଓ ସୁରକ୍ଷିତ ଭାବ ଆଣି ଦେବା ସକାଶେ ମାତାପିତା ଓ ଶିକ୍ଷାଦାତା ନିଜର ପ୍ରୟାସରୁ କେବେ ବି ବିରତ ହେବା ଉଚିତ ନୁହେଁ । ସ୍ୱାତନ୍ତ୍ର୍ୟ ଓ ସମର୍ଥନ ଦୁଇଟି ପରସ୍ପର ସାହାଯ୍ୟକାରୀ ଉପାଦାନ ଯାହା ପିଲା ତା'ର ମାତାପିତା ଓ ଶିକ୍ଷକଙ୍କଠାରୁ ଚାହିଁଥାଏ ଏବଂ ମାତାପିତା ଓ ଶିକ୍ଷକ ଯେ ତା'ର  ବିଶ୍ୱାସଯୋଗ୍ୟ ହୁଅନ୍ତୁ ଏହା ମଧ୍ୟ ସେ ଚାହେଁ । ଯେତେବେଳେ ପିଲାଟି ତା'ର ସ୍ୱାଧୀନ କାର୍ଯ୍ୟଟି ପାଇଁ ନିଜ ଭିତରୁ ପ୍ରେରଣା ପାଇବ, ଏପରିକି ତା'ର ସୁରକ୍ଷାଟି ମଧ୍ୟ ସେଇ ଚୈତ୍ୟକେନ୍ଦ୍ରରୁ ଆସୁଛି ବୋଲି ସେ ଅନୁଭବ କରିପାରିବ ସେତେବେଳେ ସେ ସ୍ୱତଃ ଆତ୍ମ-ନିୟନ୍ତ୍ରଣରେ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରି ପାରିବ ।

ଅନେକ ସମୟରେ ପିଲାଟି ନିଜର ପସନ୍ଦ ମୁତାବକ ଶୃଙ୍ଖଳାଟିଏ ଗ୍ରହଣ କରିଥାଏ । ସେ ନିଜେ ତା'ର ପାଠ୍ୟପୁସ୍ତକ ବାଛେ, ପଢ଼ିବା, ଖାଇବା, ଶୋଇବା, ଖେଳିବା ଆଦିର ସମୟ ନିର୍ଦ୍ଧାରଣ କରେ, ମନ ପସନ୍ଦର ପୋଷାକ ପିନ୍ଧେ, ନିଜର ଜିନିଷପତ୍ର ସଜାଇ ରଖେ, ନିଜ ପାଇଁ ଏକ ରୁଟିନ୍ ତିଆରି କରେ ଏବଂ କେଉଁ କାର୍ଯ୍ୟ କି ଉପାୟରେ, କେତେବେଳେ, କେତେ ସମୟ ପର୍ଯ୍ୟନ୍ତ କରିବାକୁ ହେବ ତାହା ମଧ୍ୟ ସେ ଠିକ୍ କରେ । ପିଲାଟି ଯଦି ଏସବୁରେ ଆନନ୍ଦ ପାଉଛି ଏବଂ ଆତ୍ମ-ନିର୍ଭରଶୀଳ ହୋଇ କାର୍ଯ୍ୟଟିକୁ ସଫଳତାର ସହ ସମ୍ପାଦନ କରି ପାରୁଛି ତେବେ ଏଥିପାଇଁ କୌଣସି ବାଧା ସୃଷ୍ଟି ନ କରି ତାକୁ ତା'ର କାର୍ଯ୍ୟରେ ଉତ୍ସାହିତ କରିବା ବିଧେୟ । ପିଲାଟିର ମନରେ କୌଣସି ଭୟ, ସଙ୍କୋଚ, ବିଷାଦ ଯେପରି ନ ରହୁ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ସେ ଯେପରି ସର୍ବଦା ଖୁସି ମନରେ ରହୁ, ଖୁସିରେ କାର୍ଯ୍ୟ କରୁ ଏବଂ ଫୁଲଟିଏ ହସୁଥିବା ପରି ହସୁଥାଉ, ସେଥିପାଇଁ ସୁବିଧା, ସୁଯୋଗ ଓ ପରିବେଶ ସୃଷ୍ଟି କରିବା ପ୍ରତ୍ୟେକ ମାତାପିତା ଓ ଶିକ୍ଷକଙ୍କର କର୍ତ୍ତବ୍ୟ ।

**(ଖ) ସୌନ୍ଦର୍ଯ୍ୟର ଆବଶ୍ୟକତା :** ଏହା ମଧ୍ୟ ଚୈତ୍ୟ ଆବଶ୍ୟକତାର ଅନ୍ୟ ଏକ ଦିଗ । ସବୁ ପ୍ରକାର

ସୌନ୍ଦର୍ଯ୍ୟ ମଧ୍ୟରେ ପିଲାଟି ଚୈତ୍ୟ-ସୌନ୍ଦର୍ଯ୍ୟ ପ୍ରତି ବେଶୀ ମାତ୍ରାରେ ସମ୍ବେଦନଶୀଳ ହୋଇଥାଏ । ଆତ୍ମ-ପ୍ରକାଶନ ଓ ଆତ୍ମ-ବିକାଶ ପାଇଁ ଚୈତ୍ୟ-ସୌନ୍ଦର୍ଯ୍ୟର ଆବଶ୍ୟକତା ରହିଛି । ଚୈତ୍ୟ-ସୌନ୍ଦର୍ଯ୍ୟଟି ଐକ୍ୟ, ସଂହତି, ପ୍ରେମ ଓ ଆନନ୍ଦକୁ ବହନ କରିଥାଏ । ପିଲାଟି ଏପରି ଏକ ବାତାବରଣ ମଧ୍ୟରେ ରହିବାକୁ ଚାହେଁ ଯଦ୍ୱାରା ତା' ର ଚୈତ୍ୟସତ୍ତାର ପ୍ରଭାବ ତା' ଉପରେ ପଡ଼ି ପାରିବ ଏବଂ ସେ ତା'ର ଚୈତ୍ୟସତ୍ତା ସହିତ ସଂଯୁକ୍ତ ହୋଇ କାର୍ଯ୍ୟ କରି ପାରିବ । ଏହା ଦ୍ୱାରା ତା' ଭିତରେ ଚୈତ୍ୟ ସ୍ୱଭାବ ବିକଶିତ ହୁଏ ଏବଂ ସେ ଅନେକ ଦିବ୍ୟ ଗୁଣର ଅଧିକାରୀ ହୁଏ । ଯଦି ସେ ଏକ କୃତ୍ରିମ ଓ ପ୍ରତିକୂଳ ପ୍ରଭାବ ପଡୁଥିବା ପରିବେଶ ମଧ୍ୟରେ ରହେ ତେବେ ତା'ର ଅନ୍ତରାତ୍ମା ଛଟପଟ ହୁଏ ଏବଂ ତାହାର ମନ, ପ୍ରାଣ ଓ ଶରୀର ପଶ୍ଚାତକୁ ଚାଲିଯାଇ ଏକ ଆବରଣ ମଧ୍ୟରେ ଢାଙ୍କି ହୋଇ ରହେ । ଏପରି ସ୍ଥଳେ ପିଲାଟିର ଅଗ୍ରଗତି ହୋଇ ପାରେନା । ଅନେକ ଦୁଃଖକଷ୍ଟ ଓ ଯନ୍ତ୍ରଣାଦାୟକ ପରିସ୍ଥିତି ମଧ୍ୟରେ ଗତି କରି ସାରିଲା ପରେ ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ଏବଂ ସେ ନିଜର ଦୃଢ଼ ଇଚ୍ଛା ଶକ୍ତି ପ୍ରୟୋଗ କରି ଏପରି ଅପ୍ରୀତିକର ପରିସ୍ଥିତିରୁ ମୁକୁଳିବା ସକାଶେ ଉଦ୍ୟମ ଜାରି ରଖେ । ତେଣୁ ତା'ର ଅନେକ ସମୟ ନଷ୍ଟ ହୋଇଯାଏ, ଏପରିକି ଗୋଟିଏ ଜୀବନର ଅବଧି ମଧ୍ୟ ନଷ୍ଟ ହୋଇପାରେ ।

ସାଧାରଣତଃ ପିଲାଟିର ଚୈତ୍ୟାତ୍ମା ବ୍ୟକ୍ତି ସତ୍ତାର ସମ୍ମୁଖରେ ଥାଏ । ଚୈତ୍ୟାତ୍ମା ସହ ମନ, ପ୍ରାଣ ଓ ଶରୀରର ଆତ୍ମୀୟତା ରହିଲେ ସବୁକିଛି ସୁସଙ୍ଗଠିତ ଓ ଶୃଙ୍ଖଳିତ ହୋଇଥାଏ । ପିଲାଟି ଯଦି ନିଜର ଚୈତ୍ୟାତ୍ମା ସହ କଥାବାର୍ତ୍ତା ହୁଏ ତେବେ ସେ ସେହି ଚୈତ୍ୟ କେନ୍ଦ୍ରରୁ ପ୍ରେରଣା ପାଇ ନିଜର ତ୍ରୁଟିକୁ ସଂଶୋଧନ କରିବା ସହ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାରେ ସକ୍ଷମ ହୋଇଥାଏ ।

ନୈତିକ ବା ଚରିତ୍ରଗତ ସୌନ୍ଦର୍ଯ୍ୟ ପ୍ରତି ପିଲାର ଏକ ଆକର୍ଷଣ ରହିଛି । ଏତଦ୍‌ବ୍ୟତୀତ ଭୌତିକ ସୌନ୍ଦର୍ଯ୍ୟ, ପ୍ରାଣିକ ସୌନ୍ଦର୍ଯ୍ୟ ଓ ମାନସିକ ସୌନ୍ଦର୍ଯ୍ୟକୁ ମଧ୍ୟ ସେ ଭଲ ପାଏ । ସୌନ୍ଦର୍ଯ୍ୟ ମଧ୍ୟରେ ଅନ୍ତରାତ୍ମା ନିଜକୁ ପ୍ରକାଶ କରନ୍ତି । ଚୈତ୍ୟର ସ୍ୱଭାବ ସହିତ ପିଲାର ସ୍ୱଭାବ ସମ୍ବନ୍ଧିତ ହୋଇଥିବାରୁ ସେ ଯେଉଁଠାରେ ଚୈତ୍ୟ ସ୍ୱଭାବ ଦେଖେ ତାହାକୁ ପସନ୍ଦ କରେ । ସାହସିକତା, ଧୈର୍ଯ୍ୟ ଓ ସହନଶୀଳତା, ଆନ୍ତରିକତା, ଉଦାରତା, ନମ୍ରତା, ଶୁଦ୍ଧତା, ସରଳତା ଓ ନିଷ୍କପଟତା, ସ୍ପଷ୍ଟବାଦିତା, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା, ସତ୍ୟବାଦିତା, ସଚ୍ଚୋଟତା, ଭକ୍ତି, ଶ୍ରଦ୍ଧା, ବିଶ୍ୱାସ, ତ୍ୟାଗ ଓ କୃତଜ୍ଞତା ଆଦି ଚୈତ୍ୟର ସ୍ୱାଭାବିକ ଗୁଣ ଅଟେ । ଏହି ସ୍ୱଭାବର ସ୍ପନ୍ଦନ ଯେଉଁଠି ମିଳେ ପିଲାଟି ସେଇ ଆଡ଼କୁ ଆକର୍ଷିତ ହୋଇଥାଏ । ପ୍ରକୃତିର ମନୋରମ ପରିବେଶ ପ୍ରତି ପିଲାର ଏକ ଅହେତୁକ ଆକର୍ଷଣ ରହିଛି । ପ୍ରକୃତିର କୋଳରେ ଖେଳିବାକୁ ଏବଂ ପ୍ରକୃତି ସହିତ କଥା ହେବାକୁ ସେ ଭଲପାଏ । ଆକାଶର ପକ୍ଷୀ, ସୂର୍ଯ୍ୟ, ଚନ୍ଦ୍ର ଓ ତାରାକୁ ସେ ସାଥୀ କରିବା ପାଇଁ ମନ ବଳାଏ । ଛୋଟ ଛୋଟ ପକ୍ଷୀ, ପଶୁ, କୀଟପତଙ୍ଗ, ଗଛଲତା, ମାଟି, ପାଣି, ଆଲୋକ ଓ ପବନ ସହ ଖେଳିବାକୁ ସେ ଭଲପାଏ । ପବନ ବହିଲେ ଆନନ୍ଦିତ ହୁଏ, ବର୍ଷାରେ ଭିଜିବାକୁ ଭଲପାଏ, ଆଲୋକ ଆଡ଼କୁ ଆକର୍ଷିତ ହୁଏ । ବାଲି, ଗୋଡ଼ି, କାଠି, ପଥର, କାଦୁଅ, କୁଟା, ମାଟି ଓ ପାଣିକୁ ଆପଣାର କରେ । କଣ୍ଢେଇ ସହ ନାଚେ, ଖେଳେ ଓ କଥାବାର୍ତ୍ତା କରେ । କିଛିଟା ନୂଆ ପଦାର୍ଥ ଦେଖିଲେ ତାହା କ'ଣ ଜାଣିବାକୁ ଆଗ୍ରହ ପ୍ରକାଶ କରେ । ତା'ର ସ୍ୱଭାବ ଓ କ୍ରିୟାଶୀଳତା ପ୍ରତି ଯଦି ସେ କୌଣସି ବସ୍ତୁରୁ ସମର୍ଥନ ନ ପାଏ ତେବେ ସେ ତାହାକୁ ଫୋପାଡ଼ି ଦିଏ । ପରିଷ୍କାର ପରିଚ୍ଛନ୍ନତାକୁ ସେ ବେଶ୍ ପସନ୍ଦ କରେ ଏବଂ ସବୁକିଛିକୁ ସଜାଇ ରଖିବା ଅଥବା ସଜାଇ ରଖା ହୋଇଥିବାର ଦେଖିଲେ ସେ ଖୁସି ହୁଏ । ଏହିସବୁ ହେଉଛି ଶିଶୁର ସ୍ୱଭାବ । ଏପରି ସ୍ୱାଭାବିକ ଖେଳରୁ ତାକୁ ବଞ୍ଚିତ କରିବା ଅନୁଚିତ ।

**(ଗ) ଆତ୍ମସମ୍ମାନ ଓ ଆତ୍ମ ସୁରକ୍ଷା :** ଏହା ମଧ୍ୟ ଚୈତ୍ୟ ଆବଶ୍ୟକତାର ଅନ୍ୟ ଏକ ଦିଗ । ପ୍ରତ୍ୟେକ ବ୍ୟକ୍ତିର ଏକ ସ୍ୱଧର୍ମ ରହିଛି ଯାହା ତା'ର ଆତ୍ମ ଧର୍ମ । ସେହି ଆତ୍ମ ଧର୍ମର ପ୍ରକାଶରେ ବ୍ୟାଘାତ ଘଟିଲେ କିଂବା ଆତ୍ମ ଧର୍ମର ପ୍ରତିକୂଳ କୌଣସି ମନ୍ତବ୍ୟ ବା ପରିସ୍ଥିତି ଆସିଲେ ଆତ୍ମ ସମ୍ମାନ ହାନି ହୁଏ । ସେହି ଧର୍ମର ସୁରକ୍ଷାକୁ ଆମେ ଆତ୍ମ ସୁରକ୍ଷା ବୋଲି କହିପାରିବା । ପ୍ରତ୍ୟେକ ପିଲା ଏହା ଚାହେଁ ଯେ ତା'ର ଆତ୍ମ ସମ୍ମାନ ଓ ଆତ୍ମ ସୁରକ୍ଷାରେ କୌଣସି ହାନି ନ ଘଟୁ । ଏପରିକି ପିଲାର ମୌଳିକ ଅଧିକାରରୁ ତାକୁ ବଞ୍ଚିତ କରିବା ମହାନ୍ ଅପରାଧ ଅଟେ । ସ୍ୱାତନ୍ତ୍ର୍ୟ, ଶ୍ରଦ୍ଧା, ସ୍ନେହ ଓ ସହାନୁଭୂତି ଲାଭ କରିବା ଆଦି ତା'ର ମୌଳିକ ଅଧିକାର । ନିର୍ଭୟ ତଥା ସୁରକ୍ଷିତ ପରିବେଶ ମଧ୍ୟରେ ବିଚରଣ କରିବା ମଧ୍ୟ ତା'ର ମୌଳିକ ଅଧିକାର । ଏସବୁ ମୌଳିକ ଅଧିକାରରୁ ବଞ୍ଚିତ ହେଉଛି

ବୋଲି ସେ ଯେପରି ଅନୁଭବ ନ କରେ । ପିଲାଟି ସହିତ ଖେଳିବା, ବୁଲିବା, ଶୋଇବା, ଖାଇବା, କାର୍ଯ୍ୟ କରିବା ଦ୍ୱାରା ସେ ଉତ୍ସାହିତ ହୋଇଥାଏ ଏବଂ ସେ ଏକ ଶ୍ରଦ୍ଧା, ବିଶ୍ୱାସ ଓ ଆତ୍ମୀୟତାର ବଳୟ ଭିତରେ ବାସ କରୁଛି ବୋଲି ତା'ର ଧାରଣା ଦୃଢ଼ୀଭୂତ ହୁଏ । ଏତଦ୍‌ବ୍ୟତୀତ ପିଲାଟି ଯଦି କୌଣସି ନୂତନ ଦୁଃସାହସିକ କାର୍ଯ୍ୟ କରିବାକୁ ଯାଏ ତେବେ ତା'ର ଶକ୍ତି ଓ ସାମର୍ଥ୍ୟ ପ୍ରତି ଆତ୍ମ ବିଶ୍ୱାସ ଜାଗ୍ରତ୍ କରି ତାକୁ ଉତ୍ସାହିତ କରିବା ଉଚିତ । ଅନ୍ୟ ଆଗରେ ତାକୁ ଗାଳି ଦେବା, ପିଟିବା ବା ତା'ର ସ୍ୱଭାବ ବିରୋଧ କାର୍ଯ୍ୟ କରିବାକୁ ବାଧ କରିବାରେ ସେ ଅପମାନିତ ବୋଧ କରେ । ଏପରିକି ପିଲାଟି ଯଦି କାନ୍ଦେ ତେବେ ମାତାପିତାଙ୍କୁ ବହୁତ ବାଧେ । ବିଶେଷତଃ ମାଆକୁ ବହୁତ କଷ୍ଟ ହୁଏ । ଶିଶୁର ଚୈତ୍ୟସତ୍ତାଟି ସମ୍ମୁଖରେ ଥିବାରୁ ଯାବତୀୟ ଗାଳି ଓ ଦଣ୍ଡବିଧାନଗୁଡ଼ିକୁ ସେ ଅନେକ ସମୟରେ ଖାତିରି କରେନା, ଏପରିକି ଶିଶୁ ଭିତରକୁ ମଧ୍ୟ ତାହା ପ୍ରବେଶ କରି ପାରେନା । ତେଣୁ ବଡ଼ ପାଟି କରିବା, ଗାଳିଦେବା, ଆଖି ଦେଖାଇବା, ଅପମାନିତ କରିବା, ପିଟିବାରେ ପିଲାଟି ଯେତେ ଦୁଃଖ ଓ କଷ୍ଟ ପାଏ ତା'ଠାରୁ ମାତାପିତା ଅଧିକ କଷ୍ଟ ଓ ଯନ୍ତ୍ରଣା ପାଆନ୍ତି । ଏସବୁ କାର୍ଯ୍ୟରେ ଯେଉଁ ମାରାତ୍ମକ ସ୍ପନ୍ଦନ ସୃଷ୍ଟି ହୁଏ ତାହା ଶିଶୁର ଅନ୍ତର ଭିତରକୁ ପ୍ରବେଶ ନ କରି ଆମ ଭିତରକୁ ବୁମେରାଂ ପରି ଫେରି ଆସେ ଏବଂ ଆମକୁ ନାନା ଦୁଃଖ, ଅବସାଦ, ଅସନ୍ତୋଷ, ଯନ୍ତ୍ରଣା, ଚିନ୍ତା, ନିରାଶା, ହତାଶା ଆଦିରେ ଜାଳି ଦିଏ । ପିଲା କାହାରିକୁ ଭୟ କରେନା, ନିଜର ସୁରକ୍ଷା ନିଜେ ଚାହେଁ । ତା'ର କାହାରି ପ୍ରତି ଶତ୍ରୁତା ନ ଥାଏ କି କାହାରି ଅନିଷ୍ଟ ଚିନ୍ତା ସେ କରେନା । ତେଣୁ ସମସ୍ତେ ତା'ର ଆପଣାର । ଏପରିକି ବିଷାକ୍ତ ସରୀସୃପ ଓ ହିଂସ୍ର ପଶୁମାନଙ୍କୁ ନ ଡରି ସେମାନଙ୍କ ସହିତ ଖେଳେ । ଭୂତ, ପ୍ରେତ, ପିଶାଚର ଭୟକୁ ସେ ଖାତିରି କରେନା । ସେ ସମସ୍ତଙ୍କୁ ଆପଣାର କରେ ଏବଂ ଆତ୍ମଧର୍ମରେ ସମସ୍ତଙ୍କୁ ବାନ୍ଧି ରଖେ । ସରଳତା ଓ ନିଷ୍କପଟତା ତା'ର ମୁହଁରେ ଫୁଟିଉଠେ । କଥା ଓ ଚାହାଣିରେ ପ୍ରେମ ଓ ସୌନ୍ଦର୍ଯ୍ୟର ମାଧୁରିମା ସ୍ପଷ୍ଟ ରୂପେ ପ୍ରତିଭାତ ହୁଏ । ଏପରି ଏକ ନିଷ୍ପାପ ବାଳଗୋପାଳର ସ୍ୱଭାବ ହେଉଛି ଚୈତ୍ୟସ୍ୱଭାବ । ତା'ର ସମ୍ମୁଖରେ ଚୈତ୍ୟସତ୍ତା ରହିଥିବାରୁ ସେ ସିଧାସଳଖ ଚୈତ୍ୟାତ୍ମାର ସୁରକ୍ଷାବଳୟ ଭିତରେ ରହିଥାଏ । ତେଣୁ ତା'ର ଆତ୍ମ ସମ୍ମାନ ହାନି ହେବା ପରି କିଛି କରିବା ଅନୁଚିତ । ଏପରି କିଛି କରିବା ଅନୁଚିତ ଯଦ୍ଦ୍ୱାରା ବଡ଼ମାନଙ୍କ ଉପରେ ଥିବା ବିଶ୍ୱାସ ଓ ଆସ୍ଥା ସେ ହରାଇ ବସିବ । ଏତଦ୍‌ବ୍ୟତୀତ ପିଲାଟି ନିଜକୁ ଜାଣିବା ପାଇଁ ତତ୍ପରତା ପ୍ରକାଶ କରେ । ସେ ନିଜକୁ ଖୋଜୁଥାଏ ଏବଂ ପ୍ରକୃତିର ରହସ୍ୟ ଉଦ୍‌ଘାଟନ କରିବାକୁ ଚାହୁଁଥାଏ । ତା'ର ଏହି ଆତ୍ମ ଅନ୍ୱେଷଣ ବା ସର୍ବୋତ୍ତମ ଆବିଷ୍କାର ପଥରେ ତାକୁ ଯଥାସାଧ୍ୟ ସାହାଯ୍ୟ ଓ ସହାନୁଭୂତି ଯୋଗାଇ ଦେବା ମାତାପିତା ଓ ଶିକ୍ଷକମାନଙ୍କର ମହାନ୍ କର୍ତ୍ତବ୍ୟ ।

## (୬)
## ସାମାଜିକ ଆବଶ୍ୟକତା :

ପିଲାଟି ଅନୁକୂଳ ପରିବେଶ ମଧ୍ୟରେ ବଢ଼େ ଏବଂ ତା'ର ଚାରିପଟର ଦୁନିଆକୁ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରେ । ସମ-ବୟସର ପିଲାମାନଙ୍କ ସହିତ ମିଶିବାକୁ ଭଲପାଏ ଏବଂ ସେମାନଙ୍କ ସହିତ ଭାବର ଆଦାନପ୍ରଦାନ ଦ୍ୱାରା ସେ ଅନେକ କିଛି ଶିଖିଥାଏ । ଜୟ ପରାଜୟ, ଦୁଃଖ ସୁଖ, ମାନ ଅପମାନ, ପୁରସ୍କାର ତିରସ୍କାର, କ୍ରିୟା ପ୍ରତିକ୍ରିୟା, ଭଲମନ୍ଦ ଆଦିରେ ସେ ଅନ୍ୟମାନଙ୍କର ମନ୍ତବ୍ୟଟି ପ୍ରତି ସଚେତନ ହୁଏ ଏବଂ ନିଜର ତ୍ରୁଟିକୁ ସଂଶୋଧନ କରିବାକୁ ଚେଷ୍ଟା କରେ । ସମାଜଠାରୁ ସେ ଅନେକ କିଛି ପାଏ ଏବଂ ସମାଜକୁ ମଧ୍ୟ ଅନେକ କିଛି ଦିଏ । ସାଥୀମାନଙ୍କ ସହିତ ମିଶି ଦଳଗତ କାର୍ଯ୍ୟରେ ନେତୃତ୍ୱ ନେବା, ଅନ୍ୟର ଭଲ ଗୁଣ ପ୍ରତି ଆକର୍ଷିତ ହେବା, ସାମାଜିକ କାର୍ଯ୍ୟ ଓ ଉତ୍ସବମାନଙ୍କରେ ଯୋଗଦେବା, ଅନ୍ୟର ଦୁଃଖ ଓ ସୁଖରେ ଭାଗିଦାର ହେବା, ଭଲ କାର୍ଯ୍ୟ ପାଇଁ ଆଗଭର ହେବା ଆଦିରେ ଚେତନା ପ୍ରସାରିତ ହୁଏ । ସଂକୀର୍ଣ୍ଣତା, ବିଭେଦତା, ଧର୍ମାନ୍ଧତା, ସ୍ୱାର୍ଥପରତା, ସାମ୍ପ୍ରଦାୟିକତା, ପରଶ୍ରୀକାତରତା, ଈର୍ଷାପରାୟଣତା, ବିଦ୍ୱେଷ ତଥା ସାମାଜିକ କୁସଂସ୍କାର ଓ ଅନ୍ଧ ବିଶ୍ୱାସର ନଗ୍ନ ଛବିଗୁଡ଼ିକ ଦେଖି ପିଲାଟି ହତୋତ୍ସାହ ହୋଇଥାଏ ଏବଂ ଏସବୁର ପ୍ରଭାବ ତା' ଉପରେ ଯେପରି ନ ପଡ଼େ ସେଥିପାଇଁ ମାତାପିତା ଓ ଶିକ୍ଷାଦାତାମାନେ ବାରଂବାର ସକରାତ୍ମକ ଦୃଷ୍ଟାନ୍ତମାନ ଜରିଆରେ ପିଲାଟିର ଆତ୍ମ ସଂକଳ୍ପ ଓ ଆତ୍ମ ବିଶ୍ୱାସକୁ ଦୃଢ଼ୀଭୂତ କରିବା ପାଇଁ ଯତ୍ନଶୀଳ ହେବା ଉଚିତ । ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ପିଲା ନିଜେ ବୁଝିବା ସହ ନିଜର ଜ୍ଞାନ, ଶକ୍ତି ଓ ସାମର୍ଥ୍ୟକୁ ସମାଜର ମଙ୍ଗଳ କାର୍ଯ୍ୟରେ ବିନିଯୋଗ କରିବା

ସକାଶେ ନାନା ସୁଯୋଗ ସୃଷ୍ଟି କରିବା ଏବଂ ତା’ ଭିତରେ ଦୃଢ଼ ପ୍ରତୀତି ଜାଗ୍ରତ୍ କରିବା ହେଉଛି ମାତାପିତାଙ୍କର କର୍ତ୍ତବ୍ୟ ।

ବାଲ୍ୟାବସ୍ଥା ଜୀବନଟି ହେଉଛି ପରବର୍ତ୍ତୀ ଜୀବନ ପାଇଁ ଏକ ପ୍ରସ୍ତୁତି । ବାଲ୍ୟାବସ୍ଥା ସମଗ୍ର ମାନବ ଜୀବନର ଏକ ସଂକ୍ଷିପ୍ତ ଅଧ୍ୟାୟ । କୈଶୋର ଅବସ୍ଥା, ଯୌବନାବସ୍ଥା, ପ୍ରୌଢ଼ାବସ୍ଥା ଓ ବୃଦ୍ଧାବସ୍ଥା ଆଦି ଅନେକ ସ୍ତର ଦେଇ ଶିଶୁଟି ଆଗକୁ ବଢ଼େ । ପୂର୍ଣ୍ଣ ବ୍ୟକ୍ତିତ୍ୱ ହାସଲ କରିବା ସକାଶେ ପ୍ରତ୍ୟେକ ସ୍ତରର ଅବଦାନ ରହିଛି । କୌଣସି ସ୍ତରକୁ ଶୀଘ୍ର ଅତିକ୍ରମ କରିବା ପାଇଁ ବୃଥା ପ୍ରୟାସ କରିବା ଏକ ବିଡ଼ମ୍ବନା ମାତ୍ର । ପ୍ରତ୍ୟେକ ସ୍ତରର ଆବଶ୍ୟକତାଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ ଏବଂ ସମୟ ଓ ପରିସ୍ଥିତି ଅନୁସାରେ ସେଗୁଡ଼ିକ ବଦଳି ଯାଏ । ପିଲାଟିର ଶାରୀରିକ, ପ୍ରାଣିକ ଓ ମାନସିକ ଅଗ୍ରଗତିର ପ୍ରକୃତ ଅବସ୍ଥା ଦୃଷ୍ଟିରୁ ଆବଶ୍ୟକତାଗୁଡ଼ିକ ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ପୂର୍ଣ୍ଣାଙ୍ଗ ଜୀବନ ବଞ୍ଚିବା ପାଇଁ ପିଲାର ଏହି ଦୀର୍ଘତମ ଅଭିଯାନରେ ମାତାପିତା, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟ ମଙ୍ଗଳାକାଂକ୍ଷୀ ଗୁରୁଜନମାନେ ପିଲାର ମନକୁ ବୁଝି ତା’ର ଆଗ୍ରହ ଅନୁସାରେ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ସକାରାତ୍ମକ ଦୃଷ୍ଟିଭଙ୍ଗୀ ସହ ଆବଶ୍ୟକତାଗୁଡ଼ିକୁ ଯୋଗାଇ ଦେବାରେ ଆନ୍ତରିକ ଓ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଲେ ପିଲାଟି ତା’ର ଆତ୍ମ-ଆବିଷ୍କାର ବା ଆତ୍ମ ଶିକ୍ଷା କ୍ଷେତ୍ରରେ ବହୁ ଦୂର ଆଗେଇ ଯାଇ ପାରିବ ଏବଂ ନୂତନ ସମ୍ଭାବନାଗୁଡ଼ିକୁ ପ୍ରକାଶ କରିବାରେ ସମର୍ଥ ହୋଇ ପାରିବ ।

(କ୍ରମଶଃ)

❑❑❑

# କରୁଣା

## କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ

ଯାତ୍ରା ପଥରେ ଯେତେ ବି ଯାତନା ହେଉ ପଛେ ମାଆ ମୋର,
ଦୁର୍ବାର ଯାତ୍ରୀ, ଦୁର୍ଗମ ପଥେ ଛାଡ଼ିବିନି ହାତ ତୋର ।
ଝୁଣ୍ଟି ପଡୁଥିଲେ ଉଠି ପଡୁଥିବି, ଧରି ତୋ’ ପଣତ କାନି,
ନିରାଶା ମରୁରେ ଆଶା ନିର୍ଝର ମା, ଏକଥା ହୃଦୟେ ଜାଣି ।

ଅମା ଅନ୍ଧାର ଚାରି ଦିଗେ ମୋର ଶୂନ୍ୟେ ଶୁଭେ ଘଡ଼ ଘଡ଼ି,
ଜଣିଏ ହେଲେ ବି ସାଥୀ ନାହିଁ ମୋର, ତୋତେ ଧରିଛି ଜାବୁଡ଼ି ।
ସତ୍ୟ ରହେ ନାହିଁ ଅପ୍ରକାଶ ହୋଇ ସମର୍ଥକ ନାହିଁ ବୋଲି,
ହୃଦୟ ମନ୍ଦିରେ ବନ୍ଦୀ ମାଆ ତୁ, କିଏ ବା ପାରିବ ଖୋଲି ?

କୋଟି ବାଧାବିଘ୍ନ ଆସିଲେ ମାଆ ଗୋ ଗୋଟି ଗୋଟି ନେବି ସହି,
ଗଭୀର ଖାତରେ ଅନ୍ଧାର ରାତିରେ ପଡ଼ିଲେ ବି ଚିନ୍ତା ନାହିଁ ।
ସିନ୍ଦୂରା ଫାଟିବ, ଅନ୍ଧାର ଘୁଞ୍ଚିବ, ସତ୍ୟ ପ୍ରକାଶିବ ଶେଷେ,
ଉଚ୍ଛୁଳି ଉଠିବ ମାଆର କରୁଣା, ଧରିଛି ଦୃଢ଼ ବିଶ୍ୱାସେ । ❑

# ଆମ ଶରୀର

## (୩୩)

## ଭୋଳେଶ୍ୱର ଭୂୟାଁ

ଏହି ଧାରାବାହିକର ଶୀର୍ଷକ 'ଆମ ଶରୀର'; ମାତ୍ର ଏହାର ଆଲୋଚ୍ୟ ବିଷୟ ଅଧିକ ଭାବେ 'ଶରୀର ରୂପାନ୍ତର' ଉପରେ କେନ୍ଦ୍ରିତ ହୋଇଛି । ଯେତେବେଳେ ଏହି ଧାରାବାହିକଟି ପୁସ୍ତକାକାରରେ ପ୍ରକାଶିତ ହେବ ସେତେବେଳେ ଏହାର ନାମ ''ଆମ ଶରୀର ଓ ତା'ର ରୂପାନ୍ତର'' ହେବା ଅଧିକ ସମୀଚୀନ — ଏହାହିଁ ଏ ଲେଖକର ମତ ।

ଏହି ଧାରାବାହିକଟି ଡିସେମ୍ବର ୨୦୨୦ଠାରୁ ସ୍ଥଗିତ ରଖିଥିଲୁ । ଏହାର କାରଣ ଲେଖକକୁ ନିଶ୍ଚେତନା ଗର୍ଭରେ କିଛି ଅନୁଭୂତି ନେବାର ଥିଲା । କେତେକ କ୍ଷେତ୍ରରେ ଶାରୀରିକ ଅସୁସ୍ଥତା ନିଶ୍ଚେତନାର ଏକ ବାହ୍ୟ ପରିପ୍ରକାଶ । ପ୍ରାୟତଃ ଅବଚେତନା ଆମ ପାଦଠାରୁ ଆଣ୍ଠୁ ଭିତରେ ରହିଥାଏ । ଯେତେବେଳେ ତୁମ ଅବେଚତନାରେ କିଛି କ୍ରିୟା ହୁଏ ସେଠାରେ ଏକ ପ୍ରକାର ସ୍ପନ୍ଦନ ଅନୁଭୂତ ହୁଏ । ଏହାର ପରବର୍ତ୍ତୀ କାମ ହେଲା ନିଶ୍ଚେତନା ଗର୍ଭରେ ଝାସ ଦେବା । ସାଧକକୁ ଏହି ଦୁଇଟିର ସମ୍ମୁଖୀନ ହେବାକୁ ହେଲେ ନିଜର ଚୈତ୍ୟସତ୍ତା ତଥା ମା'ଙ୍କର କୃପା ଓ ସାହାଯ୍ୟ ଏକାନ୍ତ ଆବଶ୍ୟକ ।

ଏଥିପାଇଁ ତୁମର ଏକ ଉନ୍ନତ ଚୈତ୍ୟସତ୍ତା ଥିବା ଦରକାର ଏବଂ ତୁମେ ମା'ଙ୍କର ଏକ ବୀର ଯୋଦ୍ଧା ଓ ନିର୍ଭୀକ ସନ୍ତାନ ହେବା ଆବଶ୍ୟକ । କାରଣ ଏହି ଦୁଇ ସ୍ତରରେ କାମ କଲାବେଳେ ଅନ୍ୟମାନଙ୍କର ବିକୃତି ତୁମ ଭିତରେ ପ୍ରବେଶ କରିଥାଏ । ମା'ଙ୍କ ପାଖରେ ପୂର୍ଣ୍ଣ ସମର୍ପଣ ଓ ନିର୍ଭରତା ନ ଥିଲେ ଏ କାମ ହୋଇ ପାରିବ ନାହିଁ ।

ଏହା ଛଡ଼ା ତୁମ ଭିତରେ ଅନ୍ୟ ଏକ ଅନୁଭୂତି ହୋଇଥିବା ଦରକାର । ତାହା ହେଲା ମନକୁ ତୁମ ମସ୍ତିଷ୍କରେ କାମ ନ କରାଇ ତାକୁ ଶରୀର ବାହାରକୁ ପଠାଇବାକୁ ପଡ଼ିବ । ଏ ସମ୍ପର୍କରେ ନବପ୍ରକାଶର ନଭେମ୍ବର, ୨୦୧୯ ସଂଖ୍ୟାରେ ଏହି ଲେଖକର 'ଆମ ଶରୀର' (୨୨) ପ୍ରବନ୍ଧଟି ପ୍ରକାଶିତ ହୋଇ ସାରିଛି । ଏହାର ଆଲୋଚ୍ୟ ବିଷୟ ଥିଲା, 'ଶରୀର ରୂପାନ୍ତର କାର୍ଯ୍ୟ ନିମନ୍ତେ ଦିବ୍ୟଜନନୀଙ୍କ ନିକଟରେ ପୂର୍ଣ୍ଣ ବିଶ୍ୱସ୍ତ ହେବା' । ଏହି ଲେଖାଟିରେ ମନକୁ କିପରି ଆମ ଶରୀରର ବାହାରେ ରଖାଯିବ, ସେ ବିଷୟରେ ବିଶଦ ଆଲୋଚନା କରାଯାଇଛି । ଏହି ଲେଖାର ତିନୋଟି ଉଦ୍ଧୃତାଂଶ ଏଠାରେ ଦିଆଗଲା :

(୧) ଶ୍ରୀଅରବିନ୍ଦ କହିଛନ୍ତି ମନକୁ ବାଦ୍ ଦେଲେ ମଣିଷ ଏକ ପଶୁ ଭଳି ହୋଇଯିବ । କିନ୍ତୁ ଏହା ହିଁ ହେଲା ଶରୀର ରୂପାନ୍ତରର ପ୍ରଥମ ପଦକ୍ଷେପ ।

(୨) ମନର ନିୟନ୍ତ୍ରଣରୁ ମୁକ୍ତ ହେବା ପାଇଁ ଆମକୁ ଦ୍ୱିତୀୟ ଉପାୟଟିକୁ ଅବଲମ୍ବନ କରିବାକୁ ହେବ । ତାହା ହେଲା ମନକୁ ପୂର୍ଣ୍ଣ ନୀରବତାରେ ପ୍ରତିଷ୍ଠିତ କରି ତାକୁ ମସ୍ତକର ଉର୍ଦ୍ଧ୍ୱରେ ଥିବା ଆତ୍ମନ୍ ସହିତ ବାସ କରାଇବା । ଏହା ଦ୍ୱାରା ମନକୁ ସହଜରେ ଆଧ୍ୟାତ୍ମୀକରଣ କରାଯାଇପାରେ ।

୩. ଆମ ଶରୀର ଭିତରେ ଥିବା ବିଭିନ୍ନ ସତ୍ତାଙ୍କୁ ପ୍ରସାରଣ କରିବା ମଧ୍ୟ ମନ ନିୟନ୍ତ୍ରଣର ତୃତୀୟ ଉପାୟ ହୋଇପାରେ । କାରଣ ପ୍ରସାରଣ ଦ୍ୱାରା ଆମେ ଆମ ଅହଂକାରରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଆମର ଗ୍ରହଣଶୀଳତା ଆସିଥାଏ — ବିଶେଷ କରି ଶରୀରର ।

ଏହାଛଡ଼ା ଆମକୁ ପୂର୍ଣ୍ଣ ରୂପେ ବିଶ୍ୱାସ କରିବାକୁ ହେବ ଯେ ଶ୍ରୀମା ସର୍ବଦା ଏହି ପୃଥିବୀ ବାତାବରଣ ଏବଂ ଆମ ଭିତରେ ଥିବା ଚୈତ୍ୟସତ୍ତାଙ୍କ ସହିତ ଏକ ହୋଇ ରହିଛନ୍ତି । ଶ୍ରୀମା ଆମ ସମସ୍ତଙ୍କୁ ତାଙ୍କ କୋଳରେ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଛନ୍ତି ।

ଶରୀର ରୂପାନ୍ତର ଅର୍ଥ ହେଲା ଶରୀରକୁ ଦିବ୍ୟତା ପ୍ରଦାନ କରି ତାକୁ ଅମରତ୍ୱ ପ୍ରଦାନ କରିବା । ଅବଶ୍ୟ ଶ୍ରୀମା ତାଙ୍କ ଦିବ୍ୟ-ଚେତନାରେ ଜାଣିଥିଲେ ତାଙ୍କ ଶରୀରରେ ଏହା ଅଭିବ୍ୟକ୍ତ ହେବା ସମୟସାପେକ୍ଷ । ଏକଥା ଶ୍ରୀମା ସ୍ୱୟଂ ବିଧାତାଙ୍କୁ ପଚାରି ଥିଲେ ଯେ ତାଙ୍କ ଶରୀର ଏହି ଅଭିବ୍ୟକ୍ତିରେ ରୂପାନ୍ତର ହେବ କି ? ବିଧାତା ଉତ୍ତର ଦେଇଥିଲେ ଯେ, "It is none of your business to know it." — ଅର୍ଥାତ୍ : ''ତୁମର ଏ ବିଷୟରେ ଜାଣିବା ଦରକାର ନାହିଁ ।'' ଶ୍ରୀମା ନିଜର ଅନୁଭୂତିର ବର୍ଣ୍ଣନାରେ କହିଛନ୍ତି, ସେ ଶରୀର ରୂପାନ୍ତର

କାର୍ଯ୍ୟ କରି ଚାଲିଥିଲେ । ଶ୍ରୀମା ଓ ଶ୍ରୀଅରବିନ୍ଦ ଏ ପୃଥିବୀକୁ ଆସିଥିଲେ ତାଙ୍କ ସନ୍ତାନମାନଙ୍କୁ ସବୁକିଛି ଦେବା ପାଇଁ – ନେବା ପାଇଁ ନୁହେଁ । ତେବେ ଏହି ଯୋଗର ସିଦ୍ଧିଟିକୁ ସେ କିପରି ନେବେ !

ଶ୍ରୀମାଶ୍ରୀଅରବିନ୍ଦଙ୍କ ହାତରେ ଅମରତ୍ୱର ଚାବି ଥିବା ସତ୍ତ୍ୱେ ସେମାନେ ଏହାକୁ ନିଜ ପାଇଁ ବ୍ୟବହାର କରି ନାହାନ୍ତି । ସେମାନେ ଏହାକୁ ପୃଥିବୀ ବାତାବରଣରେ ରଖି ଦେଇ ଗଲେ ଯଦ୍ୱାରା ତାଙ୍କ ସନ୍ତାନମାନେ ସହଜରେ ବ୍ୟବହାର କରି ତାଙ୍କ ଶରୀରକୁ ରୂପାନ୍ତର କରି ପାରିବେ ।

ଏ ପୃଥିବୀରେ ବହୁ ମଣିଷ ତଥା ରାକ୍ଷସ ବ୍ୟକ୍ତିଗତ ଶରୀରକୁ ଅମର କରିବା ପାଇଁ ଚେଷ୍ଟା କରିଛନ୍ତି । କିନ୍ତୁ କେହି ବି ଏଥିରେ ସଫଳ ହୋଇ ପାରି ନାହାନ୍ତି । କାରଣ ଏ ସାଧନା କେବେହେଲେ ବ୍ୟକ୍ତିଗତ ନୁହେଁ । ଏହି ସାଧନା ହେଲା ବ୍ୟଷ୍ଟିଗତ ବା ସାମୂହିକ । ବ୍ୟକ୍ତିଗତ ଭାବେ ଶରୀର ରୂପାନ୍ତର କରିବା ପାଇଁ ଚେଷ୍ଟା କଲେ ଅବଶ୍ୟ ତୁମେ ବିଫଳ ହେବ । ଶରୀର ରୂପାନ୍ତରର ପ୍ରଥମ ସର୍ତ୍ତ ହେଲା ଅହଂଶୂନ୍ୟ ହେବା । ତେଣୁ ବ୍ୟକ୍ତିତ୍ୱର ଅହଂକାର ନେଇ ତୁମେ ଏହାକୁ କିପରି ସମ୍ପନ୍ନ କରିବ ? ଶରୀର ରୂପାନ୍ତରର ଲକ୍ଷ୍ୟ ହେଲା ଏ ପୃଥିବୀପୃଷ୍ଠରେ ଏକ ନୂତନ ଜୀବ ଜାତିକୁ ଜନ୍ମ ଦେବା । ଏହି ଜୀବ ଜାତି ହେବ କ୍ରମ-ବିବର୍ତ୍ତନ ପଥରେ ପରବର୍ତ୍ତୀ ଜୀବ ଜାତି । ଏମାନଙ୍କ ଭିତରେ ମଣିଷ ଓ ପଶୁମାନଙ୍କ ବିକୃତି ଆଦୌ ରହିବ ନାହିଁ । ଏହା ହିଁ ଆମ ସାଧନାର ଲକ୍ଷ୍ୟ । ପଶୁରୁ କିପରି ମଣିଷ ବିବର୍ତ୍ତିତ ହେଲା ସେ ବିଷୟରେ ଆମର ପୂର୍ଣ୍ଣ ଜ୍ଞାନ ନାହିଁ । ହୁଏତ ଯେଉଁ ପଶୁମାନେ ମଣିଷ ହେବେ ସେମାନେ ପ୍ରଥମେ ଅନ୍ୟ ପଶୁଙ୍କଠାରୁ ଅଲଗା ହେଲେ । ମଣିଷ ହେବା ପାଇଁ ସେମାନେ କୌଣସି ସାଧନା କରି ନାହାନ୍ତି । ପ୍ରକୃତି ହିଁ ଏ କାମ କରିଛି । ତେଣୁ ଏଥିପାଇଁ ହଜାର ହଜାର ବର୍ଷ ଲାଗିଗଲା ।

କିନ୍ତୁ ବର୍ତ୍ତମାନ ମଣିଷ ଭିତରୁ ଅନ୍ୟ ଏକ ଜୀବ ଜାତି ବିବର୍ତ୍ତିତ ହେବାକୁ ଯାଉଛି – ଯାହାର ନାମ ଶ୍ରୀଅରବିନ୍ଦ ଦେଇଛନ୍ତି 'Superman' – ଅର୍ଥାତ୍ 'ଅତିମାନବ' । ବର୍ତ୍ତମାନ ମଣିଷ ପାଇଁ କେତେ ବର୍ଷ ଲାଗିବ ତାହା ଆମକୁ ଜାଣିବାକୁ ହେବ । ଶ୍ରୀମା ଥରେ ଏକଥା ଶ୍ରୀଅରବିନ୍ଦଙ୍କୁ ପଚାରି ଥିଲେ । ଅର୍ଥାତ୍ ଶରୀର ରୂପାନ୍ତର ପାଇଁ କେତେ ବର୍ଷ ଲାଗିବ । ଶ୍ରୀଅରବିନ୍ଦ କହିଥିଲେ ତିନିଶହ ବର୍ଷ । ପୁଣି ଶ୍ରୀମା ତାଙ୍କୁ ପଚାରିଥିଲେ କେବେଠାରୁ ତିନିଶହ ବର୍ଷ । ଶ୍ରୀଅରବିନ୍ଦ ଉତ୍ତରରେ କହିଥିଲେ ଯେ ଯେବେଠାରୁ ଶରୀର ଚେତନା ଦିବ୍ୟତା ପ୍ରାପ୍ତ କରିବ ।

ପଶୁରୁ ମଣିଷ ହେବା ପାଇଁ ହଜାର ହଜାର ବର୍ଷ ଲାଗିବା ସତ୍ତ୍ୱେ ମଣିଷରୁ ଅତିମାନବ ହେବା ପାଇଁ ମାତ୍ର ତିନିଶହ ବର୍ଷ ଲାଗୁଛି । ଏହାର କାରଣ ହେଲା ମଣିଷ ଏକ ସଚେତନ ଜୀବ । ତା' ସହିତ ମଣିଷ ଭିତରେ ଏକ ଅମର ସତ୍ତା – ଚୈତ୍ୟସତ୍ତା ମଧ୍ୟ ରହିଛି । ତା'ର ମଗ୍ନ ଚେତନାରେ ଅତିମାନବର ବୀଜ ରୋପଣ କରାଯାଇଛି । ସେ ସଚେତନ ଭାବରେ ଆଧ୍ୟାତ୍ମିକ ସାଧନା ମାଧ୍ୟମରେ ଏହା କରିପାରେ । ତା' ଭିତରେ ଆଉ ମନ୍ଥର ପ୍ରକୃତିର କ୍ରିୟା ନ ହୋଇ ସ୍ୱୟଂ ସୃଷ୍ଟିକର୍ତ୍ତା ଭଗବାନ୍ ହିଁ ତା' ଭିତରେ ଏ କାମ କରିବେ । ତେଣୁ ଅତିମାନବ ହେବା ପାଇଁ ମାତ୍ର ତିନିଶହ ବର୍ଷ ଲାଗିବ ।

କିନ୍ତୁ ଏହି କାମରେ ଏକ ସମସ୍ୟା ରହିଛି । ତାହା ହେଲା ଅନ୍ୟମାନଙ୍କଠାରୁ କିପରି ନିଜକୁ ଅଲଗା କରାଯିବ । ଶ୍ରୀଅରବିନ୍ଦ କହିଛନ୍ତି ଯେ ସମସ୍ତ ମାନବ ଜାତି ଏକ ସଙ୍ଗରେ ଅତିମାନବ ହୋଇଯିବେ ନାହିଁ । ପ୍ରଥମେ କିଛି ଲୋକଙ୍କର ଶରୀର ରୂପାନ୍ତର ହେବ । ପରେ ସେହିମାନଙ୍କର କିଛି ଏକ ପ୍ରକ୍ରିୟା ଦ୍ୱାରା ଅତିମାନବ ଜନ୍ମ ହେବ । ଅନ୍ୟମାନଙ୍କଠାରୁ କିପରି ଅଲଗା କରାଯିବ, କେତେ ପରିମାଣରେ ଏହା କରାଯିବ ସେକଥା ସଠିକ ଭାବେ କୁହାଯାଇ ପାରିବ ନାହିଁ । ଏ ପୃଥିବୀରେ ସମସ୍ତେ ଏକ ଅଦୃଶ୍ୟ ସୂତ୍ରରେ ବନ୍ଧା ହୋଇ ରହିଛନ୍ତି । ଜଣେ ବ୍ୟକ୍ତି ଯାହା ବି କରୁନା କାହିଁକି ତା'ର ପ୍ରଭାବ ସମଗ୍ର ଉପରେ ପଡୁଛି । ଏ ବିଷୟରେ ଶ୍ରୀ ନଳିନୀକାନ୍ତ ଗୁପ୍ତ ଯାହା କହିଛନ୍ତି ତା'ର ଓଡ଼ିଆ ଅନୁବାଦ ନିମ୍ନରେ ଦିଆଗଲା :

''ପ୍ରତ୍ୟେକଙ୍କ ପ୍ରୟାସ ଅନ୍ୟର ପ୍ରୟାସ ସହିତ ସଂଯୁକ୍ତ । କାରଣ ଆମେ ସମସ୍ତେ ଏକ ହିଁ ମାନବ ପ୍ରକୃତିର ଅଂଶ ଏବଂ ତା' ମଧ୍ୟରେ ଏକ ହିଁ ଉଚ୍ଚତର ଶକ୍ତି କ୍ରିୟା କରି ଆସୁଛି – ତେଣୁ ଏଠାରେ କେହି ବି ବହୁ ଦୂର ଆଗେଇ ଯାଇ ପାରିବ ନାହିଁ କିଂବା ଅତ୍ୟନ୍ତ ପଛରେ ପଡ଼ି ରହି ପାରିବ ନାହିଁ ।''

ତେଣୁ ଆମ୍ଭମାନଙ୍କ ସାଧନାରେ ମଧ୍ୟ ଦୁଇଟି ଧାରା ରହିଛି । ଏକ ଦିଗରେ ଯେପରି ବ୍ୟକ୍ତିଗତ ଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ, ଅନ୍ୟ ଦିଗରେ ସମଷ୍ଟିଗତ ଭାବେ ବିଭିନ୍ନ ଦୁର୍ବଳତା, ଦୋଷ- ତ୍ରୁଟିକୁ ମଧ୍ୟ ଭେଟିବାକୁ ପଡ଼ିବ ଏପରିକି ଏହାର ଚରମ ଅବସ୍ଥାକୁ ମଧ୍ୟ ଭେଟିବାକୁ ପଡ଼ିବ । ଯାହା ଦ୍ୱାରା

ତାହାର ପ୍ରତିକାର କରାଯାଇ ପାରେ । ସେଥିପାଇଁ ଅପ୍ରତ୍ୟାଶିତ କୌଣସି ଦୁର୍ବଳତା ସାଧକ ଭିତରେ ଦେଖା ଦେଲେ ସେଥିରେ ଭାଙ୍ଗି ପଡ଼ିଲେ ଚଳିବ ନାହିଁ, ତା'ର ସମ୍ମୁଖୀନ ହେବାକୁ ପଡ଼ିବ । ଏଥିପାଇଁ ଆମ ଭିତରେ ଥିବା ଯେଉଁ ଶକ୍ତିଶାଳୀ ସତ୍ତାଟି ରହିଛି ଯାହାକୁ ଆମେ ଚୈତ୍ୟସତ୍ତା କହୁ ତା' ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ । ସେ ହିଁ ହେଲେ ଆମର ବ୍ୟକ୍ତିଗତ ଭଗବାନ୍ । ଶ୍ରୀମା ହିଁ ଏହି ଚୈତ୍ୟସତ୍ତା ମଧ୍ୟରେ ରହିଛନ୍ତି । ତେଣୁ ଆମେ କେବେହେଲେ ଶ୍ରୀମା'ଙ୍କଠାରୁ ବିଚ୍ଛିନ୍ନ ହୋଇ ପାରିବୁ ନାହିଁ । ଆମେ ଯଦି ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ନିର୍ଭରତା ରଖି ଆମର ସମସ୍ତ ଭାର ତାଙ୍କ ଉପରେ ଛାଡ଼ି ଦେଉ ତେବେ ଆମେ ସମସ୍ତ ବିପଦ, ଆପଦ ଓ ସଙ୍କଟରୁ ରକ୍ଷା ପାଇପାରିବୁ ।

ଏ ବିଷୟରେ 'ମା' ପୁସ୍ତକରେ ଶ୍ରୀଅରବିନ୍ଦ କହୁଛନ୍ତି :

''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେ ହିଁ ଘେରି ରହିବ । ଯଦି ମା ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା ବିପତ୍ତି ଓ ସଙ୍କଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଙ୍କଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କ ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

('ମା' ବହି, ପୃ, ୧୪) — ଶ୍ରୀଅରବିନ୍ଦ

❑❑❑

ମା'ଙ୍କ ଅଭିମୁଖୀ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ମୋର ଯୋଗ କରୁଛି । ଜଣେ ଯେ ପୂର୍ଣ୍ଣଯୋଗ ''କରି'' ପାରିବ – ଅର୍ଥାତ୍ ନିଜ ଉଦ୍ୟମରେ ଯୋଗର ସବୁଦିଗଗୁଡ଼ିକୁ ବହନ କରି ସମ୍ପନ୍ନ କରିପାରିବ, ଏକଥା ଭାବିବା ଏକ ବିରାଟ ଭୁଲ୍ । ମନୁଷ୍ୟ ମାତ୍ରେ କୌଣସି ଜୀବ ତାହା କରିପାରିବ ନାହିଁ । ବ୍ୟକ୍ତି ଯାହା କରିପାରିବ ତାହା ହେଉଛି ନିଜକୁ ମା'ଙ୍କ ହାତରେ ସମର୍ପି ଦେଇ ନିଜର ସେବା, ଭକ୍ତି ଓ ଅଭୀପ୍ସା ବଳରେ ନିଜକୁ ତା'ଙ୍କ ପ୍ରତି ଉନ୍ମୁକ୍ତ ରଖିବା; ତା'ପରେ ମା' ତାଙ୍କର ଶକ୍ତି ଓ ଜ୍ୟୋତିଃ ମାଧ୍ୟମରେ ବ୍ୟକ୍ତି ମଧ୍ୟରେ କ୍ରିୟା କରିବେ ଯାହାଫଳରେ ସାଧନା ସମ୍ଭବ ହେବ । ଜଣେ ବିରାଟ ପୂର୍ଣ୍ଣଯୋଗୀ ଅଥବା ଏକ ଅତିମାନସ ସତ୍ତା ହେବାର ଉଚ୍ଚାଭିଳାଷ ପୋଷଣ କରିବା ଏବଂ ସେ ଦିଗରେ ମୁଁ କେତେ ଅଗ୍ରଗତି କଲିଣି ବୋଲି ନିଜକୁ ପ୍ରଶ୍ନ କରିବା ମଧ୍ୟ ଏକ ଭୁଲ୍ । ଯଥାର୍ଥ ମନୋଭାବ ହେଉଛି ଉତ୍ସର୍ଗୀକୃତ ଭାବେ ନିଜକୁ ମା'ଙ୍କୁ ଦେଇ ଦେବା ଓ ସିଏ ତୁମକୁ ଯାହା ହେବାକୁ ଚାହାନ୍ତି ସେଇଆ ହେବା ଲାଗି ଇଚ୍ଛା କରିବା । ଅବଶିଷ୍ଟ ଯାହା ରହିଲା ସେସବୁ ମା ସ୍ଥିର କରିବେ ଓ ତୁମ ମଧ୍ୟରେ ତାହା କାର୍ଯ୍ୟକାରୀ କରିବେ ।

(Letters on the Mother, p.-130) — ଶ୍ରୀଅରବିନ୍ଦ

# ଦିବାସ୍ୱପ୍ନ

## (୪)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ । ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷା-ପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପାଇଁ ମଧ୍ୟ ପନ୍ଥା ଉଦ୍ଭାବନ କରିଛନ୍ତି । ତାଙ୍କର ଶିକ୍ଷାର୍ଥୀମାନଙ୍କ ପାଇଁ ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ ହେବାରେ ପ୍ରେରଣା ଯୋଗାଇଛି । ସମସ୍ତ ପ୍ରତିକୂଳ ପରିବେଶରେ ସମାଜ ଓ ପ୍ରଚଳିତ ଶିକ୍ଷାର ପରିବର୍ତ୍ତନ ଦିଗରେ ନିଜର ଅନୁସୃତ ପନ୍ଥାକୁ ସେ ସଫଳ ଭାବେ ପ୍ରୟୋଗ କରି ପାରିଛନ୍ତି ।

ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ଏବେ ଜାଣିବା ସେ କିପରି ନିଜର ସ୍ୱପ୍ନକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରୁଛନ୍ତି ପିଲାମାନଙ୍କୁ ଶିକ୍ଷିତ କରିବା ପାଇଁ । ତାଙ୍କର ପ୍ରୟୋଗର ଧାରା ନିଆରା, ଯାହା ଶିଖିବା, ଜାଣିବା ଓ ଶିକ୍ଷାର୍ଥୀମାନଙ୍କ ସାମର୍ଥ୍ୟର ମୂଲ୍ୟାୟନ କରିବାର ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଛି । କୌଣସି ଧରାବନ୍ଧା ନିୟମର ଅନୁଶୀଳନରେ ନୁହେଁ, ବରଂ ହୃଦୟର ଅନ୍ୱେଷଣ ହିଁ ଶିକ୍ଷକଙ୍କୁ ପଥ ଦେଖାଇଛି ପିଲାମାନଙ୍କୁ ସାଥୀ କରି ଚାଲିବା ପାଇଁ ।... ...]

### ପ୍ରୟୋଗର ପ୍ରଗତି

(III)

ଦିନେ ପାଖ ଶ୍ରେଣୀରୁ ହଠାତ୍ ପାଟି ହେଲା, ‘‘ଆରେ ବାପ୍‌ରେ, ମରି ଗଲିରେ, ମାରି ପକେଇଲେ ଲୋ,’’ କହି କିଏ ଚିତ୍କାର କଲା ।

ମୁଁ ଗପ କହୁଥିଲି । କିନ୍ତୁ ପିଲାମାନଙ୍କର ଧ୍ୟାନସବୁ ପାଟି ଦିଗରେ ଚାଲିଗଲା । ମୁଁ ଗପ ବନ୍ଦ କରି କହିଲି, ‘‘ଜଣେ କିଏ ଯାଇ ଦେଖି ଆସ ଘଟଣା କ’ଣ ? କିଏ କାହିଁକି କାନ୍ଦୁଛି ?’’

ଜଣେ ପିଲା ଦେଖି କରି ଆସି କହିଲା, ‘‘ସେ ଶ୍ରେଣୀର ଜୀବନଲାଲକୁ ସାର୍ ପିଟିଲେ ।’’

ମୁଁ କହିଲି, ‘‘କାହିଁକି ?’’

‘‘ଭୂଗୋଳ ପାଠ ତା’ର କିଛି ମନେ ନାହିଁ ।’’

ପୁଣି ପଚାରିଲି, ‘‘ତେବେ ତାକୁ ମାରିବା କ’ଣ ଦରକାର ଥିଲା ?’’ ମୋର ଜଣେ ଛାତ୍ର କହିଲା, ‘‘ଯଦି କିଏ ପାଠ ମନେ ନ ରଖି ଆସିବ ତେବେ ଆଉ କ’ଣ ହେବ ?’’

ମୁଁ କହିଲି, ‘‘କିନ୍ତୁ ଜଣକର ଯଦି ମନେ ନ ରହୁଛି, ତେବେ ?’’

ଜଣେ କହିଲା, ‘‘ପାଠ ତ ମନେ ରଖିବାକୁ ହିଁ ହେବ । ନ ହେଲେ ସାର୍ ଆଉ କ’ଣ କରିବେ ? ଦଣ୍ଡ ତ ନିଶ୍ଚୟ ଦେବେ ।’’

ମୁଁ ପଚାରିଲି, ‘‘କିନ୍ତୁ ମାରିଲା ପରେ ମଧ୍ୟ ଯଦି ଜଣକର ମନେ ନ ରହିଲା, ତେବେ ?’’

ଦ୍ୱିତୀୟ ଜଣକ କହିଲା, ‘‘ତା’ହେଲେ ବି ସାର୍ ନିଶ୍ଚୟ ମାଡ଼ ଦେବେ । ସେ ଆଉ କ’ଣ କରିପାରିବେ ? ମନେ ନ ରହିଲେ ମାରିବେ, ପିଟିବେ, ଦଣ୍ଡଦେବେ ।’’

ମୁଁ କହିଲି, ‘‘ଭଲ କଥା । ଏବେ କୁହ, ତୁମମାନଙ୍କ ଭିତରୁ କିଏ କିଏ ମାଡ଼ ଖାଇବାକୁ ପ୍ରସ୍ତୁତ ଅଛ ?’’

ସମସ୍ତେ କହିଲେ, ‘‘ନାହିଁ ନାହିଁ । ସେକଥା କିଏ ଚାହିଁବ ?’’

ମୁଁ କହିଲି, ‘‘ମୁଁ ପାଠ ଦେବି । ତୁମେ ମନେ ନ ରଖି ଆସିଲେ ତୁମକୁ ମୋର ମାରିବା କଥା ତ ?’’

– ''କିନ୍ତୁ ଆମେ ନିଶ୍ଚୟ ପାଠ ମନେ ରଖି ଆସିବୁ ।''

– ''ତୁମେ ଘୋଷିବା ପରେ ବି ଯଦି ତୁମର ମନେ ନ ରହିଲା ?''

– ''ଆଉ କ'ଣ କରିବା ? ତଥାପି ଦଣ୍ଡ ନ ଦେଲେ ଭଲ ହୁଅନ୍ତା । ମାଡ଼ ଦେଲେ କାଟିବ । ଆମର ମନେ ନ ରହିଲେ ପୁଣି ପଢ଼ାଇବେ । ଆମେ ପୁଣି ଘୋଷିବୁ ।''

ମୁଁ କହିଲି, ''ହଉ ଛାଡ଼ । ଆମେ ଏବେ ପୁଣି ଗପ ଆରମ୍ଭ କରିବା ।''

କିନ୍ତୁ ପିଲାମାନଙ୍କର ମନ ତ ଯାଇ ଜୀବନଲାଲ ପାଖରେ । ସେମାନେ ସବୁ କହୁଥା'ନ୍ତି, ''ଦେଖିବ ରୁହ । ଜୀବନ ତ ପକ୍କା ଜଣେ । ପରେ ସେ ସାର୍‌ଙ୍କୁ ଗାଳି ଦେବ । କାନ୍ଥରେ ତାଙ୍କର ବେଢଙ୍ଗ ଚିତ୍ର କରିବ । ସାର୍‌ଙ୍କ ନାଁରେ ଖରାପ କଥା ସବୁ ଲେଖିବ ।''

ସମସ୍ତେ କହିଲେ, ''କିନ୍ତୁ ସାର୍ ବି ତ ତାକୁ ବହୁତ ପିଟୁଛନ୍ତି ।''

ମୁଁ କହିଲି, ''ତେବେ ଏହାର କ'ଣ କିଛି ସମାଧାନ ଅଛି ?''

ସବୁ ପିଲା କହିଲେ, ''ତାକୁ ମାଡ଼ ଦେବା ଉଚିତ ନୁହେଁ ।''

ମୁଁ କହିଲି, ''ତା'ହେଲେ ପାଠ କଥା କ'ଣ ହେବ ?''

ପିଲାମାନେ ଉତ୍ତର ଦେଲେ, ''ଯଦି ପାଠ ନ ପଢ଼ିବ, ତାକୁ ସ୍କୁଲରୁ ବାହାରି କରି ଦିଆଯାଉ । ଖାଲି ମାରିଲେ କ'ଣ ଲାଭ ? ଯଦି ମାରିଲେ ପାଠ ହେଉଥା'ନ୍ତା ତେବେ ପିଲାମାନେ ତ ପ୍ରତିଦିନ ମାଡ଼ ଖାଉଛନ୍ତି ।''

ଜଣେ କହିଲା, ''ଆରେ, ଜୀବନର ତ ପଢ଼ାରେ ମୋଟେ ମନ ନାହିଁ । ତାକୁ ତ ଠେକୁଆ ଧରିବାକୁ ଭଲ ଲାଗେ । ଗାଈ ଚରେଇବାରେ ସେ ଓସ୍ତାଦ ।''

ଦ୍ୱିତୀୟ ଜଣକ କହିଲା, ''ଭାଇ, ଜୀବନ ତ ଖାଲି ଶ୍ରେଣୀ ଭିତରେ ମାଡ଼ ଖାଏ । ବାହାରେ କିନ୍ତୁ ସେ ସମସ୍ତଙ୍କୁ ମାରେ । ଆମେମାନେ ତାକୁ ବହୁତ ଡରୁ ।''

ମୁଁ ପଚାରିଲି, ''ସେ କେଉଁ ଜାତିର ପିଲା ?''

ପିଲାମାନେ କହିଲେ, ''ସେ ଜାତିରେ କୋଲି । ତା' ବାପା ସରକାରୀ ଚାକିରି କରନ୍ତି ଓ ତାକୁ ଜବରଦସ୍ତ ପଢ଼ିବା ପାଇଁ ପଠାନ୍ତି । ଘରେ ପଢ଼ାଇବା ପାଇଁ ଜଣେ ଶିକ୍ଷକ ମଧ୍ୟ ତା'ର ଅଛନ୍ତି ।''

ମୁଁ କହିଲି, ''ଛାଡ଼ ଏସବୁ କଥା । ଆମେ ଆମର ଗପ ପୂରା କରିବା ।''

ଆମର ଗପ ସରୁ ସରୁ ଘଣ୍ଟି ବାଜିଲା । ମୁଁ ଦଣ୍ଡ ଓ ତା'ର ପରିଣାମ ବିଷୟରେ ଭାବି ଭାବି ଘରକୁ ଆସିଲି । ମୁଁ ତ କାହାକୁ ଦଣ୍ଡ ଦେବାର ପ୍ରଶ୍ନ ବି ନାହିଁ । ତେଣୁ ମୋ ମନରେ ଏ ବିଷୟରେ କିଛି ଚିନ୍ତା ନ ଥାଏ । ଏହିପରି ଆହୁରି କିଛି ଦିନ ବିତିଗଲା ।

## (IV)

ଦିନେ ମୁଁ ଅଧିକାରୀଙ୍କୁ ଦେଖା କରି କହିଲି, ''ଆଜ୍ଞା, ଆପଣ ଏପରି ଏକ ଆଦେଶ ଜାରି କରି ଦିଅନ୍ତୁ ଯେ ସ୍କୁଲକୁ ସମସ୍ତେ ସଫା ଜାମା ପିନ୍ଧି କରି ଆସିବେ । ମୁଣ୍ଡରେ ଟୋପି ପିନ୍ଧିବାର ଅଛି ତ ସେସବୁକୁ ସଫା ରଖିବାକୁ ହେବ । ମୁଣ୍ଡକୁ ଠିକ୍ ଭାବରେ କୁଣ୍ଡାଇବେ । ପ୍ରତି ସପ୍ତାହରେ ପିଲାଙ୍କର ନଖ କଟା ହେବା ଦରକାର । ବାଳ ବଢ଼ିଗଲେ ତା' ମଧ୍ୟ । ବୋତାମ ନ ଥିବା ଜାମା କେହି ପିନ୍ଧିବେନି । ସବୁ ପିଲା ଗାଧୋଇ ପାଧୋଇ ସ୍କୁଲକୁ ଆସିବେ । ଅତି କମ୍‌ରେ ମୁହଁ, ଗୋଡ଼, ହାତ ତ ନିଶ୍ଚୟ ଧୋଇବେ ।''

ଅଧିକାରୀ ଜଣକ ଧୀର ସ୍ଥିର ହୋଇ ଶୁଣିଲେ, ହସିଲେ ଓ କହିଲେ, ''କାହିଁ, କ'ଣ ମାଆବାପାମାନେ ତୁମ କଥା ବୁଝୁ ନାହାନ୍ତି ?''

ମୁଁ କହିଲି, ''ଆଜ୍ଞା, ସେମାନଙ୍କୁ ବହୁତ ବୁଝାଉଛି । କିନ୍ତୁ ତାଙ୍କ ମୁଣ୍ଡରେ କିଛି ପଶୁନି । ଭଲ ଭଲ ଧନୀ ଘରର ମାଆବାପାମାନେ ମଧ୍ୟ ବୁଝୁ ନାହାନ୍ତି । କହୁଛନ୍ତି, 'ପିଲାଦିନେ ଆମେ ବି ତ ଏମିତି ସ୍କୁଲକୁ ଯାଉଥିଲୁ । ସବୁଦିନ ଏସବୁ କାମ କିଏ କରିବ ? ଭାଇ, ଆପଣଙ୍କ କାମ ପଢ଼ାଇବା, କେବଳ ପଢ଼ାନ୍ତୁ ତ !' ଏସବୁ ତ ମୁଁ ଠିକ୍ କରି ଦେବି । ସତ କହିବାକୁ ଗଲେ ମୁଁ ଏମିତି ପିଲାଙ୍କୁ ପଢ଼ାଇବାକୁ ବି ପସନ୍ଦ କରେନି ।''

ଅଧିକାରୀ କହିଲେ – ''ତୁମେ ପୂରା ସତ କହୁଛ । ଆମର ସମାଜ ଏମିତି । ଏ ସମାଜର ସଂସ୍କାର କରିବା ଯାହା, ଅସମ୍ଭବକୁ ସମ୍ଭବ କରିବା ତାହା । ତଥାପି ଯେବେଠୁ ଏ ବିଭାଗ ମୋ ହାତକୁ ଆସିଲାଣି, ସେବେଠୁ ମାଆବାପାମାନେ କିଛି କିଛି ଶୁଣିଲେଣି ।''

ମୁଁ କହିଲି, ''ତେବେ ଆପଣ ଏ ଆଦେଶ ଦେବେ ନାହିଁ ?''

— ''ଭାଇ, ଏମିତି ଆଦେଶ ତ ମୁଁ ପଠାଇ ପାରିବି ନାହିଁ । ଏହା ମୋର କ୍ଷମତାର ବାହାରେ ।''

— ''ଆପଣଙ୍କ କ୍ଷମତାର ବାହାରେ ? ଆପଣ ତ ଜଣେ ବଡ଼ ଅଧିକାରୀ ।''

— ''ଭାଇ, ଏ ତ ଗୋଟିଏ ଛୋଟିଆ ଅଞ୍ଚଳ । ଅନ୍ୟ ଅଞ୍ଚଳର ଅଧିକାରୀମାନଙ୍କ ହାତରେ ମଧ୍ୟ ଏପରି କ୍ଷମତା ରହେ ନାହିଁ ।''

ମୁଁ କହିଲି — ''ତେବେ ?''

ଅଧିକାରୀ କହିଲେ — ''ତୁମେ ବଡ଼ ଆସନକୁ ହଲାଅ । ସେଇଠୁ ଏ ପ୍ରକାରର ଆଦେଶ ଜାରି କରାଯାଇ ପାରେ । କିନ୍ତୁ ଲୋକମାନେ ଏସବୁ ଆଦେଶକୁ ମାନନ୍ତି କେତେ ? ଯଦି ସେମାନେ ଆମର ଆଦେଶ ନ ମାନିବେ ତେବେ ଆମେ ସେମାନଙ୍କର କ'ଣ କରିପାରିବା ?''

— ''ସେମାନଙ୍କର ପିଲାମାନଙ୍କୁ ସ୍କୁଲରୁ ବାହାର କରିଦେବା ।''

— ''ତା' କେବେ ବି ହୋଇ ପାରିବ ନାହିଁ । ଆମେ ଏପରି କିଛି କଲେ ତ ବହୁତ ଗଣ୍ଡଗୋଳ ଲାଗିଯିବ ।''

ମୁଁ କହିଲି, ''ସବୁ କିଛି ତ ହୋଇ ପାରିବ । କିନ୍ତୁ ଖାଲି ବୁଦ୍ଧି ଥିଲେ କ'ଣ ହେବ ? ତାକୁ କାମରେ ଲଗାଇବା ପାଇଁ କିଛି କ୍ଷମତା ତ ନାହିଁ । ଏକଥା ସତ ଯେ ଶିକ୍ଷକମାନଙ୍କୁ ପଚାରେ କିଏ ?''

ଅଧିକାରୀ କହିଲେ — ''ହେଲା ଏବେ ସେକଥା । ଏବେ ଯେମିତି ଚାଲୁଛି ଚାଲୁଥାଉ ।''

— ''ଆଜ୍ଞା ତା ତ ହୋଇ ପାରିବ ନାହିଁ । ମୁଁ ତ ସ୍କୁଲ ଭିତରେ ଯେତେ ଚେଷ୍ଟା କରାଯାଇ ପାରିବ, କରିବି, ପିଲାମାନଙ୍କ ଭିତରେ ଏ ଅଭ୍ୟାସ ସବୁ କରାଇବି । ଖାଲି ସେତିକି ନୁହେଁ, ସମୟ ମିଳିଲେ ଏସବୁ ବିଷୟ ସମସ୍ତଙ୍କ ଆଗରେ ଉଠାଇବି ମଧ୍ୟ । ଏ କଥାକୁ ଲୋକେ ଖାତିର କରନ୍ତୁ ବା ନ କରନ୍ତୁ । ଏକଥା ସତ ଯେ ଆମ ସ୍କୁଲର ଅପରିଷ୍କାର ପରିବେଶ ହଜାର ପ୍ରକାର ରୋଗର ଘର । ଆମକୁ ଏସବୁ ଦୂର କରିବାକୁ ପଡ଼ିବ ।''

ଅଧିକାରୀ କହିଲେ — ''ଠିକ୍ ଅଛି । ତୁମେ ଯେମିତି ଭାବୁଛ କର । ପ୍ରୟୋଗ କରିବାକୁ ତ ଆସିଛ । କିନ୍ତୁ ଚତୁର୍ଥ ମାସ ତ ଏବେ ପୂରିବାକୁ ବସିଲାଣି । ମନେରଖ, ସମୟ ଜୋର୍‌ରେ ବିତିଯାଉଛି ।''

ନମସ୍କାର କରି ମୁଁ ଘରକୁ ଆସିଲି । ନିଜ ପଇସାରେ (କିଛି କିଣିବାକୁ କଣ୍ଟିନ୍‌ଜେନ୍ସିରେ କ'ଣ ବା ପଇସା ଥିଲା ଯେ ?) ଦୁଇଟି ଝାଡୁ କିଣିଲି । ଗୋଟିଏ ଛୋଟ ଦର୍ପଣ । ଗୋଟିଏ ପାନିଆ, ଖଦଡ଼ ତଉଲିଆଟିଏ ଏବଂ ଗୋଟିଏ ଛୋଟ କଇଁଚି ମଧ୍ୟ କିଣିଲି । ସ୍କୁଲ ପଛପଟେ ଗୋଟିଏ ପାଣିକଳ ଥିଲା । ମୁଁ ସେଦିନ ଶ୍ରେଣୀ ଭିତରେ ଏସବୁ ପ୍ରସ୍ତୁତ କରି ରଖିଲି ।

ଦ୍ୱିତୀୟ ଦିନ ପିଲାମାନଙ୍କୁ ମୁଁ ଗୋଟିଏ ଧାଡ଼ି କରି ଠିଆ କରାଇଲି । ବର୍ତ୍ତମାନ ପିଲାମାନେ ବେଶ୍ ଶୃଙ୍ଖଳିତ ହୋଇ ସାରିଥିଲେ । ସେମାନେ ସବୁ ମୋତେ ଭଲ ବି ପାଉଥା'ନ୍ତି । ସେମାନଙ୍କର ବିଶ୍ୱାସ ହୋଇ ଯାଇଥାଏ ଯେ ମୁଁ ଯାହା କରୁଛି, ସେମାନଙ୍କର ଭଲ ପାଇଁ ହିଁ କରୁଛି ।

ମୁଁ ଦର୍ପଣରେ ସମସ୍ତଙ୍କୁ ମୁହଁ ଦେଖାଇଲି ଏବଂ କହିଲି — ''ଯଦି ତୁମେ ଭାବୁଛ ଯେ ତୁମର ମୁହଁ, ଆଖି ବା ନାକ ଅପରିଷ୍କାର ହୋଇଛି ତେବେ ଯାଇ ନଳରେ ଧୋଇ ଆସ । ହାତ ଗୋଡ଼ ମଧ୍ୟ ଧୋଇ ଦେବ ଓ ବାଳ ଓଦା କରି ଦେବ ।''

ବାସ୍ । ସମସ୍ତେ ହୋ ହୋ ହୋଇ ଏକାଥରକେ ଧାଇଁଲେ ଓ ଠେଲାପେଲା ହୋଇ ହାତ, ମୁହଁ, ଗୋଡ଼ ଇତ୍ୟାଦି ଧୋଇବାରେ ଲାଗିଲେ ।

ମୁଁ ଭାବିଲି — ''ଏମାନଙ୍କୁ ଧାଡ଼ିରେ ଚାଲିବା ଓ କାମ କରିବା ଶିଖାଇବାକୁ ପଡ଼ିବ । ଏମିତି ଏପଟ ସେପଟ କାମ ତ ଆମର ସାରା ସମାଜ କରୁଛି । ଏ ପ୍ରକାରର ବିଶୃଙ୍ଖଳାରୁ ଆମ ପିଲାମାନଙ୍କୁ ବଞ୍ଚାଇବାକୁ ପଡ଼ିବ ।''

ମୁଁ ସେଠି ଗୋଟିଏ ଗାର ଟାଣି ଦେଲି ଏବଂ କହିଲି — ''ଦେଖ, ତୁମେ ସବୁ ଏ ଗାର ଉପରେ ଠିଆ ହୁଅ । ଜଣକ ପରେ ଜଣେ ନଳ ପାଖକୁ ଯାଅ ।'' ମୁଁ ଖଦି ତଉଲିଆଟି ଧରି ଠିଆ ହୋଇ ରହିଲି ଏବଂ ପିଲାମାନେ ଦୁଇ କଡ଼ରୁ ଆସି ହାତ, ଗୋଡ଼, ମୁହଁ ଇତ୍ୟାଦି ପୋଛିବାରେ ଲାଗିଲେ ।

ସ୍କୁଲ ହତାରେ ଏପରି କାମ ପ୍ରଥମ ଥର ପାଇଁ ହେଉଛି । ତେଣୁ ରାସ୍ତାରେ ଯାଉଥିବା ଲୋକମାନେ ଅଟକି କରି ଦେଖୁଥିଲେ ଘଟଣା କ'ଣ ?

ହାତ, ମୁହଁ ଧୋଇ ସାରିବା ପରେ ଆମେ ପୁଣି ଥରେ ଶ୍ରେଣୀକୁ ଆସିଲୁ । ମୁଁ ତାଙ୍କୁ ପାନିଆଟି ଦେଇ କହିଲି, ''ନିଜ ନିଜର ମୁଣ୍ଡ କୁଣ୍ଡାଇ ନିଅ ।'' ମୁଁ ସେମାନଙ୍କର ଟୋପିଗୁଡ଼ିକ ଗୋଟିଏ କୋଣରେ ରଖି ଦେଇଥିଲି । ପିଲାମାନେ ଗୋଲ ଟାଣି ଦେଇ ତା' ଉପରେ ବସିବାକୁ କହିଲି । ମୁଁ ବି ସେଠି

ବସିଲି ଓ ତାଙ୍କୁ କହିଲି, ''ଦେଖ, ଏବେ ତୁମର ହାତ, ଗୋଡ଼ କେତେ ସଫା । ତୁମର ମୁହଁ କେତେ ସୁନ୍ଦର ଲାଗୁଛି । ଏସବୁ ତୁମକୁ ଭଲ ଲାଗୁଛି ନା ନାହିଁ ?''

ସମସ୍ତେ କହିଲେ, ''ହଁ, ଭଲ ଲାଗୁଛି ।''

ମୁଁ କହିଲି, ''ତେବେ ଦେଖ, ପ୍ରତ୍ୟେକ ଦିନ ସ୍କୁଲକୁ ଆସିବା ମାତ୍ରେ ତୁମେମାନେ ଏ କାମ ଆଗ କରିବ । ତା'ପରେ ଆମେ ଅନ୍ୟ କାମ କରିବା ।''

ସେଦିନ ମୋତେ ବହୁତ ଭଲ ଲାଗୁଥିଲା । ମୋ ମନ ବଡ଼ ଖୁସି ଥିଲା । ମୁଁ କହିଲି, ''ଆସ, ଆଜି ଆମେ ଗୋଟିଏ ଗୀତ ଗାଇବା ।'' ପ୍ରଥମେ ଆମେ ଗୋଟିଏ ପ୍ରାର୍ଥନା ଗାଇଲୁ । ପ୍ରାର୍ଥନାଟି ଆଜି ମୋ ମୁହଁରୁ ଆପେ ଆପେ ବାହାରିଗଲା ।

ସେଦିନ ନଖ, ଜାମା ଓ ବୋତାମ ଦେଖା କାମସବୁ ବାକୀ ରହିଗଲା । ତଥାପି ସେସବୁକୁ ଛାଡ଼ି ଦେଇ ମୁଁ ସେ ଦିନର ଦ୍ୱିତୀୟ କାମଟି ଆରମ୍ଭ କଲି ।

(V)

ମୁଁ ଭାବିଲି, ''ଇତିହାସ ପାଠର ମୂଳଦୁଆ ତ ମୁଁ ଗପ ମାଧ୍ୟମରେ ପକାଇ ସାରିଛି । ଏବେ କବିତାର ମୂଳଦୁଆ ପକାଇବି ଲୋକଗୀତ ମାଧ୍ୟମରେ ।'' ମୁଁ ବହୁତ ଭାବିଚିନ୍ତି ଠିକ୍ କରିଥିଲି ଯେ ପ୍ରଥମ ଛଅ ମାସ ମୁଁ କେବଳ ପ୍ରାରମ୍ଭିକ ପ୍ରସ୍ତୁତି କରିବି, ତା'ପର ମାସଗୁଡ଼ିକରେ ବିଧିବଦ୍ଧ ଭାବରେ ପଢ଼ାଇ ତାଙ୍କର ଶିକ୍ଷାକୁ ଗଢ଼ି ତୋଳିବି ।

ଯେତେବେଳେ ପିଲାମାନଙ୍କୁ କିଛି ନୂଆ କଥା ମିଳେ, ସେମାନଙ୍କର ମନ ଖୁସି ହୋଇଯାଏ । ମୁଁ ଲୋକଗୀତ ଆରମ୍ଭ କରି କହିଲି – ''ଦେଖ, ମୁଁ ତୁମମାନଙ୍କୁ ଗୀତ ଶିଖାଇବି । ତୁମେ ସମସ୍ତେ ଗାଇବ ।''

ମୁଁ ଗାଇଲି –

''କାହ୍ନୁ ହୃଦୟର ମଣି, ମୋ ସଖିରେ
କାହ୍ନୁ ମୋ ହୃଦୟ ମଣି ।''

କିନ୍ତୁ ମୋ ସାଙ୍ଗରେ କେହି ଗାଇଲେନି । ମୋତେ ଆଶ୍ଚର୍ଯ୍ୟ ଲାଗିଲା । ଚତୁର୍ଥ ଶ୍ରେଣୀର ପିଲା ଏତିକି ବି ଗାଇ ପାରିବେନି ? କିନ୍ତୁ ତାଙ୍କର ତ ଗାଇବା ଅଭ୍ୟାସ ହିଁ ନ ଥିଲା । ମୁଁ ଆଉ ଗୋଟେ ଗୀତ ଗାଇଲି –

''ଏଇ ମୋ ମୟୂର, ମୋ ମୟୂର
ମୋତି ଖାଉଅଛି ମୋ ମୟୂର ।''

ଏବେ ସେମାନେ ଟିକେ ଟିକେ ଗାଇଲେ ।

କିନ୍ତୁ ପଚିଶ ତିରିଶ ଜଣ ଏକାଠି ଗାଇବାରୁ ଜୋର୍ ଶବ୍ଦ ହେଲା ।

ପାଖ ଶ୍ରେଣୀରୁ ଜଣେ ଶିକ୍ଷକ ଆସି କହିଲେ, ''ଭାଇ, ବନ୍ଦକର ଏ ପାଟିତୁଣ୍ଡ । ଆମକୁ କିଛି ବି ଶୁଣାଯାଉ ନାହିଁ ।''

ଆଉ ଜଣେ ଶିକ୍ଷକ କହିଲେ, ''ଏ ମହାଶୟ ତ ପ୍ରତିଦିନ କିଛି ନା କିଛି ନୂଆ ନବରଙ୍ଗ ଲଗାଉଛନ୍ତି । ଆମ ପିଲାଙ୍କୁ ଆମେ ଶାନ୍ତିରେ ପଢ଼ାଇ ପାରିବୁ ନା ନାହିଁ, ୟା'ଙ୍କର କ'ଣ ଚିନ୍ତା ଅଛି ? ତାଙ୍କର ପ୍ରୟୋଗରେ ସେ ସଫଳ ହୋଇ ଗଲେ ଅଧିକାରୀ ଆମକୁ କହିବେ କି ଏମିତି କର ।''

ଏହି ସମୟରେ ପ୍ରଧାନ ଶିକ୍ଷକ ଆସିଗଲେ । କହିଲେ – ''ଲକ୍ଷ୍ମୀଶଙ୍କରଜି, ଏ କ'ଣ ଚାଟଶାଳୀ ହୋଇଛି ଯେ ପିଲାମାନଙ୍କୁ ଗୀତ ଘୋଷାଉଛ !''

ସେମାନେ ଗଲାପରେ ଭାବିଲି, ''ଆଚ୍ଛା ଧନ୍ଦାରେ ଧନ୍ଦି ହେଲି ଯେ ମୁଁ । ହଉ, ଏକାଠି ଗାଇବା ଛାଡ଼ି ଖାଲି ଗୀତ ଶୁଣିବା ।''

ମୁଁ ପିଲାମାନଙ୍କୁ କହିଲି, ''ରୁହ ! ମୁଁ ଗାଇବି ଓ ତୁମେସବୁ ଶୁଣିବ ।''

ମୁଁ ଗାଇଲି, ''ନୋଥ ଗଢ଼ିଦେ ରେ ବଣିଆ, ମୋ ନୋଥ ଗଢ଼ିଦେ ।'' ଯେଉଁ ପିଲାମାନେ ସଙ୍ଗୀତ ପ୍ରତି ଆଦର ଦେଖାଉ ନ ଥିଲେ, ସେମାନଙ୍କୁ ମୁଁ କହିଲି, ''ଭାଇ, ତୁମେମାନେ ଯାଇ ଅଲଗା ବସ । ତୁମ ଖାତାରେ ତୁମ ମନକୁ ଯାହା ଆସୁଛି ଲେଖ, ନ ହେଲେ ଚିତ୍ର କର ।''

ମୁଁ ଆଉ ଗୋଟିଏ ଗୀତ ଗାଇଲି । ପିଲାଙ୍କର ଆଗ୍ରହ ବଢ଼ିଗଲା । ପୁଣି ଆଉ ଗୋଟିଏ । ସେମାନେ ଦ୍ୱିତୀୟ ଗୀତଟିକୁ ଖୁବ୍ ପସନ୍ଦ କଲେ । ମୋତେ ସେଇଟିକୁ ପୁଣି ଥରେ ଗାଇବାକୁ ପଡ଼ିଲା । ମୁଁ ଯେତେ ଯେତେ ଗାଇଲି ସେମାନଙ୍କର ଆଗ୍ରହ ସେତେ ସେତେ ବଢ଼ିଗଲା । ଶେଷରେ ମୁଁ ପିଲାମାନଙ୍କୁ କହିଲି, ''ଦେଖ, ମୁଁ ପ୍ରତିଦିନ ତୁମକୁ ଏମିତି ଗୀତସବୁ ଶୁଣାଇବି । କିନ୍ତୁ ସ୍କୁଲ ଭିତରେ ତୁମେ ଏ ଗୀତସବୁ ଗାଇବନି ।''

କିନ୍ତୁ ଦୁଇ ଦିନ ଭିତରେ ପିଲାମାନେ ଯେଉଁଠି ପାରିଲେ, ସେଇଠି ''ମୋ ନୋଥ ଗଢ଼ିଦେ'' ଗୀତଟିକୁ ଗୁଣୁ ଗୁଣୁ କରି ଗାଇଲେ । ମୁଁ ତାଙ୍କୁ ବୁଝାଇ ଦେଲି, ''ଯଦି ଗାଇବାକୁ ଚାହୁଁଛ ତେବେ ସ୍କୁଲ ବାହାରେ ଗାଅ, ଭିତରେ ନୁହେଁ ।''

ଗାଁ ସାରା ଲୋକ କୁହାକୁହି ହେଲେ, ‘‘ଏ କି ପ୍ରକାର ଗୀତ ?’’

ଭଗବାନ୍ ଦର୍ଜି କହିଲା – ‘‘ଏତ ନବରାତ୍ରୀର ଗରବା ଯାତ୍ରା ଗୀତ ପରି ଜଣା ପଡୁଛି ।’’

ରଘୁଜି କହିଲେ, ‘‘ତା’ହେଲେ ଏ ମାଷ୍ଟର ଜଣକ ଜଣେ ଯାତ୍ରାବାଲା । ସେ କ’ଣ ଏଠି ଗରବା ଯାତ୍ରା ଶିଖାଇବାକୁ ଆସିଛି ?’’

ପିଲାମାନଙ୍କର ମାଆମାନେ କହିଲେ, ‘‘ମାଷ୍ଟର ସ୍କୁଲରେ ସ୍ତ୍ରୀ ଲୋକଙ୍କର ଗୀତ କାହିଁକି ଶିଖାଉଛି ?’’

ମୁଁ ଏସବୁ କଥା ଶୁଣି ନ ଶୁଣିଲା ପରି ରହିଗଲି । ଶୁଣି ବସିଲେ କାନ ତ ପାଚିଯିବ, କାମ ବି ହେବନି । ମୋର ତ ଖାଲି କାମ କରିବା କଥା । କାମ ଗୋଟିଏ ବଡ଼ ସଂଘର୍ଷ । କିଛି ବି ନୂଆ କାମ କଲେ ଏମିତି ଅନେକ କଥା ଶୁଣିବାକୁ ପଡ଼ିଥାଏ ।

ମୁଁ ପ୍ରତିଦିନ ପିଲାମାନଙ୍କ ଆଗରେ ନୂଆ ନୂଆ ଗୀତ ଗାଇଲି ଓ ଲକ୍ଷ୍ୟ କଲି କେଉଁ ଗୀତ ସେମାନଙ୍କୁ ବେଶୀ ଭଲ ଲାଗୁଛି । ଏମିତି କରୁ କରୁ ପିଲାମାନେ କେତେଗୁଡ଼ିଏ ଗୀତ ମନେ ରଖି ନେଲେ । ଅବଶ୍ୟ ଦୁଇ, ଚାରିଜଣଙ୍କର ଗୀତରେ ଆଦୌ ରୁଚି ନ ଥିଲା । ଗୀତ ବେଳେ ସେମାନେ ପଢୁଥିଲେ ବା ଲେଖୁଥିଲେ । ମୁଁ ବି ସେମାନଙ୍କ ବିଷୟରେ କିଛି ଚିନ୍ତା କରୁ ନ ଥିଲି ।

ଯା’ ଭିତରେ ଦିନେ ରାସଲୀଳା କାର୍ଯ୍ୟକ୍ରମ କରିବା ପାଇଁ ମୁଁ ମନରେ ଗୋଟିଏ ଯୋଜନା ପ୍ରସ୍ତୁତ କଲି ।

ଏ ସମୟରେ ମୋ ଶ୍ରେଣୀର ନିତି ଦିନିଆ କାର୍ଯ୍ୟକ୍ରମ ଥିଲା କଥାବାର୍ତ୍ତା, ବହିପଢ଼ା, ଆଦର୍ଶ କଥା, ଖେଳ, ଶ୍ରୁତଲିଖନ, କବିତା ଶୁଣା, ପରିଚ୍ଛନ୍ନତା ଓ ପ୍ରାର୍ଥନା ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ)

❑❑❑

*ପ୍ରଶ୍ନ : ରାମାୟଣ ଓ ମହାଭାରତର କାହାଣୀ ଉପରେ ମୁଁ ଅତ୍ୟନ୍ତ ମହତ୍ତ୍ୱ ଦେଇ ଆସିଛି । କବୀର ଓ ମୀରାବାଈ ଆଦିଙ୍କ ଭଜନ ଉପରେ ମଧ ସେହିପରି ମହତ୍ତ୍ୱ ଦେଇଛି । ଏହି ପୁରାତନ ବିଷୟଗୁଡ଼ିକୁ ଚାଲୁ ରଖିବା ଦ୍ୱାରା ଆପଣଙ୍କର ଧାରାଟିର ବିରୋଧାଚରଣ ହେବ କି ?*

**ଶ୍ରୀମା** : ନା – ମୋଟେ ନୁହେଁ । ଅସଲ ମହତ୍ତ୍ୱର କଥା ହେଉଛି ଦୃଷ୍ଟିକୋଣ । ଅତୀତକୁ ଆମେ ଭବିଷ୍ୟ ମଧକୁ ଝାମ୍ପ ଦେବାର ଏକ ପଟାପରି ବ୍ୟବହାର କରିବା । ଅତୀତ କଦାପି ଏପରି ଏକ ଜଞ୍ଜିର ପରି ହେବ ନାହିଁ ଯାହା ଆମକୁ ଅଗ୍ରଗତି କରିବାରୁ ନିବୃତ୍ତ କରି ରଖିବ । ମୁଁ ଯେପରି କହିଲି, ଅତୀତ ପ୍ରତି ଆମର କେଉଁଭଳି ଦୃଷ୍ଟିକୋଣ ରହିଛି, ସବୁ ତାହାରି ଉପରେ ହିଁ ନିର୍ଭର କରିବ ।

*

**ଶ୍ରୀମା** : ଆମ ଗ୍ରନ୍ଥାଗାର ଆମର ବୁଦ୍ଧି ଲାଗି ଏପରି ଏକ ଚାରଣଭୂମି ହୋଇ ରହିପାରିବା ଉଚିତ, ଯେଉଁଠାକୁ କି ଆମେ ଆଲୋକ ଏବଂ ପ୍ରଗତିର ସନ୍ଧାନରେ ବାରବାର ଆସି ପାରୁଥିବା ।

# ସୁନ୍ଦରପକ୍ଷ

## ମଧୁସୂଦନ ମହାପାତ୍ର

ଓଡ଼ିଶାର ଶିମିଳିପାଳ ପର୍ବତମାଳାର ଗୋଟିଏ ପାହାଡ଼ର ନାମ ମେଘାସନ । ସେଠାରେ ପପା ବୋଲି ଗୋଟିଏ ଜଙ୍ଗଲ ଅଛି । ସେଠାରେ ବହୁ ସଂଖ୍ୟାରେ ନାନା ପ୍ରକାର ପକ୍ଷୀସମାଜ ନିବାସ କରନ୍ତି । ଯଦ୍ୟପି ସେମାନେ ନିଜ ଜୀବିକା ନିମନ୍ତେ କୌଣସି ଗାଁକୁ ଯାଆନ୍ତି ନାହିଁ, ବଣରୁ ମିଳୁଥିବା ଆହାରରେ ସେମାନେ ନିଜ ଖାଦ୍ୟ ବ୍ୟବସ୍ଥା କରିଥା'ନ୍ତି, ତଥାପି ଗ୍ରାମ ଲୋକଙ୍କ ଉପଦ୍ରବ ସେମାନଙ୍କୁ ଭୋଗ କରିବାକୁ ହୋଇଥାଏ । ବ୍ୟାଧମାନେ ନଳରେ ବା ଅଠାକାଠିରେ ସେମାନଙ୍କୁ ଧରନ୍ତି । ସାପମାନଙ୍କଠାରୁ ଆହୁରି ଗୋଟିଏ ବିପଦ, ସେମାନେ କେତେବେଳେ ଆସି ସେମାନଙ୍କ ଶାବକମାନଙ୍କୁ ଧରି ଗିଳି ପକାନ୍ତି ଯେ ସେମାନେ ଜାଣିପାରନ୍ତି ନାହିଁ । ଯେଉଁମାନେ ବର୍ତ୍ତିଗଲେ ସେମାନେ ଯେତେବେଳେ ଆକାଶରେ ଖଣ୍ଡିଉଡ଼ା ଦିଅନ୍ତି ସେତେବେଳେ ମାଟିଆ ଚିଲ, ଛଞ୍ଚାଣ ପ୍ରଭୃତି ହିଂସ୍ର ଚଢ଼େଇମାନେ ସେହି ଆକାଶରୁ ଥଣ୍ଟରେ ଧରି ଖାଇ ଦିଅନ୍ତି । କେତେବେଳେ ଯଦି ଝଞ୍ଜା ପବନ ହେଲା ତ ତାଙ୍କର ସବୁ ନୀଡ଼ ଭାଙ୍ଗି ତଳେ ପଡ଼ିଯାଏ, ପୁଣିଥରେ ସେମାନଙ୍କୁ ନୀଡ଼ ଗଢ଼ିବାର କଷ୍ଟ କରିବାକୁ ହୁଏ । ଏ ସମସ୍ତ ବିପଦରେ ସେମାନଙ୍କର ସହାୟକ ହେବ କିଏ ? ଆହୁରି ମଧ୍ୟ ଏଠାରୁ ଧରା ହୋଇ ଯାଇଥିବା ଶହ ଶହ ବା ହଜାର ସଂଖ୍ୟକ ପକ୍ଷୀ ଏବେ ପଲ୍ଲୀଗାଁ ବା ସହରରେ ପିଞ୍ଜରାବଦ୍ଧ ହୋଇ ବନ୍ଦି ଜୀବନ କାଟୁଛନ୍ତି । ପକ୍ଷୀକୁଳର ଦୁଃଖ କଷ୍ଟକୁ ଦେଖୁଛି କିଏ ? ଏମାନଙ୍କ ମୁଖରେ ଭାବ ପ୍ରକାଶ ଫୁଟି ଦିଶେ ନାହିଁ କି ଏମାନଙ୍କ ଭାଷାକୁ ସମସ୍ତେ ବୁଝନ୍ତି ନାହିଁ, ଏଣୁ ଏମାନଙ୍କ ଉପରେ କାହାରି ସୁଦୃଷ୍ଟି ପଡ଼େ ନାହିଁ । ନିଜ ଭାଗ୍ୟକୁ ଆଶ୍ରୟ କରି ଏମାନେ ବଞ୍ଚନ୍ତି ।

ଦିନେ ଏଇ ଭଳି କିଛି ମହାଦୁଃଖର ଘଟଣା ଘଟିଲା ଯେଉଁଥି ପାଇଁ ବିହଙ୍ଗମ ରାଜ୍ୟରେ ବିଷାଦର ଛାୟା ଖେଳିଗଲା । ସମସ୍ତେ ହତାଶ ହୋଇ ଗଛ ଡାଳରେ ବସିଥା'ନ୍ତି । ଏହି ସମୟରେ ସୁଦୂର ଆକାଶରେ ପୂର୍ବରୁ ଅଦେଖା ବୃହତ୍ ପକ୍ଷଧାରୀ ଗୋଟିଏ ତେଜସ୍ୱୀ ବିହଙ୍ଗ ଉଡ଼ି ଆସୁଥିବାର ଦେଖାଗଲା । କ୍ରମେ ସେ ଏହି ପପା ଅରଣ୍ୟକୁ ଆସି, ସୁମଧୁର ସ୍ୱରରେ ରାବି ରାବି, ଗଛରୁ ଗଛ, ଶାଖାରୁ ଶାଖା ଉଡ଼ି ବୁଲିବାକୁ ଲାଗିଲା । ତା'ର ପକ୍ଷରେ ନାନା ରଙ୍ଗର ପର ଗୁମ୍ଫିଲା ଭଳି ରହିଥିଲା । ଏଣୁ ଚଢ଼େଇମାନେ ଏହାକୁ ''ସୁନ୍ଦରପକ୍ଷ'' ବୋଲି ଡାକିବାକୁ ଲାଗିଲେ । ତା'ର ସୁରୂପ, ସୁସ୍ୱର ଓ ଶାନ୍ତ ମୁଖମଣ୍ଡଳକୁ ଦେଖି ସମସ୍ତ ପକ୍ଷୀ ନିଜର ସକଳ ଦୁଃଖ ଭୁଲି ଗଲେ । ସେ କାହାକୁ କିଛି କହୁ ନ ଥିଲା କିନ୍ତୁ ସେ ଆସିଲେ ତା'ର ଶୀତଳ ସ୍ପର୍ଶରେ ଚଢ଼େଇମାନଙ୍କ ହୃଦୟର ପୀଡ଼ା କୁଆଡ଼େ ଉଭେଇ ଯାଏ । ସେମାନେ ଦେଖିଲେ, ସୁନ୍ଦରପକ୍ଷ ଭୂମିର ଅନ୍ନରେ ବଞ୍ଚୁ ନାହିଁ; ତେବେ ସ୍ୱର୍ଗର ଅମୃତରେ ସେ ନିଶ୍ଚୟ ବଞ୍ଚୁଛି । ସମସ୍ତେ ଏହାକୁ ଦେବପକ୍ଷୀ ବୋଲି ଭାବିବାକୁ ଲାଗିଲେ । ଯଦି କୌଣସି ଦିନ ସେମାନେ ତାକୁ ନ ଦେଖନ୍ତି ତେବେ ସେମାନଙ୍କର ସେ ଦିନଟି ନିଷ୍ଫଳ ହେଲା ବୋଲି ଭାବନ୍ତି ।

ଅକସ୍ମାତ୍ ପପା ବନରେ ସେ ଆଉ ଦେଖାଗଲା ନାହିଁ । ଦୁଃଖରେ ପକ୍ଷୀମାନଙ୍କ ମନରେ ନାନା ଅଶୁଭ ଚିନ୍ତା ଆସୁଥିଲା । ବନଭୂମି ଓ ଶବରପଲ୍ଲୀରେ ସେମାନେ ଯେତେ ଖୋଜିଲେ କେଉଁଠାରେ ହେଲେ ତାକୁ ପାଇଲେ ନାହିଁ । ଥରେ ସେମାନେ ସ୍ଥିର କଲେ ଯେ ସହରରେ ତାକୁ ଖୋଜିବେ । କିନ୍ତୁ କିପରି ? ବନ ପକ୍ଷୀଙ୍କୁ ନଗରରେ ଦେଖିଲେ ନଗରବାସୀମାନେ ନାନା ଆଶଙ୍କା କରିବେ, ଭୟ ପାଇବେ, ଆମ ଉପରେ ହୁଏତ ଆକ୍ରମଣ କରିବେ । ଏଣୁ ସେମାନେ ମୟୂରକୁ ଅନୁରୋଧ କଲେ । ସେ ନଗରରେ ପ୍ରବେଶ କରି ସୁନ୍ଦରପକ୍ଷକୁ ଖୋଜିବ ଓ ପାରାମାନଙ୍କୁ ତା'ର ରୂପ, ଗୁଣ କହି ସେମାନଙ୍କୁ ବି ଖୋଜିବା ପାଇଁ ପଠାଇବ ବୋଲି ତାକୁ ପ୍ରସ୍ତାବ ଦେଲେ ।

ମୟୂର ସେମାନଙ୍କ ପ୍ରସ୍ତାବ କ୍ରମେ ସହର ଅଭିମୁଖେ ଚାଲିଲା । ପାରାମାନେ ତା' ପାଖରୁ ସୁନ୍ଦରପକ୍ଷ ବିଷୟରେ ଜାଣି ଦଳ ଦଳ ହୋଇ ତୀବ୍ର ବେଗରେ ନଗରରେ ଖୋଜିବାକୁ ଲାଗିଲେ । ଥରେ ଗୋଟିଏ ପାରା ଦେଖିଲା ଯେ ସେହି ଅପୂର୍ବ ପକ୍ଷୀଟି ଗୋଟିଏ ଧନିକର ବଡ଼ ଲୁହା ପଞ୍ଜୁରିରେ ଆବଦ୍ଧ ହୋଇ ବସିଛି । ଧନିକର ପରିବାର ତାକୁ ଖାଇବା ପିଇବାକୁ ଯେତେ ଦେଲେ ବି ସେ କିଛି ଛୁଉଁ ନାହିଁ । ଏହା ଦେଖି ସେମାନେ ଉଦ୍‌ବିଗ୍ନ

*(ଅବଶିଷ୍ଟାଂଶ ୫୭ ପୃଷ୍ଠାରେ ଦେଖନ୍ତୁ)*

# ତଥ୍ୟ ଦୃଷ୍ଟିରୁ ଅଜ୍ଞାତପ୍ରାୟ ଆମ ସାହିତ୍ୟ ପ୍ରବାହର ପ୍ରଣମ୍ୟ ଭଗୀରଥବୃନ୍ଦ

***ପ୍ରଶ୍ନ** : ବ୍ୟାସ, ବାଲ୍ମୀକି, କାଳିଦାସ ଇତ୍ୟାଦିଙ୍କର ଇଂରାଜୀରେ ସଂକ୍ଷିପ୍ତ ପ୍ରାମାଣ୍ୟ ଜୀବନୀ କାହିଁ ମିଳିବ ? ବାଲ୍ମୀକିଙ୍କ ଦେହ ଉପରେ ଉଇହୁଙ୍କା ହୋଇ ଯାଇଥିଲା; କାଳିଦାସ ଏଡ଼େ ମୂର୍ଖ ଥିଲେ ଯେ ଗଛ ଡାଳରେ ବସି ତାକୁ ମୂଳରୁ କାଟୁଥିଲେ, ଏଭଳି ଅଜବ କାହାଣୀସବୁ ପରିବର୍ତ୍ତେ ତଥ୍ୟ ଭିତ୍ତିକ ଜୀବନ ଚରିତ ପଢ଼ିବା ମୋର ଉଦ୍ଦେଶ୍ୟ ।*

**ଉତ୍ତର** : ସାହିତ୍ୟ ଏକାଡ଼େମୀ (କେନ୍ଦ୍ର) ପ୍ରକାଶିତ "Makers of Indian Literature" ଗ୍ରନ୍ଥମାଳାରେ ଆପଣ ପ୍ରଥମ ଦୁଇ ଗୁଣ ସମ୍ବଳିତ, ଅର୍ଥାତ୍ ଇଂରାଜୀରେ ଲିଖିତ ତଥା ସଂକ୍ଷିପ୍ତ ଜୀବନୀ ପାଇ ପାରିବେ । କିନ୍ତୁ ପ୍ରାମାଣ୍ୟ ? କ୍ଷମା କରିବେ । ଏମାନଙ୍କ ଉପରେ ବେଶ୍ କେତୋଟି ବହି ରହିଛି, କିନ୍ତୁ ଗବେଷଣାଲବ୍ଧ ତଥ୍ୟଭିତ୍ତିକ ବହି ଅଦ୍ୟାବଧି ସମ୍ଭବ ହୋଇ ନାହିଁ । ଏମାନଙ୍କ କାଳ ସମ୍ପର୍କରେ ମଧ୍ୟ ଐତିହାସିକମାନେ ଏକମତ ହୋଇପାରି ନାହାନ୍ତି ।

ଏ ମହାନ୍ ପ୍ରତିଭାମାନଙ୍କ ସମ୍ପର୍କରେ ପ୍ରଚଳିତ କିଂବଦନ୍ତୀ ସବୁରେ ଅଜବ ଏବଂ ଉଦ୍ଭଟ ଉପାଦାନ ବହୁତ, ସେଥିରେ ସନ୍ଦେହ ନାହିଁ । କିନ୍ତୁ ସେସବୁକୁ ହେୟ ଜ୍ଞାନ ନ କରି ସହାନୁଭୂତି ସହକାରେ ସେ ସବୁର ତାତ୍ପର୍ଯ୍ୟର ସନ୍ଧାନ କରିବାକୁ ହେବ । ଆମେ ମନେ ରଖିବା ଆବଶ୍ୟକ ଯେ ମହାକାବ୍ୟର କବିମାନେ ଆମ ଭଳି ହେତୁସର୍ବସ୍ୱ ବାସ୍ତବବାଦୀ ନ ଥିଲେ । ସେମାନଙ୍କ ଦୃଷ୍ଟିକୋଣ ବ୍ୟାପକତର ଥିଲା । ସ୍ଥୂଳ ସହ ସେମାନେ ଦେଖୁଥିଲେ ନାନାଦି ସୂକ୍ଷ୍ମ ଶକ୍ତିଙ୍କ ଖେଳ । ତଦନୁରୂପ ଥିଲା ସେମାନଙ୍କ ଶୈଳୀ । ବରୁଣ ପୁତ୍ର ଯୁବକ ରତ୍ନାକର ଘଟଣାଚକ୍ରରେ ଆପଣା ପରିବେଶ ପ୍ରଭାବରେ ଦସ୍ୟୁବୃତ୍ତି ଆଦରି ନେଇଥିଲେ; ତାଙ୍କ ଆନ୍ତର ଚେତନା କିନ୍ତୁ ବିକଶିତ ଥିଲା; ସେ ଥିଲେ ସତେ ଅବା ରତ୍ନର ଆକର । ଦେବର୍ଷି ନାରଦ ତାଙ୍କୁ ତାଙ୍କ ସ୍ୱଧର୍ମ ସମ୍ପର୍କରେ ସଚେତନ କରି ଦିଅନ୍ତେ ସେ ତପସ୍ୟାମଗ୍ନ ରହିଲେ ଦୀର୍ଘକାଳ । ବଲ୍ମୀକ ବା ଉଇହୁଙ୍କାରୁ ବାହାରି ଆସିବାର ଅର୍ଥ ଆତ୍ମକ୍ଷୟୀ ଅଜ୍ଞାନତା ଭିତରୁ ଉତ୍ତୀର୍ଣ୍ଣ ହୋଇ ନବଜନ୍ମ ଗ୍ରହଣ କରିବା ।

''ପ୍ରାମାଣ୍ୟ''ର ଅର୍ଥ ଯାହା ସମ୍ପର୍କରେ ସମସାମୟିକ ଶିଳାଲିପି ବା ପାଣ୍ଡୁଲିପି ଭଳି ତଥ୍ୟଗତ ସାକ୍ଷ୍ୟ ରହିଥିବ । ବ୍ୟାସଙ୍କ ସମ୍ପର୍କରେ ଅବଶ୍ୟ ମହାଭାରତ ଏବଂ ପୁରାଣମାନଙ୍କରୁ ବହୁକଥା ଜାଣି ହୁଏ । କିନ୍ତୁ ବାଲ୍ମୀକିଙ୍କ ସମ୍ପର୍କରେ ଏତିକି ଜଣାଯାଏ ଯେ ସେ ଶ୍ରୀରାମଙ୍କଠାରୁ ବୟସରେ ଯଥେଷ୍ଟ ବଡ଼ ହେଲେ ମଧ୍ୟ ତାଙ୍କ ସମସାମୟିକ ଏବଂ ସେ ନାରଦଙ୍କଠାରୁ ଶ୍ରୀରାମଙ୍କ ବୃତ୍ତାନ୍ତ ଶ୍ରବଣ କରିଥିଲେ । ଦିନେ ଋଷିବର ତମସା ନଦୀ କୂଳରେ ବୁଲୁଥିବା ବେଳେ ତାଙ୍କ ସ୍ନେହମୟ ଦୃଷ୍ଟି ଆକୃଷ୍ଟ ହେଲା ଯୋଡ଼ିଏ କ୍ରିୟାରତ କ୍ରୌଞ୍ଚ ପକ୍ଷୀ ପ୍ରତି । ଆକସ୍ମିକ ଭାବରେ ସେ ପାଇଲେ ଦାରୁଣ ଆଘାତ । ଅଦୂରରୁ ଜଣେ ଶିକାରୀ ପକ୍ଷୀ ଯୋଡ଼ିକରୁ ଗୋଟିକକୁ ତୀରବିଦ୍ଧ କରି ହତ୍ୟା କଲା । ଅନ୍ୟ ପକ୍ଷୀ ଗୋଟିକ ବିକଳ ଭାବରେ ଉଡ଼ି ବୁଲୁଥାଏ ଆର୍ତ୍ତନାଦ କରି । ତତ୍‌କ୍ଷଣାତ୍ ବାଲ୍ମୀକିଙ୍କ କଣ୍ଠରୁ ନିର୍ଗତ ହେଲା ଏହି ଅମର ଶ୍ଳୋକ : ''ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ ଶାଶ୍ୱତୀ ସମାଃ । ଯତ୍ କ୍ରୌଞ୍ଚମିଥୁନାଦେକମବଧୀଃକାମମୋହିତମ୍ ।''

ସେଯାବତ୍ ସୃଷ୍ଟ ଶ୍ଳୋକରାଶିରୁ ଆଧ୍ୟାତ୍ମିକ ସ୍ତରର ନାନାଦି ସତ୍ୟର ଆଭାସ ମିଳୁଥାଏ । ବାଲ୍ମୀକିଙ୍କ କଣ୍ଠ ନିର୍ଗତ ଏହି ସ୍ୱତଃସ୍ଫୂର୍ତ୍ତ ଶ୍ଳୋକ ହିଁ ପ୍ରଥମ ବାସ୍ତବସ୍ତରୀୟ କବିତା; ଏଥିରେ ନିହିତ ସାହିତ୍ୟର ଆଭିମୁଖ୍ୟ । ଏକ ବିଶେଷ ଦୃଷ୍ଟିରୁ ଜୀବନ ସର୍ବଦା ସଂହତିମୁଖୀ; କିନ୍ତୁ ସଂହତିରେ ବିଭ୍ରାଟ ରଚିବା ସକାଶେ ସର୍ବଦା ଉଦ୍ୟତ ଅସଂହତିର ଶକ୍ତି । ଏ ମହାନ୍ ଶ୍ଳୋକ ସେହି ଅସଂହତି ବିରୋଧରେ ବିକ୍ଷୋଭ; ଏକ ପ୍ରତିବାଦ, ଏକ ଚେତାବନୀ ଯେ ସେ ଶକ୍ତି କଦାଚ ପ୍ରତିଷ୍ଠା ବା ଶାଶ୍ୱତ ସ୍ୱୀକୃତି ଲାଭ କରିପାରିବ ନାହିଁ ।

ରାମାୟଣର ''ଉତ୍ତରକାଣ୍ଡ''ରେ ବାଲ୍ମୀକି ସ୍ୱୟଂ ଏକ ମୁଖ୍ୟ ଚରିତ୍ର । କିନ୍ତୁ ସେ କାଣ୍ଡ ପ୍ରକ୍ଷିପ୍ତ; ପରବର୍ତ୍ତୀ କାଳରେ କୌଣସି ଧୀମାନ୍ କବି ଓ ତୀବ୍ର ସମାଜ ସମାଲୋଚକଙ୍କ ଦ୍ୱାରା

ରଚିତ । ଅତୁଳନୀୟ, ଅଜ୍ଞାତପ୍ରାୟ ବ୍ୟକ୍ତିତ୍ୱ, ଭାରତୀୟ ସାହିତ୍ୟର ଜନକ ମହାକବି ବାଲ୍ମୀକିଙ୍କ ରାମାୟଣ ଶ୍ରୀରାମଙ୍କ ରାଜ୍ୟାଭିଷେକରେ ସମାପିତ ।

କାଳିଦାସଙ୍କ ସମ୍ପର୍କରେ କିଂବଦନ୍ତୀସମୂହ ଲୋକକଥା ପର୍ଯ୍ୟାୟଭୁକ୍ତ । ତାଙ୍କ ଆଦି ନାମ ଜଣା ନାହିଁ । ଧାରାନଗରୀ ବ୍ୟାପୀ କୁଆଡ଼େ ସେଭଳି ମୂର୍ଖ ଯୁବକ ଦ୍ୱିତୀୟ ନ ଥିଲେ । ଜନୈକା ଜ୍ଞାନୋଦ୍ଧତା ରାଜକୁମାରୀଙ୍କ ଦ୍ୱାରା ଅପମାନିତ ପଣ୍ଡିତ ଏବଂ ଅମାତ୍ୟବର୍ଗ ଷଡ଼୍‌ଯନ୍ତ୍ର କରି କୌଣସିମତେ ସେ ଯୁବକଙ୍କୁ ରାଜସଭାରେ ଅନନ୍ୟ ପଣ୍ଡିତ ରୂପେ ଉପସ୍ଥାପନ କରି ତାଙ୍କୁ ରାଜକୁମାରୀଙ୍କ ପାଣିଗ୍ରହଣ କରାଇ ଦେଲେ । ଯାହା ଅନିବାର୍ଯ୍ୟ ତାହା ଘଟିଲା ଅବିଳମ୍ବେ; ନିଶାର୍ଦ୍ଧରେ ପ୍ରାସାଦରୁ ବିତାଡ଼ିତ ହେଲେ ବରପାତ୍ର; ଜନଶୂନ୍ୟ ପଥରେ ଦୌଡ଼ି ଯାଇ ପ୍ରବେଶ କଲେ କାଳୀ ମନ୍ଦିରରେ; ଦେବୀଙ୍କ ଖଡ଼୍‌ଗ ଯୋଗେ ନିଜ ଜୀବନ ହାରିବାକୁ ବସନ୍ତେ ଦେବୀ ତାଙ୍କୁ ସେ ଭ୍ରାନ୍ତ କର୍ମରୁ ନିବୃତ୍ତ କରି ତାଙ୍କ ମାଗୁଣି କ'ଣ ପୁଚ୍ଛା କଲେ ଏବଂ ଯୁବକ ରାତାରାତି ପଣ୍ଡିତ-କବି ହେବାର ବାସନା ଜ୍ଞାପନ କଲେ । ଦେବୀ ତାଙ୍କୁ ସକରୁଣ ଜଣାଇଲେ କି ଆଗତ ବାର (ମତାନ୍ତରେ ଅଧିକ) ଜନ୍ମକାଳ ଭିତରେ ଯୁବକଟିର ଚେତନା ସେଭଳି ପର୍ଯ୍ୟାୟକୁ ଉନ୍ନୀତ ହେବାର ସମ୍ଭାବନା ନାହିଁ । ଯୁବକ ପୁନର୍ବାର ଖଡ଼୍‌ଗ ଉତ୍ତୋଳନ କଲେ । ଅର୍ଥାତ୍ ଆଜିର ଭାଷାରେ ସେ ଦେବୀଙ୍କୁ ଇମୋସନାଲ୍ ବ୍ଲାକ୍‌ମେଲ୍ କଲେ । ଅଗତ୍ୟା ଦେବୀ ସେହିଠାରେ ବାର ଥର ଯୁବକଙ୍କର ପ୍ରାଣ ନେଲେ ଏବଂ ଦେଲେ । (ଲୋକକଥାର ଅପେକ୍ଷାକୃତ ସ୍ଥୂଳ ସଂସ୍କରଣରେ ଦେବୀ ସ୍ୱୟଂ ତାଙ୍କୁ ବାରଂବାର ଗିଳି ବାହାର କଲେ ।) ଫଳରେ ବ୍ୟକ୍ତିଗତ କ୍ରମବିକାଶ ନିୟମଟି ପ୍ରତୀକାତ୍ମକ ରୂପେ ପାଳିତ ହୋଇଗଲା । ନିଶାର୍ଦ୍ଧରେ ମନ୍ଦିରରେ ପ୍ରବେଶ କରିଥିବା ଗଣ୍ଡମୂର୍ଖ ଯୁବକ ପ୍ରଭାତ ବେଳକୁ ପ୍ରବୀଣ ପଣ୍ଡିତରେ ରୂପାନ୍ତରିତ ହୋଇ ଆତ୍ମପ୍ରକାଶ କଲେ । କାଳିଦାସ ନାମରେ ସୃଜିଲେ ନିଜର ଚମକପ୍ରଦ ପରିଚୟ ।

ଏଭଳି ହାସ୍ୟକର କିଂବଦନ୍ତୀକୁ ମନ୍ଥନ କଲେ ସେଥିରୁ ଉଦ୍‌ଗତ ହେବେ ଯୋଡ଼ିଏ ଶିକ୍ଷା; ପ୍ରଥମ, ଜନସାଧାରଣଙ୍କ ଦୃଷ୍ଟିରେ କାଳିଦାସ ଏଡ଼େ ବିସ୍ମୟକର ପ୍ରତିଭା ଯେ ବହୁ ଜନ୍ମର ସଚେତନ ଅଭୀପ୍ସା-ଅଧ୍ୟୟନ ବିନା ସେଭଳି ମେଧା ସମ୍ଭବପର ହୋଇ ନ ଥା'ନ୍ତା । ଦ୍ୱିତୀୟ, ଦିବ୍ୟ କୃପାର ଅସାଧ କିଛି ନାହିଁ, ଯାହା ଦ୍ୱାରା ମୂକ ବାଚାଳ ବନିପାରେ ଏବଂ ପଙ୍ଗୁ ଗିରି ଲଂଘନ କରିପାରେ, ତାହା ଦ୍ୱାରା ଗଣ୍ଡମୂର୍ଖ ମହାକବିରେ ରୂପାନ୍ତର ହେବା ରୂପକ ଚମତ୍କାର ବା ସାଧିତ ନ ହେବ କାହିଁକି ? ଏଭଳି କିଂବଦନ୍ତୀ ସବୁ କ୍ଷେତ୍ରରେ ତଥ୍ୟ ନୁହେ, ସେସବୁରେ ନିହିତ ତତ୍ତ୍ୱ ହିଁ ଗୁରୁତ୍ୱପୂର୍ଣ୍ଣ ।

**– ମନୋଜ ଦାସ** ❑

---

(*ପୃଷ୍ଠା ୫୫ର ଅବଶିଷ୍ଟାଂଶ*)

ହୋଇ ଉଠିଲେଣି । ନ ଖାଇ ନ ପିଇ ପକ୍ଷୀଟି ମରିଯାଇ ପାରେ । ଭୀତମନ ନେଇ ପାରାମାନେ ଶୀଘ୍ର ଆସି ମୟୂରକୁ ସବୁକଥା ଜଣାଇଲେ । ମୟୂର ଚିନ୍ତା କରୁଛି :

ଦେବତା ହେଉ ବା ଦେବାଧିଦେବ,
ଧରଣୀର ମାଟି ଯଦି ଛୁଇଁବ ।
ନିୟତି ଅଚିରେ ଧରି ଆଣିବ,
ପଞ୍ଜୁରିରେ ତାକୁ ପୂରାଇ ଦେବ ।

ସୁନ୍ଦରପକ୍ଷର ମୁକ୍ତି ଚିନ୍ତା ସମସ୍ତଙ୍କୁ ଘାରିଲା । ଗୋଟିଏ କୋଟରରେ ବୃଦ୍ଧ ପେଚାଟିଏ ବସି ଏମାନଙ୍କ କଥା ଶୁଣୁଥିଲା । ସେ କହିଲା, ‘‘ମୁଁ ଭାବୁଛି କୁଆମାନେ ଏହି କାମଟି ନିଶ୍ଚୟ କରି ପାରିବେ ।’’ ଏକଥା ସମସ୍ତଙ୍କୁ ଠିକ୍ ଲାଗିଲା । ମୟୂର କୁଆମାନଙ୍କୁ ପାଖକୁ ଡାକି ଏହି କାମଟିର ଆଦେଶ ଦେଲା ।

ପରଦିନ ପ୍ରଭାତରେ ଅସଂଖ୍ୟ କୁଆ ସେହି ଧନିକର ଘର ପାଖରେ ପହଞ୍ଚି କା...କା... ଶବ୍ଦରେ ସମସ୍ତଙ୍କୁ ପୂରା ବ୍ୟସ୍ତ ବିବ୍ରତ କରିଦେଲେ । ସେହି ଘରର ଲୋକେ ସହଜରେ ଏହାର କାରଣ ଜାଣି ପାରିଲେ । ଏଣେ ସୁନ୍ଦରପକ୍ଷର ଖିଆପିଆ ନାହିଁ ବୋଲି ଚିନ୍ତା, ତେଣେ କୁଆମାନଙ୍କ ଉପଦ୍ରବ – ଏହି ଉଭୟରୁ ମୁକ୍ତି ମିଳିବ ଯଦି ସୁନ୍ଦରପକ୍ଷକୁ ଛାଡ଼ି ଦିଆଯାଏ । ଏହା ନିଶ୍ଚୟ କରି ଧନିକ ଘରର ଲୋକେ ପଞ୍ଜୁରିଟିକୁ ବାହାରକୁ ଆଣି ସୁନ୍ଦରପକ୍ଷକୁ ଛାଡ଼ି ଦେଲେ । ସେ ନିଜର ସେହି ବିଚିତ୍ର ବର୍ଣ୍ଣର ପକ୍ଷକୁ ଆକାଶରେ ବିସ୍ତାର କରି ଅଦୃଶ୍ୟ ହୋଇଗଲା । ଧନିକର ଘର ପରିବେଶ ଶାନ୍ତ ହୋଇଗଲା ।

ଚଢ଼େଇମାନେ ତାକୁ ମୁକ୍ତି ଦେଲେ ସିନା କିନ୍ତୁ ସେମାନେ ଏପର୍ଯ୍ୟନ୍ତ ବି ଜାଣନ୍ତି ନାହିଁ ଯେ ସୁନ୍ଦରପକ୍ଷ ବନ୍ଦୀ ହେଲା କିପରି !!

❑❑❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 4** **R.N.I. No. 18163/70.**
Navaprakash (Monthly), April, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**